ଜାତୀୟ ହକି ଦଳରେ ସୁନେଲିତା

▶ପୃଷ୍ଠା ୧୨ ଦେଖନ୍ତୁ...

- RN IRE GDN O :42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-335 ♦WEDNESDAY ♦3 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୩୫ ♦ବୁଧବାର ♦୩ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦₹.୭.୦୦



ଆଶ୍ୱସ୍ତି
ରଜରେ ଓଡ଼ିଶା ଛୁଇଁବ ମୌସୁମୀ

■ ନୂଆଦିଲ୍ଲୀ, ୨।୬(ଏଜେନ୍ସି): ପୁଣି ବିଳମ୍ବିତ ହେଲା ମୌସୁମୀ । ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧ ବଦଳରେ ଆସନ୍ତା ଜୁନ୍ ୪ ତାରିଖରେ କେରଳ ଛୁଇଁବ । ମୌସୁମୀ ୪ ଦିନ ବିଳମ୍ବରେ ଆସୁଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି । ଏହାସହିତ ଭାରତରେ ବିଧିବଦ୍ଧ ଭାବେ ବର୍ଷା ଋତୁ ଆରମ୍ଭ ହୋଇଯିବ ଏବଂ ଦକ୍ଷିଣ ଭାରତରେ ବହୁ ପ୍ରତୀକ୍ଷିତ ବର୍ଷା ହେବ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ବିଶେଷ କରି କେରଳର କେତେକ ସ୍ଥାନରେ ୭ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେବୋଲିଚେତାବନୀଦିଆଯାଇଛି ।ମୌସୁମୀ ପ୍ରବାହ ଯୋଗୁଁ କେରଳ ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହାଛଡ଼ା ତାମିଲନାଡୁ ଏବଂ କର୍ଣ୍ଣାଟକର କିଛି ଅଂଶରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଆଇଏମ୍ଡି ସୂଚନା ଦେଇଛି । ଆରବ ସାଗରରେ ଜଳାୟବାଷ୍ପ ପୂର୍ଣ୍ଣ ମୌସୁମୀ ବାୟୁ ଶକ୍ତିଶାଳୀ ହେବା ସହ ଏହା ଉତ୍ତର ଦିଗକୁ ଅଗ୍ରସର ହେବାରେ ଲାଗିଛି । ଏହି ପ୍ରକ୍ରିୟା ସ୍ୱାଭାବିକ ରହିଲେ ଆସନ୍ତା ରଜ ବେଳକୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି କୁହାଯାଇଛି । କାରଣ କେରଳ ସ୍ପର୍ଶ କରିବାର ୧୦ ଦିନରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥାଏ ।

୪ରେ ପହଞ୍ଚିବ କେରଳ ଉପକୂଳ

ଆଇଏମ୍ଡି ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ମୌସୁମୀ ପବନ ପ୍ରବାହ ଦୁର୍ବଳ ହୋଇଯାଇଥିବାରୁ ଏହି ବିଳମ୍ବ ଘଟିଛି । ପୂର୍ବରୁ ମୌସୁମୀ ମେ' ୨୬ ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଏହା ଜୁନ୍ ୪ ତାରିଖ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ଅଛି । ମୌସୁମୀ ଅନୁମାନ ପାଇଁ ମୁଖ୍ୟତଃ ଆରବ ସାଗରରେ ପଶ୍ଚିମା ପବନର ଏକ ନିର୍ଦ୍ଦିଷ୍ଟ ବେଗ ରହିବା ଆବଶ୍ୟକ । ଏହାସହ ଆକାଶରେ ପର୍ଯ୍ୟାପ୍ତ ପରିମାଣର ବାଦଲ ରହିବା ଜରୁରୀ । ବର୍ଷା ଏବଂ ବାଦଲର ସ୍ଥିତି ସନ୍ତୋଷଜନକ ଥିଲେ ମଧ୍ୟ ପଶ୍ଚିମା ପବନର ବେଗ କମ୍ ରହିଥିଲା । ମାତ୍ର ଗତ ଜୁନ୍ ୧ରୁ ପବନର ବେଗ ବଢ଼ିଥିବାରୁ ଏହା ୪ ତାରିଖରେ କେରଳ ଛୁଇଁବ ବୋଲି ଆଶା କରାଯାଉଛି । ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି ।

ମୌସୁମୀ ବିଳମ୍ବିତ ହେଇଥିବା ବେଳେ ସମଗ୍ର ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ।

ସିବିଏସ୍ଇ ବିବାଦ
ବିଦା ହେଲେ ଅଧ୍ୟକ୍ଷ, ସଚିବ

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପରୀକ୍ଷାରେ ଅନିୟମିତତା ପାଇଁ କେନ୍ଦ୍ର ସରକାର ଆଜି ସିବିଏସ୍ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ସେମାନଙ୍କ ପଦରୁ ହଟାଇ ଦେଇଛନ୍ତି । ଏହାସହିତ ଅନ୍-ସ୍କ୍ରିନିଂ ମାର୍କିଂ (ଓଏସ୍ଏମ୍) ସେବା ଯୋଗାଉଥିବା ସଂସ୍ଥା ସଂପର୍କରେ ତଦନ୍ତ ଲାଗି ସରକାର ଏକ କମିଟି ଗଠନ କରିଛନ୍ତି । ପରୀକ୍ଷା ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଓ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହୋଇଥିବା ବେଳେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାପରେ ସରକାର ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଉଭୟ ରାହୁଲ ସିଂହ ଏବଂ ହିମାଂଶୁ ଗୁପ୍ତା ହେଉଛନ୍ତି ବରିଷ୍ଠ ଆଇଏଏସ୍ ଅଧିକାରୀ ଏବଂ ସେମାନଙ୍କର ତତ୍ତ୍ୱାବଧାନରେ ସିବିଏସ୍ଇର ସମସ୍ତ ବ୍ୟବସ୍ଥା ପରିଚାଳିତ ହେଉଥିଲା । ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା, ଶିକ୍ଷା ବ୍ୟବସ୍ଥା, ଅନୁବନ୍ଧନ, ନୀତି କ୍ରିୟାନ୍ୱୟନ ଓ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନଙ୍କୁ ନ୍ୟସ୍ତ କରାଯାଇଥିଲା । ଏଥିରେ ବିଫଳ ହେବାରୁ ସେମାନଙ୍କୁ ହଟାଯାଇଛି ।

ସିବିଏସ୍ଇ ପରୀକ୍ଷାଫଳରେ ଯେଉଁ ତ୍ରୁଟିବିଚ୍ୟୁତି ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ମଧ୍ୟ ଯାଞ୍ଚ କରାଯିବ । ଏଥିଲାଗି ସରକାର ଜଣିକିଆ କମିଟି ଗଠନ କରିଛନ୍ତି । ରାଧା ଚୌହ୍ୱାନଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଛି । ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଦାୟୀ ଓଏସ୍ଏମ୍ ସେବା ସଂପର୍କରେ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦାଖଲ କରିବେ ଚୌହ୍ୱାନ । ଏହି କମିଟି କେଉଁ କେଉଁ ଦିଗରୁ ଯାଞ୍ଚ କରିବ ଏବଂ କେବେ ରିପୋର୍ଟ ଦାଖଲ କରିବ, ସେସଂପର୍କରେ ଏବେ କିଛି ଜଣାପଡ଼ି ନାହିଁ । ତେବେ ମିଳିଥିବା ସୂଚନା ଅନୁଯାୟୀ ଓଏସ୍ଏମ୍ ସେବା ପାଇଁ କିପରି ଟେଣ୍ଡର କରାଯାଇଥିଲା ଏବଂ ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ଗାଇଡଲାଇନ୍ସ ଅନୁକରଣ କରାଯାଇଥିଲା କି ନାହିଁ, ତାହାର ଯାଞ୍ଚ କରାଯିବ । ତେବେ ଦୁଇ ବରିଷ୍ଠ ଅଧିକାରୀଙ୍କ ବିରୋଧ ।ରେ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହେଉଛି ଯେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଛି ।

ଓଏସ୍ଏମ୍ ସେବାର ଯାଞ୍ଚ ପାଇଁ କମିଟି ଗଠିତ

ସୂଚନାଯୋଗ୍ୟ ଯେ ସିବିଏସ୍ଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶନ ପରେ ବିବାଦ ସୃଷ୍ଟି ହୋଇଥିଲା । ପରୀକ୍ଷାଫଳ ଅନେକ ଛାତ୍ରଛାତ୍ରୀଙ୍କ ଆଶାନୁରୂପ ହୋଇ ନଥିବାରୁ ସେମାନେ ପରୀକ୍ଷା ଖାତାର ପୁନଃମୂଲ୍ୟାୟନ ପାଇଁ ଅନଲାଇନରେ ଆବେଦନ କରିଥିଲେ । ଏତିକି ବେଳେ ଦେଖାଯାଇଥିଲା ଯେ ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମିସିଂ ଥିବା ବେଳେ ଆଉ କେତେକ ପରୀକ୍ଷାର୍ଥୀଙ୍କ ଖାତା ଅଦଳବଦଳ ମଧ୍ୟ ହୋଇଥିଲା । ▶ପୃଷ୍ଠା-୭

ସୀତାରାମ ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ର ନୂତନ ଅଧ୍ୟକ୍ଷ ଭାବେ ଭାରତୀୟ ସୂଚନା ସେବା ଅଧିକାରୀ ପ୍ରଶାନ୍ତ ସୀତାରାମ ଲୋଖଣ୍ଡେଙ୍କୁ ନିଯୁକ୍ତ କରାଯାଇଛି । ଏହା ସହିତ ବରୁଣ ଭରଦ୍ୱାଜଙ୍କୁ ବୋର୍ଡର ନୂତନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ୨୦୦୧ ବ୍ୟାଚ୍ର ଓଜିଏମ୍ୟୁଟି କ୍ୟାଡର ଅଧିକାରୀ ଲୋଖଣ୍ଡେ ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିଲେ । ସେହିପରି ବରୁଣ ଭରଦ୍ୱାଜ ପୂର୍ବରୁ ଶିକ୍ଷା ମନ୍ତ୍ରଣାଳୟରେ କାର୍ଯ୍ୟ କରୁଥିଲେ । ଆଜି ରାତିରେ ସେମାନଙ୍କର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି ।

ବରୁଣ ଭରଦ୍ୱାଜ ହେବେ ସଚିବ

ପୁଣି ବଢ଼ିଲା ବସ୍ ଭଡ଼ା

■ କଟକ, ୨।୬ (ସମିସ): ଡିଜେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପୁଣି ବସ୍ ଭଡ଼ା ବୃଦ୍ଧି କରିଛନ୍ତି । ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଭଡ଼ା ବୃଦ୍ଧି ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଗତ ମେ' ୧୫ରେ ରାଜ୍ୟରେ ଡିଜେଲ ଦର ଲିଟର ପିଛା ୯୫ ଟଙ୍କା ୮୭ ପଇସା ଥିଲା । ମେ' ୩୧ ସୁଦ୍ଧା ତାହା ୧୦୦ ଟଙ୍କା ୬୮ ପଇସାରେ ପହଞ୍ଚିଛି । ଡିଜେଲ ଦରରେ ସିଧାସଳଖ ୪ ଟଙ୍କା ୮୧ ପଇସା ବୃଦ୍ଧି ହୋଇଥିବାରୁ ବସ୍ ଭଡ଼ା ବୃଦ୍ଧି କରାଯାଇଛି ।

ବର୍ଦ୍ଧିତ ଭଡ଼ା ଅନୁସାରେ, ସାଧାରଣ ଯାତ୍ରୀବାହୀ (ଅର୍ଡିନାରି) ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏବେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି । ସେହିଭଳି, ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି । ଡିଲକ୍ସ ବସ୍ ଯାତ୍ରୀଙ୍କ ପାଇଁ ଭଡ଼ା ପୂର୍ବରୁ କିଲୋମିଟର ପିଛା ୧ୟ ପଇସା ଥିବା ବେଳେ ଏବେ ଏହା ୧ଟଙ୍କା ୩୫ ପଇସା ହୋଇଛି । ଏସି ଡିଲକ୍ସ ବସ୍ର ଭଡ଼ା କିଲୋମିଟର ପିଛା ୧ଟଙ୍କା ୫୯ ପଇସାରୁ ବୃଦ୍ଧି ପାଇ ୧ଟଙ୍କା ୬୩ ପଇସା ଧାର୍ଯ୍ୟ ହୋଇଛି । ସୁପର୍ ଡିଲକ୍ସ ବସ୍ରେ ଯାତ୍ରା କଲେ ଏବେ କିଲୋମିଟର ପିଛା ୨ଟଙ୍କା ୪୭ପଇସା ବଦଳରେ ୨ଟଙ୍କା ୫୩ ପଇସା ଦେବାକୁ ପଡ଼ିବ । ତେବେ ସହର ମଧ୍ୟରେ ଚଳାଚଳ କରୁଥିବା ଟାଉନ୍ ବସ୍ଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ବୋଲି କୁହାଯାଇଛି । ▶ପୃଷ୍ଠା-୭

ବାକି ୧୨ଟି ମାପଦଣ୍ଡ ଉପରେ ଝୁଲିଛି ନିଷ୍ପତ୍ତି

ସରକାରଙ୍କ ସହ ମାଲିକ ସଂଘର ବୈଠକ ୫ରେ

ବ୍ରିକ୍ସ ସମ୍ମିଳନୀ
ଆଜିଠୁ ବ୍ରିକ୍ସ ସମ୍ମିଳନୀ

■ ପୁରୀ, ୨।୬ (ସମିସ): ବିପର୍ଯ୍ୟୟ ମୁକାବିଲାରେ ସାରା ବିଶ୍ୱରେ ଉଦାହରଣ ସାଜିଥିବା ଓଡ଼ିଶା ପାଇଁ ଆଉ ଏକ ଗର୍ବର ବିଷୟ। ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ବ୍ରିକ୍ସ' ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) କାର୍ଯ୍ୟକାରୀ ଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ତାଜ୍ ପୁରୀ ରିସର୍ଟ ଆଣ୍ଡ ସ୍ପା'ଠାରେ ଏହି ହାଇ ପ୍ରୋଫାଇଲ୍ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍ଡିଏମ୍ଏ), ଭାରତ ସରକାର ଏହାକୁ ଆୟୋଜନ କରୁଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍ଡମା) ଏଥିରେ ସହଯୋଗ କରୁଛି । ବୈଠକରେ ବ୍ରିକ୍ସର ମୂଳ ସଦସ୍ୟ ଦେଶ ବ୍ରାଜିଲ୍, ରଷ୍ଟ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ସହିତ ସହଯୋଗୀ ଦେଶ ଭାବେ ୟୁଏଇ, ସାଉଦି ଆରବ, ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଉଛନ୍ତି । ଏହାବ୍ୟତୀତ ଏନ୍ଡିଏମ୍ଏ, ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ▶ପୃଷ୍ଠା-୭

ଏକାଠି ହେବେ ୧୧ ଦେଶର ପ୍ରତିନିଧି

ତ୍ରିସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର

ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି

ଜୁନ ୨୦ରେ ରାଇରଙ୍ଗପୁରରେ ସରକାରଙ୍କ ଦ୍ୱିତୀୟ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ

ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର / ରାଇରଙ୍ଗପୁର, ୨।୬ (ସମିସ): ରାଜ୍ୟ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି । କାର୍ଯ୍ୟକ୍ରମର ସଫଳ ଆ।।ୟୋଜନ ପାଇଁ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ବାଲିଅନ୍ତା ଭିଡ଼ହତ୍ୟା
ଘଟଣାସ୍ଥଳରେ ଏନ୍ଏଚ୍ଆରସି

■ ଭୁବନେଶ୍ୱର, ୨।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ମାମଲାରେ ଏନ୍ଏଚ୍ଆରସି ଟିମର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି । ମଙ୍ଗଳବାର ଏହି ଟିମ୍ ଘଟଣାସ୍ଥଳ ରାମଚନ୍ଦ୍ରପୁର କାଜ ନିକଟକୁ ଗସ୍ତ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି । କେଉଁ ପରିସ୍ଥିତିରେ ସୌମ୍ୟଙ୍କୁ ଆକ୍ରମଣ କରାଯାଇଥିଲା; ଏହି ସମୟରେ ପୁଲିସର ବ୍ୟବହାର କିଭଳି ଥିଲା ସେ ସମ୍ପର୍କରେ ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି ।

ଅନ୍ୟପକ୍ଷରେ ଏନ୍ଏଚ୍ଆରସିଙ୍କ ଟିମ୍ ଏଡ଼ିଜି ଲିଙ୍କରେ ତଥ୍ୟ ହାସଲ କରିବାରେ ଲାଗିଛି । ତଦନ୍ତ ୱିଙ୍ଗର ଦୁଇ ଅଧିକାରୀ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର ଏନେଇ ଏକାଧିକ ଲୋକଙ୍କୁ ପଚରାଉଚରା କରିଛନ୍ତି । ଏଡ଼ିଜିଙ୍କ ଦୁଇ ପିଏସ୍ଓ, ଜଣେ ଡ୍ରାଇଭର, ▶ପୃଷ୍ଠା-୭

ସୌମ୍ୟଙ୍କୁ ଏଡିଜିଙ୍କ ନିର୍ଯାତନା ଅଭିଯୋଗର ତଥ୍ୟ ସଂଗ୍ରହ

ଢେଙ୍କାନାଳରୁ ଆଉ ଜଣେ ଅଭିଯୁକ୍ତକୁ ଗିରଫ କଲା କ୍ରାଇମବ୍ରାଞ୍ଚ

ବାରଙ୍ଗ ଓ କବିସୂର୍ଯ୍ୟନଗର ଥାର୍ଡ ଡିଗ୍ରୀ

୧୫ ଦିନରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨।୬(ସମିସ): ବହୁଚର୍ଚ୍ଚିତ ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବାଧିକାର କମିସନ୍ । କଟକ ଡିଜିପି ଓ ପୁଲିସ ମହା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବାକୁ ଏନ୍ଏଚ୍ଆରସି ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ହେପାଜତରେ ନିର୍ଯାତନା ଓ ବେଆଇନ ଭାବେ ଅଟକ ରଖିବା ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଅଭିଯୋଗକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆୟୋଗ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ଦ୍ୱାରା ହେପାଜତରେ ନିର୍ଯାତନା ଓ ବେଆଇନ ଅଟକ ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଏବଂ କ୍ଷମତାର ଘୋର ଅପବ୍ୟବହାର ହୋଇଥିବା ▶ପୃଷ୍ଠା-୭

ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ଶାଶୂଙ୍କ ସାଂଘାତିକ ଅଭିଯୋଗ

ମୁହଁ ଖୋଲିଲେ ପୁଲିସ ଚିକିତ୍ସା କରାଇ ଦେବନି...

■ କଟକ/ବାରଙ୍ଗ, ୨।୬(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାର ଚର୍ଚ୍ଚିତ 'ଥାର୍ଡ ଡିଗ୍ରୀ' ହାଜତ ଅତ୍ୟାଚାର ମାମଲାରେ ପ୍ରତିଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଆଜି ପୀଡ଼ିତ ଯୁବକ ରାକେଶ ବେହେରାଙ୍କ ଶାଶୂ ମିନତି ସାହୁଙ୍କ ଏକ ବଡ଼ ବିସ୍ଫୋରକ ବୟାନ ସମଗ୍ର ପୁଲିସ ପ୍ରଶାସନର ନିଦ ହଜାଇ ଦେଇଛି । ଗତକାଲି ପୁଲିସ ପକ୍ଷରୁ ରାକେଶଙ୍କର ଏକ ବାଇକ୍ ଦୁର୍ଘଟଣା ହୋଇଥିବା ନେଇ ସୃଷ୍ଟି କରାଯାଇଥିବା ସରକାରୀ କାହାଣୀକୁ ଶାଶୂ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ପୁଲିସ ମିଛ କହୁଛି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଗଣମାଧ୍ୟମ ସାମ୍ନାରେ ନିଜର କୋହଭରା କଣ୍ଠରେ ପୁଲିସର କଳା କାରନାମାର ପର୍ଦ୍ଦାଫାସ କରି ସେ କହିଛନ୍ତି ଯେ ଯେଉଁ ଖାକି ପୋଷାକ ଜନସାଧାରଣଙ୍କୁ ସୁରକ୍ଷା ଦେବା କଥା, ସେମାନେ ନିଜ ପାପ ଲୁଚାଇବା ପାଇଁ ଯଦି ଏଭଳି ସ୍କ୍ରିପ୍ଟ ବଦଳାଇ ମିଛ କାହାଣୀ ରଚନା କରିବେ, ତେବେ ସାଧାରଣ ଜନତା କାହାକୁ ବିଶ୍ୱାସ କରିବେ? ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଯଦି ସେ ବର୍ତ୍ତମାନ ପୁଲିସର ସମସ୍ତ ଅସଲ ମୁଖା ଖୋଲିଦେବେ, ତେବେ ଏବେ ଯେଉଁ ପୁଲିସ ଦଳ ଆସୁଛନ୍ତି, ସେମାନେ ଏସ୍ସିବି ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ତାଙ୍କ ଜ୍ୱାଇଁର ଚିକିତ୍ସା କରାଇ ଦେବେ ନାହିଁ। ପୁଲିସର ଆକ୍ରୋଶମୂଳକ ମନୋଭାବକୁ ନେଇ ଭୟଭୀତ ଥିବା ଶାଶୂ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ପିଲା (ଜ୍ୱାଇଁ) ଟିକେ ସୁସ୍ଥ ହୋଇ ହସ୍ପିଟାଲରୁ ବାହାରକୁ ଆସିଲେ ସେ ସମୟକୁ ଅପେକ୍ଷା କରିଛନ୍ତି ଏବଂ ସେତେବେଳେ ସବୁ କଥା ସାରା ରାଜ୍ୟବାସୀଙ୍କ ସାମ୍ନାରେ ଖୋଲିକି କହିବେ ।

ଏଆଇ ଫଟୋ

ନିର୍ଦ୍ଦୋଷ ଯୁବକ ରାକେଶ ବେହେରାଙ୍କୁ ବାରଙ୍ଗ ଥାନା ଭିତରେ ମରଣାନ୍ତକ ମାଡ଼ ମରାଯିବା ଘଟଣାକୁ ▶ପୃଷ୍ଠା-୭

SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ଧାରଣା ଉପରେ ବସି ଟ୍ରେନ ଅଟକାଇଲେ ବଙ୍ଗଳା ହକର

ନୂଆଦିଲ୍ଲୀ/କୋଲକାତା, ୨।୬ (ଏଜେନ୍ସି): ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଗୋବରଦ୍ଧଙ୍ଗା ରେଳ ଷ୍ଟେସନରେ ରାଜ୍ୟରେ ଚାଲିଥିବା ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନ ବିରୋଧରେ ଶତାଧିକ ବ୍ୟବସାୟୀ ଏବଂ ହକର ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସେମାନେ ରେଳ ଧାରଣା ଉପରେ ବସି ରହି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ କରିଛନ୍ତି। ଆନ୍ଦୋଳନକାରୀମାନେ 'ଚଲ୍‌ବେ ନା, ଚଲ୍‌ବେ ନା' ସ୍ଲୋଗାନ ଦେଇ ନିଜର ଦୋକାନ ବଜାର ହଟାଇବା ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଜଣେ ବୃଦ୍ଧା ମହିଳା ଜୀବିକା ହରାଇବା ଦୁଃଖରେ ରେଳ ଧାରଣା ଉପରେ ଶୋଇ ରହିଥିବା ଦେଖିବାକୁ ମିଳିଛି। ସର୍ବସାଧାରଣ ସ୍ଥାନକୁ ମୁକ୍ତ କରିବା ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ଗତ ମାସରୁ ଏହି ଜମି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହା ପୂର୍ବରୁ ମେ ୩୧ରେ ଦମଦମ ଜଙ୍କସନ ଏବଂ ହାୱଡା ଷ୍ଟେସନରୁ ପ୍ରାୟ ୨୫୦ରୁ ଅଧିକ ଅସ୍ଥାୟୀ ଦୋକାନକୁ ବୁଲଡୋଜର ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ତେବେ ହକରମାନଙ୍କ ଅଭିଯୋଗ ଯେ, ସେମାନଙ୍କୁ କୌଣସି ପୂର୍ବ ସୂଚନା ନ ଦେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଭାବିତ ବ୍ୟବସାୟୀମାନେ ଥଇଥାନ କିମ୍ବା ବିକଳ୍ପ ବ୍ୟବସ୍ଥା ବିନା ଉଚ୍ଛେଦକୁ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯଦି ଆମକୁ ଥଇଥାନ କରା ନଯାଏ, ତେବେ ଆମେ ଆତ୍ମହତ୍ୟା କରିବାକୁ ବାଧ ହେବୁ ବୋଲି ଜଣେ ଦୋକାନୀ କ୍ଷୋଭର ସହ କହିଛନ୍ତି।

କ୍ରିକେଟ୍ ପିଚ୍ ରୋଲର ମାଡ଼ିଯିବାରୁ ୧୫ ବର୍ଷୀୟ ବାଳକର ମୃତ୍ୟୁ

ସୋଲାପୁର, ୨।୬(ଏଜେନ୍ସି): ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ଏକ ସମର କ୍ୟାମ୍ପରେ କ୍ରିକେଟ୍ ପିଚ୍ ପ୍ରସ୍ତୁତ କରୁଥିବା ସମୟରେ ପିଚ୍ ରୋଲର ତଳେ ଚାପି ହୋଇ ଜଣେ ୧୫ ବର୍ଷୀୟ କିଶୋରଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରିଛି। ମୃତ କିଶୋରଙ୍କ ନାମ ଆରଭ ଓରଫ୍ ବୀରେନ ଚୌଧୁରୀ ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଗତ ମେ ୩୦ରେ ବାର୍ସୀ ସହରରେ ଅନୁଷ୍ଠିତ ଏକ କ୍ରିକେଟ୍ ପ୍ରଶିକ୍ଷଣ ଶିବିରରେ ଏହି ଦୁର୍ଘଟଣା ଘଟିଥିଲା। ଅଭ୍ୟାସ ସେସନ ପାଇଁ ପିଚ୍ ପ୍ରସ୍ତୁତ କରିବାକୁ କୋଚମାନେ କିଛି ପିଲାଙ୍କୁ ଭାରି ପିଚ୍ ରୋଲର ଟାଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପିଲାମାନଙ୍କ ସହ ରୋଲର ଟାଣୁଥିବା ସମୟରେ ଆରଭ ହଠାତ୍ ସେହି ଭାରି ଯନ୍ତ୍ର ତଳେ ଚାପି

ହୋଇ ଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ପ୍ରାଣ ହରାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପିଲାମାନେ ଏହି ବିପଜ୍ଜନକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ସେଠାରେ କୌଣସି ବୟସ୍କ ବ୍ୟକ୍ତି କିମ୍ବା ସୁପରଭାଇଜର ଉପସ୍ଥିତ ନଥିଲେ। ସୁରକ୍ଷା ବ୍ୟବସ୍ଥାରେ ଏପରି ଚରମ ଅବହେଳା ଯୋଗୁଁ ବାର୍ସୀ ସିଟି ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ସୁପ୍ରିମକୋର୍ଟରେ ୫ ନୂତନ ବିଚାରପତିଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଉଚ୍ଚତମ ନ୍ୟାୟାଳୟର ୫ ଜଣ ନୂତନ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ ଆଧାରରେ କେନ୍ଦ୍ର ସରକାର ଏହି ନିଯୁକ୍ତିକୁ ଅନୁମୋଦନ କରିବା ପରେ ଆଜି ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଶପଥ ଗ୍ରହଣ କରିଥିବା ନୂତନ ବିଚାରପତିମାନେ ହେଲେ ଜଷ୍ଟିସ୍ ଶୀଲ ନାଗୁ, ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର, ଜଷ୍ଟିସ୍ ସଞ୍ଜୀବ ସଚଦେବା, ଜଷ୍ଟିସ୍ ଅରୁଣ ପଲ୍ଲୀ, ବରିଷ୍ଠ ଆଇନଜୀବୀ ଭି. ମୋହନା। ଗତ ମେ' ୨୨ ଏବଂ ମେ' ୨୭ରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏହି ନାମଗୁଡ଼ିକ ସୁପାରିଶ କରାଯାଇଥିଲା। ଏହା ପରେ କେନ୍ଦ୍ର ସରକାର ଗତକାଲି ୪ ଜଣ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ଅନୁମୋଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ଅଧ୍ୟାଦେଶ, ୨୦୨୬' ଜାରି କରିଥିଲେ। ଏହି ନୂତନ ଅଧ୍ୟାଦେଶ ଅନୁଯାୟୀ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ୩୪ ରୁ ୩୮ କୁ ବୃଦ୍ଧି ପାଇଛି।

ଇନ୍‌ଫ୍ଲୁଏନ୍‌ସରଙ୍କ ସନ୍ଦେହଜନକ ମୃତ୍ୟୁ

ଲକ୍ଷ୍ନୌ, ୨।୬(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସହରରେ ଜଣେ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର (ମାନସୀ)ଙ୍କ ମୃତଦେହ ଶ୍ୱଶୁର ଘରୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହାକୁ ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ମାନସୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମାନସୀଙ୍କ ସ୍ୱାମୀ ସାଗର ରାଜପୁତ ଓ ତାଙ୍କ ପରିବାର ଲୋକେ କାର୍ ଦାବି କରି ମାନସୀଙ୍କୁ ହତ୍ୟା କରିଛନ୍ତି ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫାଶୀରେ ଝୁଲାଇ ଦେଇଛନ୍ତି। ପୁଲିସର ପ୍ରାଥମିକ ସୂଚନା ରିପୋର୍ଟ ଅନୁସାରେ, କାନପୁରର ବାସିନ୍ଦା ମାନସୀ ୨୦୨୪ ମସିହାରେ ସାଗର ରାଜପୁତଙ୍କୁ ବିବାହ କରିଥିଲେ। ଉଭୟ ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ ଥିଲେ ଏବଂ ଇନ୍‌ଷ୍ଟାଗ୍ରାମରେ ସାଗରଙ୍କର ପ୍ରାୟ ୮ ଲକ୍ଷ ଫଲୋଅର୍ସ ରହିଛନ୍ତି। ବିବାହ ସମୟରେ ମାନସୀଙ୍କ ପରିବାର ପକ୍ଷରୁ ୭ ଲକ୍ଷ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଗୃହୋପକରଣ ଉପହାର ସ୍ୱରୂପ ଦିଆଯାଇଥିଲା। କିନ୍ତୁ ଏତିକିରେ ସନ୍ତୁଷ୍ଟ ନହୋଇ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ମାନସୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ।

ସୁରଟରେ ୨ଟି ବସ୍ ଧକ୍କା; ୬ ମୃତ

ସୁରଟ, ୨।୬(ଏଜେନ୍ସି): ଗୁଜରାଟର ସୁରଟ ଜିଲ୍ଲାରେ ମହାରାଷ୍ଟ୍ର ରାଜ୍ୟ ପରିବହନର ୨ଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟା ପରେ ବାରଡୋଲିର ଉଭା ଗ୍ରାମ ନିକଟସ୍ଥ ହାଇୱେରେ ଏହି ଦୁର୍ଘଟଣା ଘଟିଛି। ଭୀଷଣ ଧକ୍କା ପ୍ରଭାବରେ ଏକ ବସ୍ ନିୟନ୍ତ୍ରଣ ହରାଇ ଡିଭାଇଡର୍ ଡେଇଁ ରାସ୍ତାର ଅପରପାର୍ଶ୍ୱକୁ ଚାଲିଯାଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ ବାହାର କରାହୋଇଥିଲା। ୨୦ରୁ ଅଧିକ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ

ବୈରୁତ/ୱାସିଂଟନ, ୨।୬(ଏଜେନ୍ସି): ମଙ୍ଗଳବାର ଇସ୍ରାଏଲ ଦକ୍ଷିଣ ଲେବାନନରେ ନିଜର ସାମରିକ ଅଭିଯାନ ଜାରି ରଖିଥିବା ବେଳେ ଏହା ଶାନ୍ତି ପ୍ରକ୍ରିୟାକୁ ଏକ ବଡ଼ ଧକ୍କା ଦେଇଛି। ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ବୈରୁତ ଉପରେ ଆକ୍ରମଣ ନକରିବାକୁ ଅନୁରୋଧ କରିଥିଲେ। ଏହାପରେ ହିଜବୁଲ୍ଲା-ନିୟନ୍ତ୍ରିତ ଦକ୍ଷିଣ ବୈରୁତ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ଏବଂ ବଦଳରେ ହିଜବୁଲ୍ଲା ମଧ୍ୟ ଆକ୍ରମଣ ବନ୍ଦ ରଖିବ ବୋଲି ଆଶା ସଞ୍ଚାର ହୋଇଥିଲା। ତେବେ ଏହି ଆଶ୍ୱାସନା ସତ୍ତ୍ୱେ ଦକ୍ଷିଣ ଲେବାନନରେ ଯୁଦ୍ଧ ଜାରି ରହିବ ବୋଲି ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର ଇସ୍ରାଏଲ ସେନା ଦକ୍ଷିଣ ଲେବାନନର ନାବାଟିୟେ ସହରର ବାସିନ୍ଦାଙ୍କୁ ତୁରନ୍ତ ସ୍ଥାନ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସହ ବିଭିନ୍ନ ସହରରେ ଆକ୍ରମଣ ଜାରି ରଖିଛି।

ନେତନ୍ୟାହୁଙ୍କ ଉପରେ ବର୍ଷିଲେ ଟ୍ରମ୍ପ

ମୁଁ ନଥିଲେ ତୁମେ ଜେଲରେ ଥାଆନ୍ତ

ୱାସିଂଟନ/ତେଲ୍ ଅଭିଭ୍, ୨।୬(ଏଜେନ୍ସି): ଲେବାନନରେ ଇସ୍ରାଏଲର ବଢୁଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଇରାନ ସହିତ ଚାଲିଥିବା କୂଟନୈତିକ ଆଲୋଚନାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଟେଲିଫୋନ କଥାବାର୍ତ୍ତା ହୋଇଛି। ଆଲୋଚନା ସମୟରେ ଟ୍ରମ୍ପ ଅତ୍ୟନ୍ତ କ୍ଷୁବ୍ଧ ହୋଇ ନେତନ୍ୟାହୁଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁସାରେ, ଟ୍ରମ୍ପ ନେତନ୍ୟାହୁଙ୍କୁ 'ପାଗଳ' ବୋଲି ସମ୍ବୋଧନ କରିବା ସହ କହିଛନ୍ତି ଯେ, 'ଯଦି ମୁଁ ନଥାନ୍ତି, ତେବେ ତୁମେ ଆଜି ଜେଲରେ ଥାଆନ୍ତ। ମୁଁ ତୁମକୁ ବଞ୍ଚାଉଛି, କିନ୍ତୁ ବର୍ତ୍ତମାନ ସମସ୍ତେ ତୁମକୁ ଏବଂ ଇସ୍ରାଏଲକୁ ଘୃଣା କରୁଛନ୍ତି'। ଲେବାନନରେ ଯେ ଲେବାନନରେ ଆକ୍ରମଣ ଜାରି ରହିଲେ ୱାସିଂଟନ ସହ ଆଲୋଚନା ବାଧାପ୍ରାପ୍ତ ହେବ। ଏହି କଠୋର ବାର୍ତ୍ତାଳାପ ପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବେରୁତ

■ ଲେବାନନ୍ ଆକ୍ରମଣ ନେଇ କ୍ଷୁବ୍ଧ

ହିଜବୁଲ୍ଲା ବିରୋଧରେ ଇସ୍ରାଏଲର ବ୍ୟାପକ ବିମାନ ଆକ୍ରମଣ ଏବଂ ସ୍ଥଳସୈନ୍ୟ ଅଭିଯାନ ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିପଦରେ ପଡ଼ିଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ସେପଟେ ଇରାନ ପକ୍ଷରୁ ମଧ୍ୟ ଚେତାବନୀ ଦିଆଯାଇଛି ଉପରେ ଆକ୍ରମଣ ସ୍ଥଗିତ ହେବାସହ ଇସ୍ରାଏଲ ବର୍ତ୍ତମାନ ସେଠାକୁ ଯାଉଥିବା ସୈନ୍ୟମାନଙ୍କୁ ଫେରାଇ ଅଣିଛି। ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ୍ ଆକାଉଣ୍ଟରେ ଏହି ଆଲୋଚନାକୁ ଫଳପ୍ରଦ ବୋଲି ଦର୍ଶାଇଛନ୍ତି। ବେରୁତକୁ ସୈନ୍ୟ ପଠାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ନେତନ୍ୟାହୁ କହିଛନ୍ତି ଯେ ଦକ୍ଷିଣ ଲେବାନନରେ ଇସ୍ରାଏଲର ଅଭିଯାନ ଜାରି ରହିବ। ଯଦି ହିଜବୁଲ୍ଲା ପକ୍ଷରୁ ରକେଟ ମାଡ଼ ବନ୍ଦ ନହୁଏ, ତେବେ ବେରୁତ ଉପରେ ଆକ୍ରମଣ କରିବା ପାଇଁ ବିକଳ୍ପ ଖୋଲା ଅଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣା ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ସମ୍ପର୍କରେ ସୃଷ୍ଟି ହୋଇଥିବା ତିକ୍ତତାକୁ ଉଜାଗର କରୁଥିବା ବିଶେଷଜ୍ଞ ମାନେ କହିଛନ୍ତି। ଯୁଦ୍ଧ ପରିସ୍ଥିତିରୁ ମୁକୁଳିବାକୁ ୱାସିଂଟନ ଚେଷ୍ଟା କରୁଥିବା ବେଳେ ଇସ୍ରାଏଲର ବାରମ୍ବାର ବିଭିନ୍ନ ଦେଶ ଉପରେ ଆକ୍ରମଣ ଏଥିରେ ଭୀଷଣ ବାଧା ଉପୁଜୁଛି।

ଟିଏମ୍‌ସି ରାଜନୀତିରେ ମହାସଙ୍କଟ

କୋଲକାତା, ୨।୬(ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବେ ଏକ ବଡ଼ ଧରଣର ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହୋଇଛି। ପ୍ରାୟ ୫୦ ଜଣ ବିଧାୟକ ଦଳରୁ ଅଲଗା ହୋଇ ନିଜକୁ 'ଅସଲି ତୃଣମୂଳ' ଭାବେ ଦାବି କରିବା

ସହ ଦଳର ନିର୍ବାଚନ ଚିହ୍ନ 'ଯୋଡ଼ା ଫୁଲ' ଉପରେ ହକ ଜାହିର କରିବାକୁ ପ୍ରସ୍ତୁତ ହେଉଥିବା ଖବର ପ୍ରକାଶ ପାଇବା ପରେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଦଳରୁ ବହିଷ୍କୃତ ହୋଇଥିବା ଜାତୀୟ ମୁଖପାତ୍ର ରିଜୁ ଦତ୍ତଙ୍କ କହିବା ଅନୁଯାୟୀ, କଲିକତାର ଏକ ପ୍ରତିଷ୍ଠିତ ହୋଟେଲରେ ପ୍ରାୟ ୫୦ ଜଣ ବିଧାୟକ ଏକ ଗୁପ୍ତ ବୈଠକ କରି ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ଅଭିଯୋଗକୁ ନେଇ ଏଭଳି ଅସନ୍ତୋଷ ତୀବ୍ର ହୋଇଛି। ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ବର୍ତ୍ତମାନ ୮୦ ଜଣ ବିଧାୟକ ଅଛନ୍ତି।

ଅନ୍ୟପକ୍ଷେରେ ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଦଳକୁ କ୍ଷମତାଚ୍ୟୁତ କରିବା ପରେ ଏବେ ଦଳ ଭିତରେ ଫାଟ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର ଚଳାଇଛି ବିଜେପି। ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ଆଜି ଏଠାରେ

'ଦଳକୁ ଭାଙ୍ଗିବା ଲାଗି ଷଡ଼ଯନ୍ତ୍ର କରାଯାଉଛି'

ଧାରଣାରେ ବସିଥିବା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ୨୯୪ ଆସନ ମଧ୍ୟରୁ ୧୭୯ଟି ଆସନରେ ଜାଲିଆତି କରି ଫଳାଫଳକୁ ନିଜ ସପକ୍ଷରେ କରିଛି ବିଜେପି। ରାଜ୍ୟରେ ବିଜେପି ସରକାରକୁ ଖୁବଶୀଘ୍ର ବିତାଡ଼ିତ କରାଯିବ ବୋଲି ସେ କହିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଜେପିର ବିଜୟ ପରେ ଟିଏମ୍‌ସି କର୍ମୀ ଓ ନେତାଙ୍କ ଉପରେ ହୋଇଥିବା ଆକ୍ରମଣ ବିରୋଧରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସେ କେନ୍ଦ୍ରୀୟ କୋଲକାତାରେ ଦିନିକିଆ ଧାରଣା ଦେଇଛନ୍ତି।

୩୩ ବର୍ଷ ପରେ ୮୪ ବର୍ଷୀୟ ବୃଦ୍ଧ ଦୋଷୀ ସାବ୍ୟସ୍ତ

ବୈଶାଳୀ, ୨।୬(ଏଜେନ୍ସି): ବିହାରର ବୈଶାଳୀ ଜିଲ୍ଲାରେ ୩୩ ବର୍ଷ ତଳେ ଘଟିଥିବା ଏକ ହିଂସାତ୍ମକ ଆକ୍ରମଣ ମାମଲାରେ ଏକ ସ୍ଥାନୀୟ କୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୯୯୨ର ଏହି ମାମଲାରେ ବର୍ତ୍ତମାନ ୮୪ ବର୍ଷ ବୟସ୍କ ଏବଂ ଶାରୀରିକ ଭାବେ ଦୁର୍ବଳ ହୋଇପଡ଼ିଥିବା ଦୀପ ରାୟଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୯୯୨ ମେ ୧୦ରେ ଜୁଧାବନପୁର ଗ୍ରାମର ବାସିନ୍ଦା ଅଦାଲତ ରାୟଙ୍କ ଦ୍ୱାରା ଏନେଇ ଅଭିଯୋଗ ଦାୟର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଏକ ପରିବାରର ୫ ଜଣ ସଦସ୍ୟ ମାରଣାସ୍ତ୍ର ଧରି ଅଦାଲତ ରାୟଙ୍କ ଘରେ ଧସେଇ ପଶିଥିଲେ। ଏକ ବିବାଦକୁ କେନ୍ଦ୍ର କରି ଗୁଳି ଚଳାଇବା ସହ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ୧୯୯୩ରେ ପୁଲିସ ଏନେଇ ଚାର୍ଜସିଟ୍ ଦାଖଲ କରିଥିଲା। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟଧରି ଚାଲିଥିବା ଏହି ଆଇନଗତ ପ୍ରକ୍ରିୟା ମଧ୍ୟରେ ମୋଟ ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କର ମୃତ୍ୟୁ ଘଟିସାରିଛି। ଦୀପ ରାୟ ଏହି ମାମଲାର ଏକମାତ୍ର ଜୀବିତ ଅଭିଯୁକ୍ତ ଭାବେ ବିଚାରର ସମ୍ମୁଖୀନ ହେଉଥିଲେ। କୋର୍ଟ ପରିସରରୁ ଦୁଇ ଜଣ ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ନିଆଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ୟୁକ୍ରେନ ଉପରେ ରୁଷର ଆକ୍ରମଣ: ୧୬ମୃତ, ଶହ ଶହ ଆହତ

କିଭ୍, ୨।୬(ଏଜେନ୍ସି): ୟୁକ୍ରେନ ଉପରେ ରୁଷ ପକ୍ଷରୁ କରାଯାଇଥିବା ମିସାଇଲ ଏବଂ ଡ୍ରୋନ ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶହ ଶହ ଲୋକ ଆହତ ହୋଇଛନ୍ତି। ରୁଷର ଏହି ଶକ୍ତିଶାଳୀ ଆକ୍ରମଣ ପରେ ସାରା ଦେଶରେ ଆତଙ୍କ ଖେଳିଯାଇଛି। ୟୁକ୍ରେନର ରାଜଧାନୀ କିଭ୍‌ରେ ରୁଷର ବାଲିଷ୍ଟିକ ମିସାଇଲ ମାଡ଼ରେ ୪ ଜଣଙ୍କର ପ୍ରାଣହାନି ଘଟିଛି ଏବଂ ୫୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ୍ୟ ସାମିଲ ଅଛନ୍ତି। ସେହିପରି ଦନିପ୍ରୋ ସହରରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କିଛି ଦିନ ପୂର୍ବରୁ ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଇନ୍ଦା ରିପୋର୍ଟ ଆଧାରରେ ସେ କହିଥିଲେ ଯେ ରୁଷ ଏକ ବୃହତ ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ଜେଲେନସ୍କି ପୁଣି ଥରେ ପାଶ୍ଚାତ୍ୟ ସହଯୋଗୀ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ ଅଧିକ ପାଟ୍ରିଅଟ୍ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଖାର୍କିଭ୍ ସହରରେ ମଧ୍ୟ ରୁଷର ରାତିକାଳୀନ ଆକ୍ରମଣରେ ଏକ ଶିଶୁ ସମେତ ୧୦ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷର କୁର୍ସ୍କ ଅଞ୍ଚଳରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ରୁଷ ଅଧିକାରୀମାନେ ପ୍ରକାଶ କରିଛନ୍ତି।

ପୁଣି ଏକାଠି ହୋଇପାରନ୍ତି ଶିବସେନାର ଦୁଇ ଗୋଷ୍ଠୀ

ମୁମ୍ବାଇ, ୨।୬(ଏଜେନ୍ସି): ମହାରାଷ୍ଟ୍ରରେ ଶିବସେନାର ସିନ୍ଦେ ଏବଂ ଉଦ୍ଧବ ଗୋଷ୍ଠୀ ପୁଣି ଏକାଠି ହେବେ। ଏଭଳି ଚର୍ଚ୍ଚା ଏବେ ମରାରାଷ୍ଟ୍ର ରାଜନୀତିରେ ଜୋରସୋରରେ ଚାଲିଛି। ବିଜେପି ମେଣ୍ଟ ସରକାରରେ ଅଂଶୀଦାର ଥିବା ସେନାର ସିନ୍ଦେ ଗୋଷ୍ଠୀକୁ ଗୁରୁତ୍ୱ ଦିଆଯାଉ ନଥିବାରୁ ଏଭଳି ଯୋଜନା ଚାଲିଛି। ଏପରିକି ଗୋଷ୍ଠୀର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଫଡନାଭିସ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଶୁଣାଯାଉଛି। ୨୦୨୨ରେ ଶିବ ସେନା ଦୁଇ ଭାଗ ହେବା ପରେ ସିନ୍ଦେ ଗୋଷ୍ଠୀ ବିଜେପି ସହିତ ହାତ ମିଳାଇଥିଲା। ଇତିମଧ୍ୟରେ ଉଦ୍ଧବ ଗୋଷ୍ଠୀର ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ବିଜେପି ସହ ହାତ ମିଳାଇ ଉପ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ଏବେ ଅନୁତାପ କରୁଛି। ବିଜେପି ସେମାନଙ୍କୁ ମୂଳପୋଛ କରିବା ପୂର୍ବରୁ ସିନ୍ଦେ ଗୋଷ୍ଠୀ ଫେରି ଆସନ୍ତୁ ବୋଲି ସେ ନିମନ୍ତ୍ରଣ ଦେଇଛନ୍ତି। ସେ କହିଛନ୍ତି ଯେ ମହାରାଷ୍ଟ୍ର ରାଜନୀତିରେ ବିଜେପି ଦ୍ୱାରା ଶିନ୍ଦେ ଶିବିରର ନେତାମାନେ ଅବହେଳିତ ଓ ଅପମାନିତ ଅନୁଭବ କରୁଥିବା ଖବର ପ୍ରଚାର ହୋଇଛି। ୨୦୨୨ରେ ସିନ୍ଦେଙ୍କ ସହ ଯାଇଥିବା ନେତା ଯଦି ଅନୁତାପ କରୁଛନ୍ତି, ତେବେ ସେମାନେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳକୁ ଫେରିଆସିବା ଉଚିତ। ସେମାନଙ୍କ ପାଇଁ ଦ୍ୱାର ଖୋଲା ଅଛି। ଏହି ନିମନ୍ତ୍ରଣ ପଛରେ ସିନ୍ଦେ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ଅସନ୍ତୋଷ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ନିକଟରେ ସିନ୍ଦେ ଗୋଷ୍ଠୀର ନେତା ଅବଦୁଲ ସତ୍ତାର କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ବିଜେପି ଶିବସେନା (ୟୁବିଟି)ର ହାତ ଓ ଗୋଡ଼ କାଟିଥିବା ବେଳେ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର 'ମୁଣ୍ଡ କାଟିବା' ପାଇଁ ଚେଷ୍ଟା କରୁଛି। ଯଦି ବିଜେପି ଆମକୁ ଶେଷ କରିବାକୁ ଚାହୁଁଛି, ତେବେ ଏହି ମେଣ୍ଟର କୌଣସି ଅର୍ଥ ନାହିଁ ବୋଲି ସତ୍ତାର କହିଥିଲେ।

ଆମେରିକାରେ ୩୦ ଭାରତୀୟ ଟ୍ରକ୍ ଡ୍ରାଇଭର ଗିରଫ

ନ୍ୟୁୟର୍କ, ୨।୬(ଏଜେନ୍ସି): ଆମେରିକାରେ ବେଆଇନ ଭାବେ ରହି ବାଣିଜ୍ୟିକ ଟ୍ରକ ଚଳାଉଥିବା ଅଭିଯୋଗରେ ୩୦ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ଆରିଜୋନାର ୟୁମା ସେକ୍ଟରରେ ସଂଘୀୟ ଏଜେଣ୍ଟମାନଙ୍କ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚେକମେଟ' ମେ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଗିରଫ ହୋଇଥିବା ଭାରତୀୟମାନଙ୍କୁ ଖୁବଶୀଘ୍ର ନିଜ ଦେଶକୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ୟୁଏସ କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନ ପକ୍ଷରୁ ଏନେଇ ବିବୃତ୍ତି ଜାରି କରାଯାଇଛି। ମୋଟ ୫୨ ଜଣ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ ସେମି-ଟ୍ରକ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏହି ୩୬ ଜଣ ଚାଳକଙ୍କ ମଧ୍ୟରୁ ୩୦ ଜଣ ଭାରତର ହୋଇଥିବା ବେଳେ ବାକି ୬ ଜଣ ମେକ୍ସିକୋ, ଏଲ୍ ସାଲଭାଡୋର ଏବଂ ରୁଷର ନାଗରିକ ବୋଲି ପରିଚୟ ମିଳିଛି। ଗିରଫ ଚାଳକମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ କାଲିଫର୍ଣ୍ଣିଆ, ନ୍ୟୁୟର୍କ, ୱାସିଂଟନ ଏବଂ ଭର୍ଜିନିଆ ଭଳି ରାଜ୍ୟର ବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ ରହିଥିଲା। କେତେକଙ୍କ ପାଖରେ ଆଦୌ କୌଣସି ଡ୍ରାଇଭିଂ ଲାଇସେନ୍ସ ନଥିଲା। ଅଧିକାଂଶଙ୍କ ପାଖରେ ଜୋ ବାଇଡେନ ପ୍ରଶାସନ ସମୟରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ଅନୁମତି ପତ୍ର ଥିଲେ ହେଁ, ସେଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା। ସୂଚନାଯୋଗ୍ୟ, ବିଗତ କିଛି ମାସ ମଧ୍ୟରେ ଆମେରିକାରେ ଭାରତୀୟ ବଂଶୋଦ୍ଭବ ଟ୍ରକ ଚାଳକଙ୍କ ଦ୍ୱାରା ଘଟିଥିବା କେତେକ ଦୁର୍ଘଟଣା ପରେ କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରାଯାଇଛି। ଗିରଫ ସମସ୍ତ ବ୍ୟକ୍ତିଙ୍କୁ ସଂଘୀୟ ଆଇନ ଅନୁଯାୟୀ ପ୍ରକ୍ରିୟାକରଣ କରାଯାଇ ସେମାନଙ୍କୁ ଦେଶାନ୍ତର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଘାତକ ହେଉଛି ଗ୍ରୀଷ୍ମ ପ୍ରବାହ

ଭାରତରେ ଗୋଟିଏ ଦିନରେ ଯାଇପାରେ ୩୪୦୦ ଜୀବନ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶର ଅନେକ ପ୍ରାନ୍ତରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଏକ ଅନୁସନ୍ଧାନ ଅନୁଯାୟୀ, ଭାରତରେ ଗ୍ରୀଷ୍ମ ପ୍ରବାହ ପ୍ରାଣଘାତକ ସାବ୍ୟସ୍ତ ହେଉଛି। ୟୁସି ବର୍କଲେର ଗବେଷକ ପୀୟୂଷ ନାରଙ୍ଗ ଏବଂ ଅଶୋକ ଗାଡଗିଲଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ସାରା ଦେଶରେ ମାତ୍ର ଗୋଟିଏ ଦିନର ପ୍ରବଳ ଖରା ପ୍ରାୟ ୩, ୪୦୦ ଅତିରିକ୍ତ ମୃତ୍ୟୁର କାରଣ ହୋଇପାରେ। ଯଦି ଏହି ଗ୍ରୀଷ୍ମ ପ୍ରବାହ ୫ ଦିନ ପର୍ଯ୍ୟନ୍ତ ଜାରି ରହେ, ତେବେ ମୃତ୍ୟୁସଂଖ୍ୟା ପ୍ରାୟ ୩୦, ୦୦୦ କୁ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିଶେଷ କରି ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଏହା ଅଧିକ ଭୟାବହ ହୋଇପାରେ ଏବଂ ସେଠାରେ ୫ ଦିନର ଗ୍ରୀଷ୍ମ ପ୍ରବାହରେ ୮, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇପାରନ୍ତି ବୋଲି ଏହି ଅଧ୍ୟୟନ ଅନୁମାନ କରିଛି। ସରକାରୀ ରିପୋର୍ଟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ପ୍ରାୟତଃ କମ୍ ରହିଥାଏ। କାରଣ ଅନେକ ମୃତ୍ୟୁକୁ ସଠିକ୍ ଭାବେ ଚିହ୍ନଟ କରାଯାଏ ନାହିଁ। ଅତ୍ୟଧିକ ଖରା ଯୋଗୁଁ ହେଉଥିବା ମୃତ୍ୟୁ ଗୁଡ଼ିକୁ ପ୍ରାୟତଃ ହୃଦଘାତ କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟା ବୋଲି ଦର୍ଶାଯାଇଥାଏ। ଫଳରେ ଜନସାଧାରଣ ଓ ପ୍ରଶାସନ ପ୍ରକୃତ ସ୍ଥିତି ଆକଳନ କରିବାରେ ବିଫଳ ହୁଅନ୍ତି। ଗ୍ରୀଷ୍ମ ପ୍ରବାହରେ ଚାଷୀ, ଦିନମଜୁରିଆ ଏବଂ ବୟସ୍କମାନେ ସବୁଠାରୁ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସହରାଞ୍ଚଳରେ କଂକ୍ରିଟ୍ ନିର୍ମାଣ ଯୋଗୁଁ ରାତିରେ ତାପମାତ୍ରା କମୁନାହିଁ। ଲୋକଙ୍କୁ ସୂର୍ଯ୍ୟାସ୍ତ ପରେ ମଧ୍ୟ ଆଶ୍ୱସ୍ତି ମିଳୁନାହିଁ। ରାଜସ୍ଥାନରେ ତାପମାତ୍ରା ୫୦.୫ ଡିଗ୍ରୀ ଛୁଇଁଥିବା ବେଳେ ଦିଲ୍ଲୀ-ଏନସିଆର, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଅତି ଭୟଙ୍କର ସ୍ଥିତି ଉପୁଜିଛି।

ଗୁଳୁଗୁଳି ସହ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର, ୨।୬(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିଛି। ଦିନରେ ଅନେକ ସ୍ଥାନରେ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ ଅପରାହ୍ଣ ପରେ ଭୀଷଣ କାଳବୈଶାଖୀ ହେଉଛି। ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ରହୁଥିବା ବେଳେ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ କାଳବୈଶାଖୀ ପାଇଁ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୨୪ଘଣ୍ଟାରେ ଭଦ୍ରକରେ ୧୩.୪ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କେନ୍ଦୁଝରରେ ୧୨.୫ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବାଲେଶ୍ୱର, ବାରିପଦା, ଚାନ୍ଦବାଲି, ଅନୁଗୁଳ, ରାୟଗଡ଼ା ଓ ଯାଜପୁରରେ ମଧ୍ୟ କାଳବୈଶାଖୀ ଜନିତ ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ ଓ ନବରଙ୍ଗପୁରରେ ଭୀଷଣ କାଳବୈଶାଖୀ ଆଶଙ୍କା ସହ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ କାଳବୈଶାଖୀ ସାଙ୍ଗକୁ ରାଜ୍ୟରେ ଆଗକୁ ଗୁଳୁଗୁଳି ମଧ୍ୟ ଜାରି ରହିବ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ବଜ୍ରପାତରେ ଦୁଇ ଭାଇ ମୃତ

କିଶୋରନଗର, ୨।୬ (ସମିସ): କିଶୋରନଗର ବ୍ଲକ୍ ହଣ୍ଡପା ଥାନା ଅଧୀନ ପାପସରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ଦୁଇ ସମ୍ପର୍କୀୟ ଭାଇଙ୍କ ଜୀବନ ଯାଇଛି। ମୃତ ଯୁବକଦ୍ୱୟ ହେଲେ, ସଞ୍ଜୟ ସାହୁ(୨୫) ଓ ଆରତ ବେହେରା (୨୩)। ଗତରାତିରେ ଏହି ଅଘଟଣ ଘଟିଛି।

ଗତକାଲି ଅପରାହ୍ଣରେ ସଞ୍ଜୟ ଓ ଆରତ ଚାଷ କାମ ପାଇଁ ବିଲକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବିଲରେ କାମ କରୁଥିବା ଅବସ୍ଥାରେ ହିଁ ଦୁହେଁ ବଜ୍ରାଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହଣ୍ଡପା ଥାନା ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁଇ ଯୁବକଙ୍କ ମୃତ୍ୟୁରେ ସ୍ଥାନୀୟ ପ୍ରଶାସନ ତଥା ଜନପ୍ରତିନିଧିମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଇଞ୍ଜିନିୟରିଂ ଓ ଡାକ୍ତରୀ ଶିକ୍ଷାରେ ସଂରକ୍ଷଣ

ଭୁବନେଶ୍ୱର, ୨।୬(ସମିସ): ଚଳିତ ଶିକ୍ଷାବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ପରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର

ପ୍ରକାଶ ପାଇଲା ବିଜ୍ଞପ୍ତି

ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ମିଳିବ। ପୂର୍ବରୁ ସଂରକ୍ଷଣ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ କ୍ୟାବିନେଟ୍ ଅନୁମୋଦନ ମିଳିଥିଲା। ଏବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଏ, ବିକମ୍, ବିଏସ୍‌ସି ପରି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ନୂତନ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଠାରୁ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କୁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ କରାଯାଇଛି।

ଶିମିଳିପାଳ ପାଇଁ ଖୁସି ଖବର

ଜିନତ କୋଳରେ ୪ ଶାବକ

ବାରିପଦା, ୨।୬(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବାଘଙ୍କ ଜେନେଟିକ୍ ବିବିଧତା ବଢ଼ାଇବା ଲକ୍ଷ୍ୟ ନେଇ ଓଡ଼ିଶା ବନ ବିଭାଗର ପ୍ରୟାସକୁ ଏକ ବଡ଼ ସଫଳତା ମିଳିଛି। ମହାରାଷ୍ଟ୍ରର ତାଡ଼ୋବା-ଅନ୍ଧାରୀ ଅଭୟାରଣ୍ୟରୁ ଏଠାକୁ ଆସିଥିବା ବାଘୁଣୀ ଜିନତ ଏକାଥରକେ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣି ଦେଇଛି। ଗତ ମେ' ମାସରେ ଜିନତ ୪ଟି ସ୍ୱାସ୍ଥ୍ୟବାନ୍ ଶାବକ ଜନ୍ମ ଦେଇଛି। ଛୁଆଗୁଡ଼ିକର ବୟସ ପ୍ରାୟ ୩ରୁ ୪ ସପ୍ତାହ ହୋଇଥିବା ଜଣାପଡ଼ିଛି। ଜିନତ ତା' ଶାବକମାନଙ୍କୁ ନେଇ ଯାଉଥିବାର ଦୃଶ୍ୟ ଗତ ମେ' ୨୮

ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଐତିହାସିକ ସଫଳତା: ମୁଖ୍ୟମନ୍ତ୍ରୀ

ତାରିଖରେ ଏଆଇ କ୍ୟାମେରାରେ କଏଦ୍ ହୋଇଛି। ସମସ୍ତ ଛୁଆ ସାଧାରଣ ରଙ୍ଗର ବୋଲି ଓଡ଼ିଶା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସାଟେଲାଇଟ୍ କଲର୍ ଏବଂ ଭିଏଚ୍‌ଏଫ୍ ସିଗନାଲ ମାଧ୍ୟମରେ ଜିନତ ଓ ଶାବକମାନଙ୍କ ଉପରେ ନଜର ରଖାଯାଇଛି। ଅଞ୍ଚଳରେ ପାଟ୍ରୋଲିଂ ମଧ୍ୟ ବଢ଼ାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ, ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଏହା ଐତିହାସିକ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦର୍ଶାଇଛନ୍ତି ଯେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ସହ ଜେନେଟିକ୍ ବିବିଧତାକୁ ଏହା ମଜବୁତ କରିବ। ବୈଜ୍ଞାନିକ ପଦ୍ଧତି ଆଧାରିତ ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ବନ ବିଭାଗର କର୍ମଚାରୀମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ସେହିପରି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ସୁଦୃଢ଼ ବନ୍ୟପ୍ରାଣୀ ସଂରକ୍ଷଣ ନୀତି ଓ ପ୍ରଶାସନିକ ଦୂରଦୃଷ୍ଟିର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅନୁକୂଳ ପରିବେଶ ଓ ସୁରକ୍ଷିତ ବାସସ୍ଥାନ ଏହି ସଫଳତାକୁ ସମ୍ଭବ କରିଛି।

ସୂଚନାଯୋଗ୍ୟ, ଓଡ଼ିଶା ବନ ବିଭାଗ ତାଡ଼ୋବାରୁ ଦୁଇଟି ବାଘୁଣୀ (ଜମୁନା ଓ ଜିନତ)ଙ୍କୁ ୨୦୨୪ ମସିହାରେ ଶିମିଳିପାଳକୁ ଆଣିଥିଲା। କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୬ ସେପ୍ଟେମ୍ବର ୨୦୨୪ରେ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ଜିନତ ପ୍ରଥମେ ଶିମିଳିପାଳରୁ ବାହାରକୁ ଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପ୍ରାୟ ୨୫୦ କିଲୋମିଟର ଯାତ୍ରା

କରିଥିଲା। କିନ୍ତୁ, ଓଡ଼ିଶା ବନ ବିଭାଗର ଫ୍ରଣ୍ଟ ଲାଇନ୍ ଷ୍ଟାଫ୍ ଓ ପଶ୍ଚିମବଙ୍ଗ ବନ ବିଭାଗର ସହଯୋଗରେ ୧ ଜାନୁଆରୀ ୨୦୨୫ରେ ତାକୁ ପୁନର୍ବାର ଧରି ଶିମିଳିପାଳକୁ ଫେରାଇ ଆଣଯାଇଥିଲା। ଏପ୍ରିଲ୍ ୨୦୨୫ରେ ପୁଣି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ପରେ ତା'ର ସ୍ଥାନୀୟ ପୁରୁଷ ବାଘ ସହ ମିଳନ ହୋଇଥିଲା। ଜାନୁଆରୀ ୨୦୨୬ରେ ଦ୍ୱିତୀୟଥର ମିଳନ ପରେ ଜିନତ ଗର୍ଭ ଧାରଣ କରିଥିଲା। ଏବେ ଜିନତ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣିଦେଇଛି। ଓଡ଼ିଶା ବନ ବିଭାଗର ଆନ୍ତଃରାଜ୍ୟ ବାଘ ସ୍ଥାନାନ୍ତର ପ୍ରକଳ୍ପର ଏକ ବଡ଼ ସଫଳତା ଭାବେ ପ୍ରମାଣିତ ହୋଇଛି।

ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି: ବିଜେଡି

ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର ୨।୬ (ସମିସ): ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି । ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍‌ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି । ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ବିଜେପି ସରକାର ଦେଶର ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଭିଯୋଗ କରିଛନ୍ତି ।

ସୁଲତା କହିଛନ୍ତି ଯେ ବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି । ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ

ହେଲା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ରାଜ୍ୟରେ ପେପର ଲିକ୍ ହୋଇଥିବା ସ୍ୱୀକାର କରିଥିଲେ । ଚଳିତ ବର୍ଷ ନିଟ୍, ସିବିଏସ୍‌ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। ମାତ୍ର କେନ୍ଦ୍ରଶିକ୍ଷାମନ୍ତ୍ରୀ ଏହି ପ୍ରସଙ୍ଗରେ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ସମ୍ପୃକ୍ତି ଚର୍ଚ୍ଚା ହେଉଛି। ବିଜୁ ନବୀନ ଇନ୍ସପିରେସନାଲ ଟ୍ରଷ୍ଟ ବିଷୟରେ ବିଭିନ୍ନ ସମୟରେ ଯେପରି ପ୍ରଶ୍ନ ଉଠିଥିଲା ଆମେ ସେଥିରେ ସ୍ପଷ୍ଟତା ଦେଇଥିଲୁ, ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କ ପରିବାରର ସମ୍ପର୍କ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ଲେନିନ୍ କହିଛନ୍ତି ଯେ ନିଟ୍, ସିବିଏସଇ ଓ ସିୟୁଇଟି ଭଳି ଜାତୀୟସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି। ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ । ବିଭିନ୍ନ ଗଣମାଧ୍ୟମ ଓ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପରୀକ୍ଷା ପରିଚାଳନାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି । ଏହି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀଙ୍କ ଝିଅ ଆମେରିକାର ମେଲୋରସରେ ଉଚ୍ଚଶିକ୍ଷା ଗ୍ରହଣ ସମୟରେ ଏଡୁଟେକ୍ ନିର୍ଦ୍ଦେଶକ ରାଧାକୃଷ୍ଣ ଜୟରମଣ ତାଙ୍କର ସ୍ଥାନୀୟ ଅଭିଭାବକ ଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି, ଏହା ସତ୍ୟ କି ମିଥ୍ୟା ତାହା କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ରକ। ସେହିପରି ସିବିଏସ୍‌ଇ ପରୀକ୍ଷାର ଖାତା ଦେଖା ପାଇଁ ଏଡୁଟେକ୍ ସଂସ୍ଥାକୁ କାମ ଦେବା ପାଇଁ ତିନି ତିନି ଥର ଟର୍ମ ଆଣ୍ଡ କଣ୍ଡିସନ ଶ୍ରୀ ପ୍ରଧାନ ବଦଳାଇଥିଲେ ନା ନାହିଁ, ତାହା ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

'ରୁଦ୍ରମ-୨' ର ସଫଳ ପରୀକ୍ଷଣ

ବାଲେଶ୍ୱର,୨।୬ (ସମିସ): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂସ୍ଥାନ (ଡିଆରଡିଓ) ଓ ଭାରତୀୟ ବାୟୁସେନା (ଏଆଇଏଫ) ମିଳିତ ଉଦ୍ୟମରେ ଏୟାର-ଟୁ-ସରଫେସ୍ 'ରୁଦ୍ରମ-୨' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏକ ଆକାଶମାର୍ଗୀୟ

ପ୍ଲାଟଫର୍ମରୁ ଏହି ପରୀକ୍ଷଣ ହୋଇଥିଲା। ରୁଦ୍ରମ - ୨ କ୍ଷେପଣାସ୍ତ୍ର ସମସ୍ତ ଉପ-ପ୍ରଣାଳୀର କ୍ଷମତା ସଠିକ ଭାବେ ପ୍ରଦର୍ଶନ କରିଥିଲା। ଉତ୍କ୍ଷେପଣ ପରେ କ୍ଷେପଣାସ୍ତ୍ରଟି ଅତ୍ୟନ୍ତ ସଠିକତା ସହିତ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟସ୍ଥଳକୁ ଭେଦ କରିଥିଲା। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ଦ୍ୱାରା ନିୟୋଜିତ ବିଭିନ୍ନ ଉପକରଣ ଦ୍ୱାରା ସଂଗୃହୀତ ଉଡ଼ାଣ ତଥ୍ୟ ମାଧ୍ୟମରେ ଏହି ପରୀକ୍ଷଣର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଡିଆରଡିଓର ପ୍ରମୁଖ ଗବେଷଣାଗାର ହାଇଦ୍ରାବାଦ୍‌ର ରିସର୍ଚ୍ଚ ସେଣ୍ଟର 'ଇମାରତ' ଦ୍ୱାରା ରୁଦ୍ରମ୍- ୨ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ହୋଇଥିବା ବେଳେ ଏଥିରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପରୀକ୍ଷାଗାର (ଡିଆରଡିଏଲ), ହାଇ ଏନର୍ଜି ମେଟେରିଆଲ୍‌ସ ରସର୍ଚ୍ଚ ଲେବୋରେଟୋରୀ, ଆର୍ମମେଣ୍ଟ ରିସର୍ଚ୍ଚ ଏଣ୍ଡ ଡେଭେଲପମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ ଏବଂ ଆଇଟିଆର ପ୍ରଭୃତି ସଂଗଠନଙ୍କ ସହଭାଗିତା ରହିଛି।

ରୁଦ୍ରମ୍ - ୨ର ଏହି ସଫଳ ପରୀକ୍ଷଣ ପାଇଁ ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଭାରତୀୟ ବାୟୁ ସେନା, ପ୍ରତିରକ୍ଷା ବିଭାଗର ରାଷ୍ଟ୍ରାୟତ ଉଦ୍ୟୋଗ (ଡିପିଏସୟୁ), କ୍ଷେପଣାସ୍ତ୍ର ବିକାଶ ଓ ଉତ୍ପାଦନ ଅଂଶୀଦାର (ଡିସିପିପି) କମ୍ପାନୀ ଏବଂ ଏଥିରେ ଜଡିତ ଶିଳ୍ପ ସଂସ୍ଥାମାନଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଚିବ ଏବଂ ଡିଆରଡିଓର ଚେୟାରମ୍ୟାନ ଡକ୍ଟର ରାଜେଶ କୁମାର ସିଂହ ଏହି ପ୍ରଶଂସନୀୟ ସଫଳତା ପାଇଁ ପରୀକ୍ଷଣ ସହିତ ଜଡିତ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ପୁଲିସ ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟଣା

ଅଭିଯୋଗ ଫର୍ଦ୍ଦରେ ନାହିଁ ସୁଶାନ୍ତଙ୍କ ନାମ

ବ୍ରହ୍ମପୁର/କବିସୂର୍ଯ୍ୟନଗର,୨।୬ (ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ପୁଲିସର ଥାର୍ଡ ଡିଗ୍ରୀ ଯୋଗୁଁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ (୩୩)ଙ୍କ ମୃତ୍ୟୁ ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛି ପଡ଼ୁଛି। ପୁଲିସର ବର୍ବରତାକୁ ସବୁ ମହଲରେ ସମାଲୋଚନା କରାଯାଉଥିବା ବେଳେ ଏହି ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅଭିଯୋଗ ଫର୍ଦ୍ଦରେ ସୁଶାନ୍ତଙ୍କ ନାମ ନ ଥିବା ବେଳେ ପୁଲିସ ତାଙ୍କୁ ୭ ଦିନ ଧରି ଅଟକ ରଖିଥିଲା ବୋଲି ଜଣାଯାଇଛି। ଅପରପକ୍ଷେ, ଏହି ଘଟଣାରେ ଆଜି ଗଞ୍ଜାମ ଏସ୍‌ପି ହରାଶ ବିଶି ଦକ୍ଷିଣାଞ୍ଚଳ ଆଇଜି ନିତିଶେଖରଙ୍କୁ ତଦନ୍ତ ରିପୋର୍ଟ ଦେଇଛନ୍ତି। ସେହିପରି ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆରପିସି) ଟିମ୍ ଆଜି କବିସୂର୍ଯ୍ୟନଗର ଥାନାରେ ପହଞ୍ଚି ତଦନ୍ତ କରିଥିବା ବେଳେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଏହାକୁ ଗୁରୁତ୍ୱର ସହ ନେଇ ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୩ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ସୁବଳୟା ଗ୍ରାମର ବସନ୍ତ ସାହୁ ଏବଂ ଦିଲ୍ଲୀପ କୁମାର ସାହୁ ବିନା ଲାଇସେନ୍ସରେ ସୁବଳୟା ଗ୍ରାମ ନିକଟରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରିବା ସହ ପଥର ଚାଲାଣ କରୁଥିଲେ। ଖବର ପାଇ କବିସୂର୍ଯ୍ୟନଗରର କନିଷ୍ଠ ଖଣି ଅଧିକାରୀ ଓ ପୁଲିସ ସେଠାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ପୁଲିସ କିଛି ବିସ୍ଫୋରକ ସହ ଦୁଇଟି ଟ୍ରାକ୍ଟର୍ ଇଞ୍ଜିନ, ବିନା ପଞ୍ଜୀକରଣ ନମ୍ବର ପ୍ଲେଟ୍‌ର ଏକ ଟ୍ରଲି ଜବତ କରିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ବସନ୍ତ ସାହୁ, ଦିଲ୍ଲୀପ କୁମାର ସାହୁ ଏବଂ ସେମାନଙ୍କ ସହଯୋଗୀମାନେ ପୁଲିସକୁ ବିରୋଧ କରିଥିଲେ। ଏପରିକି ସେମାନେ ପୁଲିସକୁ ଗାଳିଗୁଲଜ କରିବା ସହ ପଥର ଫିଙ୍ଗି ଆକ୍ରମଣ

- ୭ ଦିନ ଧରି କାହିଁକି ଅଟକ ରଖିଥିଲା ପୁଲିସ
- ଥାନାରେ ଏଚ୍‌ଆର୍‌ପିସିର ତଦନ୍ତ
- ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ଟିମ୍

କରିଥିଲେ। ଏଥିରେ ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନ ଗୁରୁତର ଆହତ ହୋଇଥିଲେ। ପୁଲିସ ବସନ୍ତ ଓ ଦିଲ୍ଲୀପଙ୍କୁ କାବୁ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଅନ୍ଧାରର ସୁଯୋଗ ନେଇ ସେଠାରୁ ଖସି ପଳାଇଥିଲେ। ପରେ ପୁଲିସ ଈଶ୍ୱରଙ୍କୁ ମଧ୍ୟ ଗିରଫ କରିଥିଲା। ତେବେ ମୃତ ସୁଶାନ୍ତଙ୍କ ନାମ ଏତଲାରେ ନଥିବା ବେଳେ ପୁଲିସ ତାଙ୍କୁ କାହିଁକି ଓ କେଉଁ ପରିସ୍ଥିତିରେ ଥାନାକୁ ଆଣି ଦୀର୍ଘଦିନ ଅଟକ ରଖିଥିଲା ଓ ମାଡ଼ ମାରି ଲହୁଲୁହାଣ କରିଥିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାମଲାର ତଦନ୍ତକାରୀ ଅଧିକାରୀ ତଥା ନିଲମ୍ବିତ ଏସଆଇ ସମୀର କୁମାର ରାଉତ ବି ଏହାର ଉତ୍ତର ଦେଇପାରିନାହାନ୍ତି।

ମୃତ ଦିବ୍ୟାଙ୍ଗ ଘରେ ବିଜେଡିର ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଆଜି ଅପରାହ୍ଣରେ ମୃତ ଦିବ୍ୟାଙ୍ଗଙ୍କ ଘରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ସୁବାସ ମହାରଣା, ପୂର୍ବତନ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଯୁବନେତା ଅଜୟ ମହାରଣା, ସୂର୍ଯ୍ୟକାନ୍ତ ପରିଡ଼ା, ଦିଲୀପ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ଉପାଧକ୍ଷା ରାଜେଶ୍ୱରୀ ଦୋରା ପ୍ରମୁଖଙ୍କ ସହ ବିଜେଡିର ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ଡବଲ୍ ଇଞ୍ଜିନ ସରକାରଙ୍କ ଅମଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଥିଲେ। ତେଣୁ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଓଡ଼ିଶାକୁ ମିଳିବ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର,୨।୬(ସମିସ): ପିଏମ୍ ସୂର୍ଯ୍ୟଘର ଯୋଜନାର ସଫଳ କାର୍ଯ୍ୟନ୍ୱୟନ ପାଇଁ ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ ମିଳିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ସୌର ମାସ' ଅଭିଯାନରେ ଆମ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ' ପାଇଁ ଚୟନ କରାଯାଇଛି। ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ସେହିପରି ଭେଣ୍ଡର ପଞ୍ଜୀକରଣ ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ। ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣାକୁ ନେଇ ବର୍ଷିଲା ବିଜେଡି

ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେଉ

ଭୁବନେଶ୍ୱର,୨।୬(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହି ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଏବଂ ପୁଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା। କିନ୍ତୁ ପୁଲିସ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯାତନା ଦେଇଥିଲା। ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ ସୁଶାନ୍ତଙ୍କ ନାମରେ କୌଣସି ଏଫ୍‌ଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା

ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କୌଣସି ଏଫଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ରାଜ୍ୟ ସରକାର ଚୁପ୍ ହୋଇ ବସିରହିଛନ୍ତି।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ହେବା ତ ଦୂରର କଥା, ପୁଲିସର ଏଭଳି ଅପରାଧିକ କାର୍ଯ୍ୟ ଲାଗି ଜିଲ୍ଲାବାସୀ ତଟସ୍ଥ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ରାଜ୍ୟର

- ୨ ବର୍ଷରେ ଥାର୍ଡଡିଗ୍ରୀ ଯୋଗୁଁ ୧୦ ଜଣ ମୃତ୍ୟୁବରଣ କଲେଣି
- ପୁଲିସ ଉପରେ ମୁଖ୍ୟମନ୍ତ୍ରୀ ଓ ଡିଜିଙ୍କର ନିୟନ୍ତ୍ରଣ ନାହିଁ
- ପୁଲିସ ମହାନିର୍ଦ୍ଦେଶକଙ୍କୁ ତୁରନ୍ତ ବହିଷ୍କାର କରାଯାଉ

ପୁଲିସ ବ୍ୟବସ୍ଥା ନାହିଁ। ଲଗାତାର ଭାବେ ରାଜ୍ୟତମାମ ପୁଲିସର ଏଭଳି କାର୍ଯ୍ୟ ଦର୍ଶାଉଛି ଯେ ପୁଲିସ ଡିଜିଙ୍କ କଥାକୁ କେହି ଖାତିର କରୁନାହାନ୍ତି। ତେଣୁ ତାଙ୍କୁ ତୁରନ୍ତ ବହିଷ୍କାର କରାଯାଉ। ପୁଲିସ ଡିଜି, ଦକ୍ଷିଣାଞ୍ଚଳ ଆଇଜି, ଗଞ୍ଜାମ ଓ ବ୍ରହ୍ମପୁର ଏସ୍‌ପି ତଥା କବିସୂର୍ଯ୍ୟନଗର ଆଇଆଇସି ସମସ୍ତେ ଅଣଓଡ଼ିଆ ହୋଇଥିବାରୁ ଆଜି ଜଣେ ନିରୀହ ଭିନ୍ନକ୍ଷମ ଓଡ଼ିଆ ଯୁବକଙ୍କୁ ପୁଲିସ ହାଜତରେ ମୃତ୍ୟୁବରଣ କରିବାକୁ ପଡ଼ିଲା। ଘଟଣାରେ ସମ୍ପୃକ୍ତ ସମସ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ ଏବଂ ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବା ସହ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନ କରନ୍ତୁ । ଯଦି ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ନ୍ୟାୟ ନ ଦିଅନ୍ତି, ତେବେ ପରିବାରକୁ ନ୍ୟାୟ ଦେବା ପାଇଁ ବିଜୁ ଜନତା ଦଳ ତାହାର ଲଢ଼େଇ ଜାରି ରଖିବ । ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦଳର ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ରଞ୍ଜିତା ସାହୁ ଓ ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

● 'ମୋ ବସ୍' କର୍ମଚାରୀଙ୍କ ଧର୍ମଘଟ ଦ୍ୱିତୀୟ ଦିନରେ

ବସ୍ ଚଳାଚଳ ଠପ୍; ଯାତ୍ରୀ ହନ୍ତସନ୍ତ

କଣାସ,୨।୬(ସମିସ): ରାଜ୍ୟ ସରକାର ଯାତ୍ରୀମାନଙ୍କ ଯାତାୟାତର ସୁବିଧା ପାଇଁ ରାଜ୍ୟ ସାରା 'ମୋ ବସ୍' ସେବା ପ୍ରତି ବ୍ଲକ୍‌ରେ ଚଳାଇଛନ୍ତି। ପୁରୀ ଜିଲ୍ଲା କଣାସ

ବ୍ଲକ୍‌ରେ ୭ଟି 'ମୋ ବସ୍' ପ୍ରତ୍ୟେକ ପଞ୍ଚାୟତ ଓ ଜିଲ୍ଲା ମହକୁମାକୁ ଚାଲୁଛି। ଡ୍ରାଇଭର ଓ କର୍ମଚାରୀଙ୍କ କେତେକ ଦାବିକୁ ନେଇ ସୋମବାରଠାରୁ ସେମାନେ କାମରେ ଯୋଗଦେଉ ନ ଥିବାରୁ ଦୁଇ ଦିନ ହେଲା ବସ୍‌ଗୁଡ଼ିକ କଣାସ ପଞ୍ଚାୟତ ସମିତି ସମ୍ମୁଖ ପଡ଼ିଆରେ ଠିଆ ହୋଇ ରହିଛି। ଫଳରେ ଯାତ୍ରୀମାନେ ଦୁଇ ଦିନ ହେଲା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଚଳାଚଳ ପାଇଁ ଠିକା ନେଇଥିବା ସଂସ୍ଥା ଡ୍ରାଇଭର ଓ କର୍ମଚାରୀମାନଙ୍କ ସମସ୍ୟା ସମାଧାନ କରିପାରି ନ ଥିବାରୁ ବସ୍ ଯାତାୟାତ ବନ୍ଦ ରହିଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ କଣାସ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଗେଟ୍ ମରଣଯନ୍ତା

କଣାସ,୨।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାର ଅଗ୍ରଗତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି

ଟଙ୍କା ଖର୍ଚ୍ଚ କରି ଚାଲିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର କଣାସଠାରେ ପ୍ରତିଷ୍ଠିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକ ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ରୋଗୀ ଓ ରୋଗୀମାନଙ୍କୁ ନେଇ ଆସୁଥିବା ପରିବାର ଲୋକେ ଏଠାରେ ପଡ଼ି ଆହତ ହେଉଛନ୍ତି। ସୋମବାର ଯାମଲଗୋଦା ଗ୍ରାମର ମାଆ-ଝିଅ ମୋଟର ସାଇକଲରେ ଡାକ୍ତରଖାନାକୁ ଆସୁଥିବା ସମୟରେ ମୋଟର ସାଇକଲର ଗୋଟିଏ ଚକ ଭଙ୍ଗା ଗେଟ୍ ମଧ୍ୟରେ ପଶିଯିବାରୁ ମାଆ-ଝିଅ ଓଲଟି ପଡ଼ିଥିଲେ। ମାଆ ସାବିତ୍ରୀ ସାହୁଙ୍କର ହାତ ଓ ଗୋଡ଼ ଖଣ୍ଡିଆ ଲୁହା ପାଇପ୍‌ରେ ବାଜି କଟିଯାଇଥିଲା। ଏହିପରି ଦୈନିକ ଅନେକ ବ୍ୟକ୍ତି ଆହତ ହେଉଛନ୍ତି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବିବେକ ଅନୁରାଗଙ୍କୁ ପଚାରିବାରୁ ସେ କୁହନ୍ତି, ସେ ପାଇପ୍ ଆଉ କାମ ହୋଇପାରିବନାହିଁ। ତା' ଉପରେ ମାଟି ପକାଯିବ।

କାକଟପୁର ବ୍ଲକ୍‌ରେ ଏସ୍ଆଇଆର୍ କାର୍ଯ୍ୟକ୍ରମ

ଗମ୍ଭାରୀପଦା,୨।୬(ସମିସ): ରାଜ୍ୟରେ ଏସ୍ଆଇଆର୍ କାର୍ଯ୍ୟକ୍ରମର ଶୁଭାରମ୍ଭ ଗତ ୩୦ ତାରିଖରୁ କରାଯାଇଚି। ଏହି

ପରିପ୍ରେକ୍ଷୀରେ କାକଟପୁର ବ୍ଲକ୍‌ରେ ମଧ ଏହି କାର୍ଯ୍ୟକ୍ରମ ଓଥକା ଗ୍ରାମ ପଞ୍ଚାୟତର ଓଥକାଠାରେ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ, ରଞ୍ଜିତ ନାୟକ, ଟୁନି ପ୍ରିୟା ଦେଇ, ସଲିମ ଖାଁ, ଝରଣା ଦେଇ, କବିତା କାଣ୍ଡି, ମାନସ କାଣ୍ଡି, ଅନ୍ନପୂର୍ଣ୍ଣା ସାହୁ, ଗଣେଶ ଚନ୍ଦ୍ର ପଣ୍ଡା, ସସ୍ମିତା ପରିଡ଼ା ପ୍ରଭୃତି ବିଏଲ୍‌ଓମାନେ ଉପସ୍ଥିତ ଥିଲେ। ସ୍ୱଦେଶୀ ଭୋଟରଙ୍କୁ ତାଙ୍କର ନାଗରିକତ୍ୱ ପ୍ରଦାନ ସହ ଦେଶଦ୍ରୋହି ଯାଯାବରମାନଙ୍କୁ ଚିହ୍ନଟ କରିବା ଏସ୍ଆଇଆର୍‌ର ଉଦ୍ଦେଶ୍ୟ ବୋଲି ଶ୍ରୀ ଦୀକ୍ଷିତ ପ୍ରକାଶ କରିଥିଲେ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଜୁଲାଇ ୫ରେ ସମ୍ଭାବ୍ୟ ଭୋଟର ତାଲିକା ପ୍ରକାଶ କରାଯିବ। ତତ୍‌ସହିତ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କଠାରୁ ପ୍ରକାଶ।

ଟ୍ୱିଙ୍କଲ୍ ଷ୍ଟାର୍ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

ଅସ୍ତରଙ୍ଗ,୨।୬(ସମିସ): ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଟ୍ୱିଙ୍କଲ୍ ଷ୍ଟାର୍ ଡ୍ୟାନ୍ସ ଏକାଡେମୀ ଅସ୍ତରଙ୍ଗ ଅଞ୍ଚଳର କୁନିକୁନି

ଶିଶୁମାନଙ୍କୁ ଦୀର୍ଘ ବର୍ଷ ହେବ ନୃତ୍ୟ ଶିକ୍ଷା ଦେଇଆସୁଛି। ଏହି ଅନୁଷ୍ଠାନରୁ ନୃତ୍ୟ ଶିକ୍ଷା କରି ଅନେକ ପ୍ରତିଭା ଜିଲ୍ଲା ଏବଂ ରାଜ୍ୟସ୍ତରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି। ଟ୍ୱିଙ୍କଲ୍ ଷ୍ଟାର୍ ଡ୍ୟାନ୍ସ ଏକାଡେମୀ ତା'ର ବାର୍ଷିକ ଉତ୍ସବ ଅସ୍ତରଙ୍ଗର ଜାଗୁଲାଇ ପଡ଼ିଆଠାରେ ଆୟୋଜନ କରିଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଧ୍ୟାତ୍ମିକ କଥାବାଚକ ପପୁରାମ ଦାଶ, ମାଳିକା ପ୍ରବଚକ ଦିବାକର ବାବା, ସମ୍ମାନିତ ଅତିଥି ସିନେ ନିର୍ଦ୍ଦେଶକ ଶେଖ୍ ଗୁଲ୍‌ଜାର ହୁସେନ, ଡ. ହରପ୍ରିୟା ବେହେରା, ଅସ୍ତରଙ୍ଗ ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ମୁଖ୍ୟବକ୍ତା ଗୀତିକାର ରଜନୀ ରଞ୍ଜନ ଯୋଗଦେଇଥିବା ବେଳେ ଡ୍ୟାନ୍ସ ଏକାଡେମୀର ସଭାପତି ସତ୍ୟବ୍ରତ ଲେଙ୍କା, ସମ୍ପାଦିକା ମିନୁ ପରିଡ଼ା ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଡ୍ୟାନ୍ସ ପ୍ରୋଗ୍ରାମ। କୁନିକୁନି କଳାକାରମାନେ ସେମାନଙ୍କ ନୃତ୍ୟ ଗୁରୁଙ୍କ ସହିତ ଚମତ୍କାର ଡ୍ୟାନ୍ସ ପ୍ରଦର୍ଶନ କରିଥିବାବେଳେ ସାନ୍‌ଭି, ପ୍ରିୟାଂଶୀ ବିଶ୍ୱାଳ, ସାଇରୋଶନ ବିଶ୍ୱାଳ, ଶୁଭଶ୍ରୀ ଲେଙ୍କା, ସତ୍ୟନାରାୟଣ ପ୍ରସାଦ ଲେଙ୍କାଙ୍କ ନୃତ୍ୟ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲେ। ଶେଷରେ ପ୍ରତିଭା ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ମାନପତ୍ର ଏବଂ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

ବ୍ରହ୍ମଗିରି ବିଜେଡି ପକ୍ଷରୁ ମହିଳା ଅଧିକାର ଅଭିଯାନ

ମହିଳାଙ୍କ ପ୍ରତି ଅସମ୍ମାନ ବରଦାସ୍ତ କରାଯିବନି: ସଞ୍ଜୟ

ବ୍ରହ୍ମଗିରି,୨।୬(ସମିସ)

ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମଗିରି ବିଜେଡିର ମହିଳା ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ପ୍ରମିଳା ମଲ୍ଲିକ, ରାଜ୍ୟ ମହିଳା କମିସନର ପୂର୍ବତନ ଅଧ୍ୟକ୍ଷା ମିନତୀ ବେହେରା, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଦଳର ବରିଷ୍ଠ ନେତ୍ରୀ ମାନସୀ ହରିଚନ୍ଦନ, କସ୍ତୁରୀବାଳା ସ୍ୱାଇଁ, ପୁଷ୍ପାଞ୍ଜଳି ରଣା, ସସ୍ମିତା ସାହୁ, ରାଧାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ତତ୍ତ୍ୱାବଧାନରେ ଦଳର ମହିଳା କର୍ମୀମାନଙ୍କୁ ନେଇ ମଙ୍ଗଳବାର ସକାଳ ସମୟରେ ନାରୀ ଅଧିକାର ଅଭିଯାନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ମହିଳା ବିଜେଡି କର୍ମୀଙ୍କୁ ନେଇ ଅଲାରନାଥଙ୍କ ପାଛନିବାସଠାରୁ ବାହାରି ପୁରୀ- ସାତପଡ଼ା ଜାତୀୟ ରାଜପଥ ଦେଇ ଏକ ପଦଯାତ୍ରା ବାହାରିଥିଲା। ପଦଯାତ୍ରୀମାନେ ଶାସକ ବିଜେପି ସରକାର ବିରୋଧରେ ବିଭିନ୍ନ ନାରା ଦେଇ ବ୍ରହ୍ମଗିରି ବ୍ଲକ୍ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶ୍ରୀ ଦାସବର୍ମା କହିଛନ୍ତି, ସ୍ୱର୍ଗତ ବିଜୁ ବାବୁ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ପରେ ନବୀନ ବାବୁଙ୍କ ସରକାରରେ ପଞ୍ଚାୟତିରାଜ ଓ ପୌର ସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଏପରିକି ୨୦୧୯ ଓ ୨୦୨୪ ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଦଳ ତରଫରୁ ଟିକଟ ଦିଆଯାଇଥିଲା। ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍-୨୦୨୩କୁ ବିଜେଡି ତରଫରୁ ନିଃସର୍ତ୍ତ ସମର୍ଥନ କରାଯାଇଥିଲା। କିନ୍ତୁ ବିଜେପି ସରକାର ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛି। ଦୁଇ ବର୍ଷ ମଧ୍ୟରେ ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାବେଳେ ମହିଳା ସଂରକ୍ଷଣ ବିଲ୍ ନାଁରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଲୁକ୍କାୟିତ ଭାବେ ପାରିତ କରିବାର ଅପଚେଷ୍ଟା ଓ ହୀନ ଚକ୍ରାନ୍ତ କରିଥିଲେ।

ଡବଲ ଇଞ୍ଜିନ ସରକାର ଆସିବା ପରେ ବ୍ରହ୍ମଗିରିରେ ଦୁଷ୍କର୍ମ, ନିର୍ଯାତନା ଓ ରାଜ୍ୟରେ ଚରମ ଆଇନଶୃଙ୍ଖଳା ସୃଷ୍ଟି ହୋଇଛି। ୩୦୦ ୟୁନିଟ୍ ମାଗଣା ବିଜୁଳି, ୩ ହଜାର ଟଙ୍କା ଭତ୍ତା, ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ସହାୟତା, ଚଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡ୍ ଦେଇ ସମସ୍ତ ଧାନ କିଣିବା ପ୍ରତିଶ୍ରୁତି ଆଜି ଧୋକାରେ ପରିଣତ ହୋଇଛି। ଆଜି ଯେଉଁଭଳି ଭାବରେ ହଜାର ହଜାର ମହିଳା ପ୍ରଚଣ୍ଡ ଖରାରେ ଆସି ନିଜ ଅଧିକାର ପାଇଁ ଲଢ଼େଇ କରୁଛନ୍ତି, ଏଥିରୁ ଅନୁମେୟ ବ୍ରହ୍ମଗିରିରେ ଆଇନର ଶାସନ ନାହିଁ। କେବଳ ପିସି ଆଦାୟ ଚାଲିଛି। ଆଜି ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ମୂଲ୍ୟ ଆକାଶଛୁଆଁ। ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ମହଙ୍ଗା ହୋଇପଡ଼ିଛି। ଚୁଲି ମୁଣ୍ଡରୁ ଲୁଟିବା ଆରମ୍ଭ ହୋଇଗଲାଣି ଏବଂ ମାଆମାନେ ତ୍ରାହିତ୍ରାହି ଡାକିଲେଣି। ଏବେ ରବି ଧାନ ବିକିବା ଚାଷୀମାନଙ୍କ ପାଇଁ ବଡ଼ ସମସ୍ୟା ହୋଇପଡ଼ିଛି। ରାଜ୍ୟ ସରକାର କହିଥିଲେ ମେ' ମାସ ୧୫ ତାରିଖରେ ସବୁ ଧାନ ମଣ୍ଡି ଖୋଲିବ। ହେଲେ ବର୍ତ୍ତମାନ ସୁଦ୍ଧା ପୁରୀ ଜିଲ୍ଲାରେ ଅନେକ ମଣ୍ଡି ଖୋଲି ନ ଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ମାନମୁଖୀ କାର୍ଯ୍ୟକଳାପ ପ୍ରତିବାଦରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ରହ୍ମଗିରି ବିଜେଡି ମହିଳା ସଂଗଠନ ତରଫରୁ ଏକ ଦାବିପତ୍ର ବିଡିଓ ମନୀଷା ଷଡ଼ଙ୍ଗୀଙ୍କ ଜରିଆରେ ପ୍ରଦାନ କରାଯାଇଚି। ଏହି କାର୍ଯ୍ୟକ୍ରମରେ ପୁରୀ ବ୍ରହ୍ମଗିରି ବ୍ଲକ ନାରୀ ନେତ୍ରୀ ସସ୍ମିତା ସାହୁ, ପ୍ରତିମା ଜେନା, ସକୁନ୍ତଳା ମିଶ୍ର, ବବିତା ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସନ୍ଦିପ ଜେନା, ଜମ୍ମେଶ୍ୱର ସାହୁ, ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ଜେନା, ବିଜେଡିର ବରିଷ୍ଠ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ବିଜୟ ଦଳାଇ, ବିଜେଡିର ସମସ୍ତ ନିର୍ବାଚିତ ପ୍ରତିନିଧି, ଯୁବ ଓ ଛାତ୍ରଙ୍କ ସମେତ ହଜାର ହଜାର ମହିଳା କର୍ମୀ ଉପସ୍ଥିତ ଥିଲେ।

ବରିଷ୍ଠ କିରାଣିଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସମାରୋହ

ଚାରିଛକ,୨।୬(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ବରିଷ୍ଠ କିରାଣି ଅନିଲ କୁମାର ମହାପାତ୍ରଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ସନ୍ତୋଷ କୁମାର ମିତ୍ର, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ୍ ସଦସ୍ୟ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀ ମହାପାତ୍ରଙ୍କ ଗୁଣଗାନ କରିବା ସହ ତାଙ୍କ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ଦୀର୍ଘ ଏବଂ ନିରାମୟ ପାଇଁ କାମନା କରିଥିଲେ। ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରଶାସନିକ ଅଧିକାରୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାରୋହରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ, ସମାଜସେବୀ ସନାତନ ପାତ୍ର, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁ ଚରଣ ବେହେରା, ପରିଚାଳନା କମିଟିର ପୂର୍ବତନ ସଦସ୍ୟ ବସନ୍ତ ପାତ୍ର, ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କର, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ସାହୁ, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର କଲ୍ୟାଣୀ ପଟ୍ଟନାୟକ, ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁ, ପ୍ରଫେସର ବିନୋଦିନୀ ଦାଶ, ପ୍ରଫେସର ମିତ୍ରା ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ମାନପତ୍ର ପଠନ କରିଥିଲେ। ମହାବିଦ୍ୟାଳୟ ତରଫରୁ ଶ୍ରୀ ମହାପାତ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

୩ ଦିନିଆ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି

କାକଟପୁର,୨।୬(ସମିସ): କାକଟପୁର ବ୍ଲକ୍ ଅଧୀନସ୍ଥ ଗମ୍ଭାରୀପଦା ଗ୍ରାମର ସାମାଜିକ ଯୁବ ଅନୁଷ୍ଠାନ 'ଗମ୍ଭାରୀପଦା ଟୋକା-୨୦୪୭' ତଥା 'ଶ୍ରୀଶ୍ରୀ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ରୟାଲ ଡ୍ରାମାଟିକ୍ କ୍ଲବ'ର ଆୟୋଜନରେ ଆସନ୍ତା ଜୁନ୍ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ୩ ଦିନବ୍ୟାପୀ ଗମ୍ଭାରିପଦା କଚେରୀ ପଡ଼ିଆଠାରେ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏହି ନାଟ୍ୟ ମହୋତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ଭିନ୍ନ ଭିନ୍ନ ସାମାଜିକ ଓ ଭାବପୂର୍ଣ୍ଣ ନାଟକ। କାର୍ଯ୍ୟସୂଚୀ ଅନୁଯାୟୀ, ୨୨ ତାରିଖରେ ରାଜକିଶୋର ନାୟକଙ୍କ ନିର୍ଦ୍ଦେଶିତ ନାଟକ "ମୁଁ ଅନାଥ ତୁ ଜଗନ୍ନାଥ', ୨୩ରେ ବିଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶିତ ନାଟକ "କହିବାକୁ ଲାଜ ଶୁଣିଲେ ପାପ' ଏବଂ ତୃତୀୟ ଦିନ ୨୪ ତାରିଖ ଶେଷ ଦିନରେ ବାବାଜୀ ନାୟକଙ୍କ ନିର୍ଦ୍ଦେଶିତ ନାଟକ "ଆଖି ଅବୁଝାକୁ ଲୁହ ଅବୁଝା' ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ଆୟୋଜକ କ୍ଲବ୍ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ 'ଗମ୍ଭାରୀପଦା ଟୋକା-୨୦୪୭' ପକ୍ଷରୁ ଆଗାମୀ ଦିନରେ ରକ୍ତଦାନ, ବୃକ୍ଷରୋପଣ ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ପ୍ରଭୁ ଆର୍ତ୍ତତ୍ରାଣ ଗାଦିବ୍ରହ୍ମଙ୍କ ମନ୍ଦିର ନିକଟରେ କାକଟପୁର ଓ ଅସ୍ତରଙ୍ଗ ବ୍ଲକ୍‌ର ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦ୍ୱାରା ନେତବନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏସ୍ଆଇଆର୍ ନିମନ୍ତେ ଘର ଘର ବୁଲୁଛନ୍ତି ୧୫୫ ବିଏଲ୍ଓ

ପିପିଲି,୨।୬(ସମିସ): ଭାରତୀୟ ନିର୍ବାଚନ କମିସନରଙ୍କ ବିଜ୍ଞପ୍ତି ଅନୁଯାୟୀ, ଭୋଟର ତାଲିକାର ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍ଆଇଆର୍-୨୦୨୬) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଏଲ୍ଓମାନେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲିବେ। ଏହି କାର୍ଯ୍ୟକ୍ରମ ପିପିଲି ବ୍ଲକ୍‌ର ୨୫ଟି ଗ୍ରାମ ପଞ୍ଚାୟତ ଏବଂ ପିପିଲି ପୌରାଞ୍ଚଳରେ ମୋଟ ୧୫୫ ଜଣ ବିଏଲ୍ଓ ନିଯୁକ୍ତି ପାଇଛନ୍ତି। ଏହି ସଂଶୋଧନ ପ୍ରକ୍ରିୟା ଚାରୋଟି ମୁଖ୍ୟ ପର୍ଯ୍ୟାୟରେ ସମ୍ପନ୍ନ ହେବ। ବିଏଲ୍ଓମାନେ ଘରକୁ ଘର ବୁଲି ପରିଗଣନା, ଚିଠା ଭୋଟର ତାଲିକା ପ୍ରକାଶନ, ଦାବି ଓ ଆପତ୍ତି ଗ୍ରହଣ ସମୟ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସହ ଅପିଲ୍ ବ୍ୟବସ୍ଥା ଧାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ ଚାଲିବ। ଏହି ଗଣନା ପ୍ରକ୍ରିୟାରେ ବିଏଲ୍ଓମାନଙ୍କୁ ସହଯୋଗ କରିବା ସହିତ ସଠିକ୍ ସୂଚନା ପ୍ରଦାନ କରିବାକୁ ପିପିଲି ବିଡିଓ ସରୋଜ କୁମାର ରାଉତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ନାଗରିକମାନେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନିଜ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ। ଭୋଟର ସଂଶୋଧନ ଅଧିକାରୀ (ଏଇଆରଓ) ମାନେ ସମସ୍ତ ଆପତ୍ତିର ଶୁଣାଣି ଏବଂ ସମାଧାନ କରିବା ପରେ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଅପିଲ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ବିଡିଓ କହିଛନ୍ତି ଇଆରଓଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ କୌଣସି ବ୍ୟକ୍ତି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ

ପୁରୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପାଖରେ ଅପିଲ କରିପାରିବେ। ଆବଶ୍ୟକ ସ୍ଥଳେ ୩୦ ଦିନ ମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଅପିଲ କରିପାରିବେ।

ଆଧ୍ୟାତ୍ମିକ ସତ୍‌ସଙ୍ଗ, ଭଜନ ସନ୍ଧ୍ୟା ଓ ମାତୃ କବିତା ଆସର

ଡେଲାଙ୍ଗ,୨।୬(ସମିସ): ସ୍ଥାନୀୟ ଜେନାପୁରଠାରେ ଏକ ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା, ସତ୍‌ସଙ୍ଗ, ହରି କଥାମୃତ

ଆଲୋଚନା ଓ ମାତୃ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ପୁରୀ ଗଜପତିଙ୍କ ସ୍ୱୀକୃତିପ୍ରାପ୍ତ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରତ ରାଉତ, ପ୍ରବଚକ ସୁଧୀର ଜେନା, ହରିହର ଜେନା, ବିଜୟ ସ୍ୱାଇଁ, ଉପସ୍ଥାପକ ଆଶିଷ କୁମାର ସ୍ୱାଇଁ, ଗାୟକ ସଦାଶିବ ପ୍ରଧାନ, ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ ପ୍ରମୁଖ ହରି କଥାମୃତ ଶ୍ରବଣ ଓ ମନନ ହିଁ ପ୍ରକୃତ ଶାନ୍ତିର ଆଧାର ବୋଲି କହିଥିଲେ। କେଲୁଣୀ ଦେଇଙ୍କ ଏକାଦଶାହରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶିକ୍ଷକ ଫକିର ଦାସ, ଭଗବାନ ସାହୁ, ଶିକ୍ଷୟିତ୍ରୀ କାବେରୀ ପ୍ରଧାନ, ଛାତ୍ରୀ ଶୁଭଶ୍ରୀ ବାରିକ, ଶ୍ରାବଣୀ ଜେନା, ଛାତ୍ର ନିଲୁ ଜେନା, ତ୍ରିନାଥ ବାରିକ, ବୁଦ୍ଧିଜୀବୀ ରାଜନ ଛାଟୋଇ ସହଯୋଗ କରିଥିଲେ। ଗୋବିନ୍ଦ ଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ପଞ୍ଚାୟତ ଅଫିସ ଆଗରେ ରେକର୍ଡଭୁକ୍ତ ପରିବାରଙ୍କ ଧାରଣା

ଗୋପ,୨।୬(ସମିସ)

- ୫ ଦିନ ହେଲା ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ପଡ଼ିଛି ତାଲା
- ସରପଞ୍ଚ ମାନିଲେନି ନ୍ୟାୟାଳୟଙ୍କ ନିର୍ଦ୍ଦେଶ
- ତାଲା ଖୋଲି ନ ପାରି ଫେରିଗଲେ ପ୍ରଶାସନ

ଗୋପ ବ୍ଲକ୍ ଏରବଙ୍ଗ ପଞ୍ଚାୟତ ଅଫିସ କାହାର? ସରକାରଙ୍କର ନା ଚିନ୍ତାମଣି ସାହୁଙ୍କର? ଏରବଙ୍ଗ ପଞ୍ଚାୟତ ଅଫିସ ଖାତା ନମ୍ବର ୫୪୩, ପ୍ଲଟ୍ ନମ୍ବର ୭୮୫୯ରେ ରହିଛି ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ। ଏଠାରେ ପ୍ରାୟ ଦୀର୍ଘ ଦିନ ହେବ ପଞ୍ଚାୟତ ଅଫିସ ଚାଲୁଥିବାବେଳେ ୬ ସରପଞ୍ଚ ସେମାନଙ୍କ କାର୍ଯ୍ୟକଳାପ ସାରିଥିଲେ ସୁଦ୍ଧା ପଞ୍ଚାୟତ ଅଫିସକୁ ସରକାରୀ ବା ପଞ୍ଚାୟତ ନାମରେ କରିପାରିନାହାନ୍ତି। ଯାହାଫଳରେ ଚିନ୍ତାମଣିଙ୍କ ପରିବାର ପକ୍ଷରୁ ପଞ୍ଚାୟତ ଅଫିସକୁ ନିଜ ହେପାଜତକୁ ନେବା ପାଇଁ କୋର୍ଟରେ ମାମଲା ରୁଜୁ କରିବା ସହ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ପଞ୍ଚାୟତ ଫାଟକରୁ ତାଲା ଖୋଲିବା ପାଇଁ ଚେଷ୍ଟା କରିଥିଲେ ହେଁ ଚିନ୍ତାମଣିଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଧାରଣା ଯୋଗୁଁ ତାଲା ଖୋଲି ନ ପାରି ପ୍ରଶାସନ ଫେରିଯାଇଥିବା ଜଣାପଡ଼ିଛି।

ପଞ୍ଚାୟତ ଅଫିସ ହେବା ପାଇଁ ସେ ସମୟରେ ଚିନ୍ତାମଣି ସାହୁ ୧୩ ଡେସିମିଲ ଜାଗା ପଞ୍ଚାୟତକୁ ଦେଇଥିଲେ। କିନ୍ତୁ ରେକର୍ଡ ପଞ୍ଚାୟତ ଅଫିସ ନାମରେ ହୋଇପାରି ନ ଥିଲା। ରେକର୍ଡ ଚିନ୍ତାମଣି ସାହୁଙ୍କ ନାମରେ ରହିଥିଲା। ୧୯୯୯ ମସିହାରେ ଚିନ୍ତାମଣି ନିଜ ଜମିକୁ ନେବାକୁ ଚେଷ୍ଟା କରି କୋର୍ଟଙ୍କ ଦ୍ୱାରସ୍ଥ ହେଇଥିଲେ। କୋର୍ଟ ୨୦୦୪ରେ ଆବଶ୍ୟକ କାଗଜପତ୍ର ନ ଥିବାରୁ କେସ୍‌କୁ ଖାରଜ କରିଦେଇଥିଲେ। ପରବର୍ତ୍ତୀ ସମୟରେ ଚିନ୍ତାମଣିଙ୍କ ପରିବାର ଲୋକେ ସମସ୍ତ କାଗଜପତ୍ର ଠିକ୍ କରି ୨୦୧୨ରେ କୋର୍ଟରେ ପୁନର୍ବାର କେସ୍ କରିବା ପରେ କୋର୍ଟ ସମସ୍ତ କାଗଜପତ୍ରକୁ ଦେଖି କେସ୍ ଚାଲୁ କରିଥିଲେ। ଚିନ୍ତାମଣିଙ୍କ ପରିବାର ଲୋକ କେସ୍ କରିବା ସହିତ ସେଠାରେ କୌଣସି କାର୍ଯ୍ୟ ନ କରିବା ପାଇଁ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ମଧ୍ୟ କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଚିନ୍ତାମଣିଙ୍କ ପରିବାର ଜାଗା ନେବା ପାଇଁ ଧାରଣା ମଧ୍ୟ ଦେଇଥିଲେ। କୋର୍ଟରେ କେସ୍ ରହିଥିବାବେଳେ କୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ଏବର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଫିସ ଗୃହରେ ରଙ୍ଗ ମାରିବା ସହିତ କିଛି କାର୍ଯ୍ୟ କରିଥିଲେ। ଘଟଣାକୁ ନେଇ ଚିନ୍ତାମଣିଙ୍କ ପୁଅ ରଞ୍ଜିତ ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସରପଞ୍ଚ କୌଣସି କଥାକୁ ଖାତିର୍ ନ କରି କାର୍ଯ୍ୟ କରୁଥିବାରୁ ଚିନ୍ତାମଣିଙ୍କ ପୁଅ-ଝିଅ ସପରିବାର ଶନିବାରଠାରୁ ଅଫିସ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ମଙ୍ଗଳବାର ତାଲା ଖୋଲିବା ପାଇଁ ଗୋପ ଆଇଆଇସି ଦୁର୍ଗା ଚରଣ ମହାପାତ୍ର, ବିଡିଓ ସୂର୍ଯ୍ୟ ଶଙ୍କର ଦାସ, ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ସରପଞ୍ଚ ମିଳିତ ଭାବେ ପଞ୍ଚାୟତ ଅଫିସରେ ପହଞ୍ଚି ତାଲା ଖୋଲିବାକୁ ଚେଷ୍ଟା କରିଥିଲେ ହେଁ ଚିନ୍ତାମଣିଙ୍କ ପରିବାର ପ୍ରଶାସନକୁ ବିରୋଧ କରି ଅଫିସ ସମ୍ମୁଖରେ ଧାରଣା ଦେଇ ବସିରହିଥିଲେ। ତେଣୁ ପ୍ରଶାସନ ତାଲା ଖୋଲି ନ ପାରି ଫେରିଥିଲେ।

ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୨।୬(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅହମ୍ମଦପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନସୂୟା ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅବଦୁଲ ମନାନ ଖାଁଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ/ସଦସ୍ୟା, ପୁରାତନ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୀପ୍ତିରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ଶ୍ରୀମତୀ ମିଶ୍ର ତାଙ୍କର ୩୨ ବର୍ଷର ଶିକ୍ଷକତା ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଶ୍ରୀମତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

୨/୬/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୯୮,୯୧୦/- ସୁନା:୦୫.୪୦୦ ଗ୍ରାମ୍ ରୁପା: ୪୫.୫୦୦ ଗ୍ରାମ୍

ଆଜି ବିଶ୍ୱ ସାଇକଲ ଦିବସ

ପେଡାଲ୍ ମାରିଲେ ବଦଳିବ ଜୀବନ

ପୁରୀ,୨।୬(ସମିସ)

ବୁଧବାର ବିଶ୍ୱ ସାଇକଲ ଦିବସ। ଆଧୁନିକ ଜୀବନ ଶୈଳୀରେ ଗାଡ଼ି ମୋଟର ଭିତରେ ହଜିଯାଉଥିବା ସାଇକଲ ଆଜି ବି ସ୍ୱାସ୍ଥ୍ୟ, ପରିବେଶ ଓ ପର୍ଯ୍ୟଟନର ସବୁଠୁ ବଡ଼ ବନ୍ଧୁ। ଏମିତି ଅନେକ ଲୋକ ଅଛନ୍ତି ସକାଳ ହେଲେ ସାଇକଲରେ ଘେରାଏ ବୁଲି ନ ଆସିଲେ ତାଙ୍କୁ ଭଲ ଲାଗେନି। ଆଧୁନିକ ଜୀବନ ଶୈଳୀ ଭିତରେ ବି ଅନେକ ଜାଗାରେ ଗଢ଼ିଉଠିଛି ସାଇକଲ କ୍ଲବ୍। ଏଥିମଧ୍ୟରୁ ପୁରୀ ସାଇକଲ କ୍ଲବ୍ ଅନ୍ୟତମ। ୨୦୧୫ରେ ଗଠିତ ଏହି କ୍ଲବ୍ ଆଜି ୧୫ରୁ ୨୦ ଜଣ ସଦସ୍ୟଙ୍କୁ ନେଇ ପୁରୀକୁ ସାଇକଲ ସହର କରିବାର ସ୍ୱପ୍ନ ଦେଖୁଛି। ବରିଷ୍ଠ ପୁଲିସ ଅଧିକାରୀ ଆଶିଷ ସିଂ ଏହାର ଚେୟାରମ୍ୟାନ୍, ସମାଜସେବୀ ଯୁଗବ୍ରତ କର ସଭାପତି ଓ ପୁଲିସ ଅଧିକାରୀ ପ୍ରଭାତ ରାଉତରାୟ ସାଧାରଣ ସମ୍ପାଦକ ଭାବେ ଏହି ଅଭିଯାନକୁ ଆଗେଇ ନେଉଛନ୍ତି। ପ୍ରତିଦିନ ନ ହେଲେ ବି ସପ୍ତାହକୁ ଦୁଇଦିନ ଏମାନେ ଦଳ ବାନ୍ଧି ବାହାରନ୍ତି ଚାରୋଟି ରୁଟ୍‌ରେ ଯଥା- ବାଲୁଖଣ୍ଡ ଜଙ୍ଗଲ ରୁଟ୍, ଚନ୍ଦନପୁର-ରଘୁରାଜପୁର ଭିଲେଜ୍ ରୁଟ୍, ସହରର ଐତିହ୍ୟକୁ ଛୁଇଁଯାଉଥିବା ହେରିଟେଜ୍ ଟ୍ରେଲ୍ ଏବଂ ଷ୍ଟର୍ଲି-ପେଣ୍ଠକଟା-ତୋଷାଳୀ ଦେଇ ଯାଉଥିବା ବିଚ୍ ଟ୍ରେଲ୍।

ସାଇକଲ ପରିବେଶ ଅନୁକୂଳ। ନିୟମିତ ସାଇକଲ ଚଲାଇଲେ ହୃଦୟ ମଜଭୁତ ହୁଏ, ରକ୍ତଚାପ ନିୟନ୍ତ୍ରଣରେ

ରହେ। ଦିନକୁ ମାତ୍ର ୩୦ ମିନିଟ୍ ସାଇକେଲିଂ ମଧୁମେହ, ମୋଟାପଣ ଓ କୋଲେଷ୍ଟ୍ରଲ ଭଳି ରୋଗକୁ ଦୂରେଇ ରଖେ। ମାଂସପେଶୀ ଓ ହାଡ଼ ମଜଭୁତ ହେବା ସହ ଶରୀରର ସନ୍ତୁଳନ କ୍ଷମତା ବଢ଼େ। ସକାଳର ଥଣ୍ଡା ପବନରେ ସାଇକଲ ଚଲାଇଲେ ମସ୍ତିଷ୍କରୁ ଏଣ୍ଡୋରଫିନ୍ ହରମୋନ କ୍ଷରଣ ହୁଏ, ଯାହା ଚାପ ଓ ଉଦ୍‌ବେଗ କମାଏ। ବାଲୁଖଣ୍ଡ ଜଙ୍ଗଲର ସବୁଜିମା କିମ୍ବା ସମୁଦ୍ର କୂଳର ଲହରୀ ଦେଖି ସାଇକଲ ଚଲାଇଲେ ମନ ପ୍ରଫୁଲ୍ଲିତ ହୁଏ। ସାଇକଲ ହେଉଛି ଜିରୋ ଏମିସନ ଯାନ। ଗୋଟିଏ କାର୍ ବଦଳରେ ଯଦି ୧୦ ଜଣ ସାଇକଲ ବ୍ୟବହାର କରନ୍ତି, ବର୍ଷକୁ ପ୍ରାୟ ୫ ଟନ୍ କାର୍ବନ ଡାଇଅକ୍ସାଇଡ୍ କମ୍ ନିର୍ଗତ ହେବ। ପୁରୀ ଭଳି ତୀର୍ଥ ଓ ପର୍ଯ୍ୟଟନ ସହର ପାଇଁ ଏହା ବରଦାନ। ଟ୍ରାଫିକ୍ ଜାମ୍ ଓ ଶବ୍ଦ ପ୍ରଦୂଷଣରୁ ମଧ୍ୟ ମୁକ୍ତି ମିଳିବ। ସାଇକଲରେ ନା ପେଟ୍ରୋଲ ଖର୍ଚ୍ଚ, ନା ବଡ଼ ମେଣ୍ଟେନାନ୍ସ। ମାସକୁ ହଜାର ହଜାର ଟଙ୍କା ସଞ୍ଚୟ। ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ପାଇଁ ଏହା ସବୁଠୁ ଶସ୍ତା ଓ ସୁବିଧା ଯାତାୟାତ ମାଧ୍ୟମ।

ପୁରୀ କ୍ଲବ୍‌ର ସଭାପତି ଯୁଗବ୍ରତ କର କହନ୍ତି, ପୁରୀରେ ସାଇକଲ ଟୁରିଜିମ୍‌ର ପ୍ରଚୁର ସମ୍ଭାବନା ଅଛି। ଦେଶ-ବିଦେଶର ପର୍ଯ୍ୟଟକ ସାଇକଲରେ ବୁଲି ଶ୍ରୀମନ୍ଦିର ସମେତ ବହୁ ପ୍ରାଚୀନ ମଠ, ମନ୍ଦିର, ତୀର୍ଥ ପୁଷ୍କରିଣୀର ନିଆରା ଅନୁଭୂତି ନେଇପାରିବେ। ସାହିଗଳି ରାସ୍ତା ସଂକୀର୍ଣ୍ଣ ଥିବାରୁ ସାଇକଲ ହିଁ ଶ୍ରେଷ୍ଠ ବିକଳ୍ପ। ପୁରୀର ସଂସ୍କୃତି, ପରମ୍ପରା ଓ ଖାଦ୍ୟର ମଜା ପାଖରୁ ନେଇହେବ। ପୁରୀ ସହର ସାଇକଲ ପାଇଁ ବେଶ୍ ଉପଯୋଗୀ- ସମତଳ ରାସ୍ତା, କମ୍ ଟ୍ରାଫିକ୍। କ୍ଲବ୍‌ର ଉଦ୍ଦେଶ୍ୟ ହେଲା ଯୁବପିଢ଼ିଙ୍କୁ ସାଇକଲ ପ୍ରତି ଆକୃଷ୍ଟ କରିବା। ହାଇଦରାବାଦ୍, ବେଙ୍ଗାଲୁରୁ ଭଳି ସହରରେ ଡେଡିକେଟେଡ୍ ସାଇକଲ ଟ୍ରେଲ୍ ଅଛି। ପୁରୀ ବିଚ୍ କଡ଼ରେ ଓ ସହର ଭିତରେ ଯଦି ସାଇକଲ ଟ୍ରେଲ୍ ତିଆରି ହୁଏ, ତେବେ ଯୁବପିଢ଼ି ଅଧିକ ଆଗ୍ରହ ଦେଖାଇବେ ବୋଲି ଶ୍ରୀ କର ମତ ଦେଇଛନ୍ତି। ସାଇକଲ ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବାକୁ ହେଲେ ସରକାର ଓ ପ୍ରଶାସନକୁ ଆଗେଇ ଆସିବାକୁ ପଡ଼ିବ। ପର୍ଯ୍ୟଟକଙ୍କ ପାଇଁ ସହଜରେ ଭଡ଼ା ସାଇକଲ ଉପଲବ୍ଧ କରାଇବା, ସାଇକଲ ଷ୍ଟାଣ୍ଡ, ମ୍ୟାପ୍ ସହ ମାର୍କ ହୋଇଥିବା ଟ୍ରେଲ୍ ଓ ସୁରକ୍ଷା ବ୍ୟବସ୍ଥା ଜରୁରୀ। ବିଶ୍ୱ ସାଇକଲ ଦିବସରେ ଆସନ୍ତୁ ଶପଥ ନେବା, ସପ୍ତାହକୁ ଅତିକମ୍‌ରେ ଦୁଇଦିନ ସାଇକଲ ଚଲାଇବା। ନିଜେ ସୁସ୍ଥ ରହିବା, ସହରକୁ ସବୁଜ ରଖିବା।

ରଥଖଳାରୁ...

ଅଖ ଉପରକୁ ଉଠିଲା ଦଣ୍ଡା ଫ୍ରେମ୍

ପୁରୀ,୨।୬(ସମିସ): ରଥଯାତ୍ରା ପାଇଁ ରଥଖଳାରେ ତିଆରି ଚାଲିଛି ତିନିରଥ। ପୂର୍ବରୁ ଚକ, ଅଖ ଡେରା ସରିଥିବା ବେଳେ ମଙ୍ଗଳବାର ଅଖ ଉପରକୁ ଉଠିଛି ଦଣ୍ଡା ଫ୍ରେମ୍। ପୂର୍ବାହ୍ଣରେ ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ତିନିରଥର ଦଣ୍ଡାରେ ନଡ଼ିଆ ବାଡ଼େଇ ଅନୁକୂଳ ପୂଜା ପରେ ତିନିରଥ ଅଖ ଉପରକୁ ଦଣ୍ଡା ଫ୍ରେମ୍ ଉଠିଛି। ଏଥିସହ ଶେଷ ହୋଇଛି ତିନିରଥର ଦଣ୍ଡା ଗୋଲେଇ କାର୍ଯ୍ୟ (ଦଣ୍ଡାଗୁଡ଼ିକରେ ଅର୍ଦ୍ଧ ଚନ୍ଦ୍ରାକାର ଖୋଦେଇ ବା କାପ କାର୍ଯ୍ୟ)। ରଥ ଅଖ ଉପରକୁ ଦଣ୍ଡା ଉଠିବା ପରେ ମୁଖ୍ୟ ମହାରଣାମାନଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣାମାନେ ତିନିରଥର ଦଣ୍ଡାଗୁଡ଼ିକରେ ଦଣ୍ଡା ଗୋଲେଇ ମାପ ଚିହ୍ନ ଦେବା ସହ ଖୋଦେଇ ଶେଷ କରିଥିଲେ। ଏହାପରେ ତିନିରଥ ଦଣ୍ଡାକୁ ଅଖ ସହ ସେଟିଂ କରାଯାଇ ପାଞ୍ଚ ଦଣ୍ଡା ଆଗ ପଛ ମୁହାଁଟ ସଂଯୋଗ ହୋଇଥିଲା। ଆଗ ମୁହାଁଟରେ ସାଲ ଗୁଜ ଏବଂ ପଛ ମୁହାଁଟରେ ଜଳଯନ୍ତ୍ର ଏବଂ ଦୁଇଟି ସାଲଗୁଜ ଉଠିଥିଲା। ଗୁଜ ଉପରେ ନିରାଡ଼ି ପଡ଼ି କୁଡୁକା ସଂଯୋଗ ହୋଇ ଦଣ୍ଡାରେ କଣ୍ଟା ବାଡ଼ିଆ କାର୍ଯ୍ୟ ପାଇଁ କତା ଦଉଡ଼ିରେ ଟାଣ ଦେଇ ବାନ୍ଧେଣୀ ଶେଷ ହୋଇଛି। ବୁଧବାର କମାର ସେବକ ତିନିରଥ ଦଣ୍ଡାରେ କଣ୍ଟା ପଡ଼ିବା କାର୍ଯ୍ୟ ସମ୍ପନ୍ନ କରିବେ। ଏଥିସହ ତିନିରଥର ସମସ୍ତ ଗୟଳର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟରେ ଚିତ୍ର ଖୋଦେଇ ସହ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ସରଞ୍ଜାମ ତିଆରି କରୁଛନ୍ତି। କମାରଶାଳରେ କମାର ସେବକମାନେ ପୋଟଳ କଣ୍ଟା ନିର୍ମାଣ ସହ ତିନିରଥର ଦଣ୍ଡାରେ କଣ୍ଟା ପଡ଼ିବା ପାଇଁ ସମସ୍ତ ଦଣ୍ଡା କଣ୍ଟା ସାଇତା କାର୍ଯ୍ୟ ସାରିଛନ୍ତି।

■ ସିଡିଏମ୍‌ଓଙ୍କୁ ଆପ୍‌ର ଦାବିପତ୍ର

ରେଫର୍ ବନ୍ଦ ହେଉ; ପୁରୀରେ ସମ୍ପୂର୍ଣ୍ଣ ଚିକିତ୍ସା ଦିଅ

ପୁରୀ,୨।୬(ସମିସ)

ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ମେଡିକାଲ କୋଠା ନିର୍ମାଣରେ ବିଳମ୍ବ ଏବଂ ନିର୍ମାଣ ସରିଥିବା ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଜିଲ୍ଲାବାସୀ ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ପାର୍ଟି ଅଭିଯୋଗ କରିଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଅନେକ ରୋଗୀ ଭୁବନେଶ୍ୱର-କଟକ ରେଫର ହେଉଛନ୍ତି ଏବଂ କେତେକ କ୍ଷେତ୍ରରେ ରାସ୍ତାରେ ହିଁ ପ୍ରାଣ ହରାଉଛନ୍ତି। ଏଭଳି ରେଫର୍ ରାଜନୀତି ବନ୍ଦ କରି ପୁରୀରେ ସମ୍ପୂର୍ଣ୍ଣ ଏବଂ ଉତ୍ତମ ଚିକିତ୍ସା ଦେବା ସହ ଆପ୍ ପକ୍ଷରୁ ସିଡିଏମ୍‌ଓଙ୍କୁ ୧୨ ଦଫା ଦାବିପତ୍ର ଦିଆଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ହସ୍ପିଟାଲର ନିରାମୟ, ୬ ତାଲା, କ୍ୟାମ୍ପସ୍, କାଜୁଆଲିଟି ଓ ଅନ୍ୟାନ୍ୟ ବିଭାଗରେ ୧୫୦ଟି ନୂତନ ଫ୍ୟାନ୍ ସ୍ଥାପନ, କାଜୁଆଲିଟି, ହିଟ୍ ଷ୍ଟ୍ରୋକ୍, ଅର୍ଥୋପେଡିକ୍, ଚକ୍ଷୁରୋଗ ବିଭାଗ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ୧୦ଟି ଏସି ସ୍ଥାପନ, ହସ୍ପିଟାଲ କ୍ୟାମ୍ପସ୍ ଓ ୱାର୍ଡରେ ୭ଟି ୱାଟର ପ୍ୟୁରିଫାୟର ସହ ବେସିନ୍

ବ୍ୟବସ୍ଥା, ୬ ତାଲାରେ ଉନ୍ନତମାନର ଏଲ୍‌ଇଡି ଲାଇଟ୍ ସ୍ଥାପନ, କାଜୁଆଲିଟିରୁ ୱାର୍ଡକୁ ଯିବା ରାସ୍ତାରେ ଚାଲିଥିବା ସିଲିଂ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ, ୬ ତାଲାରେ ଦୁର୍ବଳ ପରିଚାଳନା ବ୍ୟବସ୍ଥାର ତଦନ୍ତ ଓ ଦାୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମହିଳା ୱାର୍ଡରେ ସ୍ୱଚ୍ଛତା, ସୁରକ୍ଷା ଓ ମୌଳିକ ସୁବିଧାର ଉନ୍ନତି, ରୋଗୀଙ୍କ ପରିଜନଙ୍କ ହଇରାଣ ଦୂର ପାଇଁ ଉଚିତ୍ ବ୍ୟବସ୍ଥା, ସର୍ଜରୀ ୱାର୍ଡ ପଛପଟେ ଜମିଥିବା ଡ୍ରେନ୍ ପାଣି ଓ ଆବର୍ଜନାର ତୁରନ୍ତ ସଫେଇ, ୧୦ ବର୍ଷରୁ ଅଧିକ ସମୟ ଧରି ପୁରୀରେ କାର୍ଯ୍ୟରତ ଡାକ୍ତରମାନଙ୍କ ବଦଳି କରି ଅଭିଜ୍ଞ ଓ ଦକ୍ଷ ଡାକ୍ତରଙ୍କ ନିଯୁକ୍ତି (କାରଣ ଦୀର୍ଘଦିନ ଧରି ରହିବା ଯୋଗୁଁ ସରକାରୀ ଚିକିତ୍ସାରେ ଅବହେଳା ଓ ଘରୋଇ ଚିକିତ୍ସାଳୟକୁ ଯିବାକୁ ପରୋକ୍ଷ ପ୍ରୋତ୍ସାହନ ଅଭିଯୋଗ ହେଉଛି), ହୃଦ୍‌ରୋଗ ଓ ସ୍ନାୟୁରୋଗ ବିଭାଗରେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଡ୍ୟୁଟି ସମୟରେ ଡାକ୍ତରଙ୍କ ଉପସ୍ଥିତି ସୁନିଶ୍ଚିତ କରିବା (ଅନେକ ସମୟରେ ଜରୁରୀକାଳୀନ ବିଭାଗରେ ବି ଡାକ୍ତର ନ ଥିବା ଅଭିଯୋଗ ହେଉଛି)। ଆପ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି ଚେତାବନୀ ଦେଇ କହିଛନ୍ତି, ଏହି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ରୋଗୀ ଓ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିବ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଜନସ୍ୱାର୍ଥରେ ଆପ୍ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବ। ଏହି ଦାବିପତ୍ର ପ୍ରଦାନରେ ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ, ଯୁବ ସଂଗଠକ ଜନ୍ମେଜୟ ଜେନା ଏବଂ ଅମନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା ଆନିମେସନ ମାଧ୍ୟମରେ ବ୍ରିକ୍ସ ପ୍ରତିନିଧିମାନଙ୍କୁ ଅନନ୍ୟ ଢଙ୍ଗରେ ସ୍ୱାଗତ କରିଛନ୍ତି।

ଆସୁଛି ରଥଯାତ୍ରା

ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କଲେ ଡିଜି

ପୁରୀ,୨।୬(ସମିସ)

ଆଗାମୀ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟରେ ମଙ୍ଗଳବାର ସର୍କିଟ୍ ହାଉସ୍‌ରେ ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ ଫାୟାର ପ୍ରୋଟେକ୍ସନ ଓ ରେସ୍କ୍ୟୁ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ। ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଏହାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ମ୍ୟୁନିସିପାଲିଟି କମିସନର, ମେଡିକାଲ ଟିମ୍, ପୁଲିସ ଓ ଫାୟାର ରେସ୍କ୍ୟୁ ଟିମ୍ ରହିଛନ୍ତି। କର୍ଡନ ଭିତରେ ଓ ବାହାରେ ସାଧାରଣ ଲୋକ ପ୍ରବେଶ କରିପାରିବେ ନାହିଁ। କେବଳ ନିୟୋଜିତ ଟିମ୍ କର୍ଡନ ଭିତରେ ରହିବେ। କୌଣସି ଛୋଟପିଲା ବା ବୃଦ୍ଧ ବ୍ୟକ୍ତି ଅସୁସ୍ଥ

ହୋଇ ପଡ଼ିଲେ ଫାୟାର ବ୍ରିଗେଡ୍‌ମାନେ ଷ୍ଟ୍ରେଚରରେ ତାଙ୍କୁ ନେଇ ଅକ୍ସିଜେନ ଦେଇ ଡାକ୍ତରଖାନା ପହଞ୍ଚାଇବେ। କର୍ଡନ ଭିତର ଓ ବାହାର ପାର୍ଶ୍ୱରେ ସମସ୍ତେ ପ୍ରୋଟେକ୍ସନ ପାଇଁ ଆଲର୍ଟ ରହିବେ। ପ୍ରାଇଭେଟ୍ ଏନ୍‌ଜିଓ ବା ଇଣ୍ଡଷ୍ଟ୍ରିମାନଙ୍କୁ ରଥରେ ଖାଦ୍ୟ ଓ ପାନୀୟ ଯୋଗାଇବାକୁ ବାରଣ କରାଯାଇଛି। କେବଳ ସରକାରୀ ଭାବରେ ଅନୁମୋଦିତ ଏନ୍‌ଜିଓ ବା ଖାଦ୍ୟ ପାନୀୟ ଯୋଗାଣ ସଂସ୍ଥା ହିଁ ବଣ୍ଟନ କରିପାରିବେ। ପ୍ରତ୍ୟେକ ଛକ ଓ ଭିଡ଼ ସ୍ଥାନରେ ରେସ୍କ୍ୟୁ ଟିମ୍ ମୁତୟନ ରହିବେ।

ପୁରୀରେ ପ୍ରାୟ ୧୮୦୦ ଲଜ୍ ଓ ହୋଟେଲ ଥିବାବେଳେ ମାତ୍ର ୩୦ରୁ ୪୦ଟି ଫାୟାର ସେଫ୍‌ଟି ଲାଇସେନ୍ସ କରିଛନ୍ତି। ଅନ୍ୟମାନେ ଲାଇସେନ୍ସ ନ କରିବାରୁ ଅଗ୍ନିକାଣ୍ଡ ଘଟିଲେ ଜୀବନ ଓ ଧନହାନୀର ଆଶଙ୍କା ରହିଛି। ଏଣୁ ଡିଜି ଶ୍ରୀ ଷଡ଼ଙ୍ଗୀ ଏସ୍‌ପିଙ୍କୁ ତୁରନ୍ତ ହୋଟେଲ ଓ ଲଜ୍‌ରେ ରେଡ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଆଗୁଆ ନୋଟିସ୍ ଜାରି କରିବାକୁ କୁହାଯାଇଛି। ଡିଜି କହିଛନ୍ତି ଯେ, ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ଏବଂ କୌଣସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଅଗ୍ନିଶମ ଅଧିକାରୀ ପ୍ରସ୍ତୁତ ରହିବେ। ବୈଠକରେ ମ୍ୟୁନିସିପାଲିଟି କମିସନର ଅରୁଗୁଲା ସ୍ନେହା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତଚନ୍ଦ୍ର ମହାପାତ୍ର, ସିଡିଏମ୍‌ଓ ଅକ୍ଷୟ କୁମାର ଶତପଥୀ, ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ, ଚିଫ୍ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝୀ, ଫାୟାର ଅଫିସର ସେଣ୍ଟ୍ରାଲ ରେଞ୍ଜ ତିଲୋକ କୁମାର ବାବୁ, ଡେପୁଟି ଫାୟାର ଅଫିସର ସନ୍ତୋଷ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

ଲଟେରୀରେ ଖୋଲିଲା ମଦ ଦୋକାନୀଙ୍କ ଭାଗ୍ୟ

ପୁରୀ,୨।୬(ସମିସ): ଲଟେରୀରେ ଖୋଲି ପୁରୀ ଜିଲ୍ଲାର ମଦ ଦୋକାନୀଙ୍କ ଭାଗ୍ୟ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଜିଲ୍ଲାର ୫୪ଟି ମଦ ଦୋକାନ ପାଇଁ ନିଲାମ ପ୍ରକ୍ରିୟା ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟାକୁ ଅନୁଧ୍ୟାନ

କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ମୋଟ୍ ୫୪ଟି ମଦ ଦୋକାନ ପାଇଁ ୧,୭୯୧ ଜଣ ଆବେଦନ କରିଥିଲେ। ଏଥିରେ ୩୬ଟି ବିଦେଶୀ ମଦ ଦୋକାନ ପାଇଁ ୧,୨୫୮ ଆବେଦନ ମିଳିଥିବାବେଳେ ଓ ୧୮ଟି ଦେଶୀ ମଦ ଦୋକାନ ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ଡବାରେ ପକାଯାଇ ଘଣ୍ଟାଘଣ୍ଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟା ଘୋଷଣା କରିଥିଲେ। ପରେ ସେହି କ୍ରମିକ ସଂଖ୍ୟାର ନାମଧାରୀଙ୍କୁ ସମ୍ପୃକ୍ତ ମଦ ଦୋକାନର ବିଜେତା ବୋଲି ଘୋଷଣା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗା ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ ଓ ଅବକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

୩୦୦ ବୋତଲ ନିଶା ଔଷଧ ଜବତ

ପୁରୀ,୨।୬(ସମିସ): କୁମ୍ଭାରପଡ଼ା ଥାନା ପୁଲିସ ବସ୍‌ଷ୍ଟାଣ୍ଡ ପରିସରରେ ଚଢ଼ଉ କରି ଏକ ଅଟୋ ସହ ବିପୁଳ ପରିମାଣର ନିଶା ଔଷଧ ଏସ୍କଫ୍ ସିରଫ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ପଞ୍ଚୁକୁଲାର ସୁଦାମ ମହାରଣା। ସେ ବର୍ତ୍ତମାନ ପୁରୀ ବଳିଆପଣ୍ଡା ଦାମୋଦର ରୋଡ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିଲେ। ପୁଲିସ ତାଙ୍କ ନିକଟରୁ ଏକ ଅଟୋ ସହ ୩୦୦ ବୋତଲ ଏସ୍କଫ ସିରଫ ଜବତ କରିଛି। ବସ୍‌ଷ୍ଟାଣ୍ଡ ପରିସରରେ ଉକ୍ତ ଅଟୋରେ ବେଆଇନ ଭାବେ ଏସ୍କଫ ସିରଫ ବୋତଲ ଚାଲାଣ ହେଉଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା।

ମହିଳାଙ୍କୁ ମନ୍ଦିର ପ୍ରବେଶ ବାରଣ: ଥାନାରେ ଅଭିଯୋଗ

ପୁରୀ,୨।୬(ସମିସ)

ଚନ୍ଦନପୁର ଥାନା ଅନ୍ତର୍ଗତ ଶିରୁଳୀ ମହାବୀର ମନ୍ଦିର ଦର୍ଶନ କରିବାକୁ ଯାଇଥିବା ଜଣେ ମହିଳାଙ୍କ ଜାତିକୁ ନେଇ ମନ୍ଦିର ପ୍ରବେଶ ବାରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିବାବେଳେ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହିଳା ଜଣକ କହିଛନ୍ତି କି, ତାଙ୍କର ମାନସିକ ଥିବା ହେତୁ ସେ ଦର୍ଶନ ପାଇଁ ଶିରୁଳୀ ମହାବୀର ମନ୍ଦିର ଯାଇଥିଲେ। ସେ ଲାଇନ୍‌ରେ ଯିବା ସମୟରେ ତାଙ୍କୁ ସେଠାରେ ଜଣେ ବ୍ୟକ୍ତି ନାମ ଓ ଜାତି ପଚାରିଥିଲେ। ତେବେ ସେ ତାଙ୍କର ନାମ ଓ ଜାତି କହିବା ପରେ ତାଙ୍କୁ ମନ୍ଦିରକୁ ଯିବା ବାରଣ ବୋଲି କହିବା ସହ ସେଠାରୁ ଚାଲିଯିବାକୁ କହିଥିଲେ। ପରେ ଆଉ କିଛି ବ୍ୟକ୍ତି ଆସି ତାଙ୍କୁ ପ୍ରବେଶ କରିବାକୁ ବାରଣ କରିବା ସହ ସେଠାରୁ ବାହାର କରିଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଚନ୍ଦନପୁର ଥାନାରେ ମହିଳା ଜଣକ ଅଭିଯୋଗ କରିଛନ୍ତି।

ଘଟଣା ସମ୍ପର୍କରେ ଥାନାଧିକାରୀଙ୍କୁ ପଚାରିବାରେ ଭୁଲ୍ ବୁଝାମଣା ଯୋଗୁଁ ଏଭଳି ଘଟଣା ଘଟିଥିଲା। ଅଭିଯୋଗକାରୀ ମନ୍ଦିରକୁ ଯାଇପାରିବେ, ଏଥିରେ କିଛି ଅସୁବିଧା ନାହିଁ ବୋଲି କହିଛନ୍ତି।

ଲଜ୍‌ରେ ବିଷ ପିଇଲେ ପ୍ରେମୀଯୁଗଳ

ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ପୁରୀ,୨।୬(ସମିସ): ପୁରୀ ଦୋଳମଣ୍ଡପ ସାହିରେ ଥିବା ଏକ ଲଜ୍‌ରେ ମଙ୍ଗଳବାର ସକାଳୁ ପ୍ରେମୀଯୁଗଳ ବିଷ ପିଇଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ତୁରନ୍ତ ପିସିଆର୍ ଭ୍ୟାନ୍ ଏବଂ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଯୁବକ ଜଣକ ବାଲେଶ୍ୱର ମାର୍କଣାର ସପନ କୁମାର ସାହୁ ଓ ଯୁବତୀଙ୍କ ଘର ଭଦ୍ରକ ବାସୁଦେବପୁରରେ ବୋଲି ପୁଲିସ ସୂଚନା ଦେଇଛି। ତେବେ ଯୁବକ ଜଣକ ବିବାହିତ ବୋଲି ଜଣାପଡ଼ିଛି। ସେମାନେ ଲଜ୍‌ରେ ଦମ୍ପତି ବୋଲି ପରିଚୟ ଦେଇ ରହିଥିବା ପୁଲିସ କହିଛି।

ପୁରୁଲିଆ ଛଉ ଓ ମଣିପୁରୀ ନୃତ୍ୟରେ ହସିଲା ମହୋଦଧି

ପୁରୀ,୨।୬(ସମିସ): ଆମ ଦେଶର ବିବିଧ ଲୋକକଳା, ଆଦିବାସୀ ପରମ୍ପରା ଏବଂ ଗ୍ରାମୀଣ ଭାରତର ସାଂସ୍କୃତିକ ଶକ୍ତିକୁ ସୁରକ୍ଷିତ ରଖିବା ନିମନ୍ତେ ଜାତୀୟ ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ

ଲୋକମେଳା ଓ କୃଷି ମେଳାର ଦ୍ୱିତୀୟ ସନ୍ଧ୍ୟା

୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳାର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଆୟୋଜକଙ୍କର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ ଯାହା ଆମ ଦେଶର ମହାନ ଲୋକ କଳା, ଲୋକ ସଂସ୍କୃତି ଓ କୃଷକମାନଙ୍କୁ ଅଧିକ କ୍ରିୟାଶୀଳ କରିବ ବୋଲି କହିଥିଲେ। ସଭା ପର୍ବରେ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ଅନୁଷ୍ଠାନର ଦୀର୍ଘଦିନର ସାଂସ୍କୃତିକ ଓ ସାମାଜିକ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଆୟୋଜକ କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓୟୁଏଟିର ଡିନ୍ ନିରଞ୍ଜନ ପଣ୍ଡା, ଇଂ. ସୌମ୍ୟରଞ୍ଜନ ଦ୍ୱିବେଦୀ ଓ ମଧୁସୂଦନ ସିଂହାରୀ ପ୍ରମୁଖ ଅତିଥିମାନେ ଲୋକମେଳା ଓ କୃଷିମେଳାର ଜାତୀୟ ଗୁରୁତ୍ୱ, ଆଦିବାସୀ ସଂସ୍କୃତିର ସଂରକ୍ଷଣ ଏବଂ କୃଷି ଜ୍ଞାନର ପ୍ରସାର କ୍ଷେତ୍ରରେ ଏହାର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରଶାସନିକ କମିଟି ଅଧ୍ୟକ୍ଷ ଡ. ବଦ୍ରି ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ଦଳମାନଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ପୌରପାଳ ଗୌରହରି ପ୍ରଧାନ, ସନ୍ତୋଷ ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ନାରାୟଣ ପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ଛଉ ନୃତ୍ୟ, ଝାଡ଼ଖଣ୍ଡର ଝୁମୁର ଓ ସାନ୍ତାଳୀ ନୃତ୍ୟ, ଛତିଶଗଡ଼ର ଧୁମ୍‌ସା ନୃତ୍ୟ, ମଣିପୁରର ମଣିପୁରୀ ନୃତ୍ୟ, ଗୁଜରାଟର ଦାଣ୍ଡିଆ ଓ ଲୋକନୃତ୍ୟ, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ, ଆସାମର ଲୋକନୃତ୍ୟ, ରାଜସ୍ଥାନର କାଳବେଲିଆ ଓ ଘୁମର ନୃତ୍ୟ, ଗୋଆର ଫୁଗଡ଼ି ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା ଏବଂ ଓଡ଼ିଶାର ଓଡ଼ିଶୀ ଓ ଲୋକନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା। ବିଭିନ୍ନ ରାଜ୍ୟର ରଙ୍ଗବେରଙ୍ଗ ପୋଷାକ, ଲୋକବାଦ୍ୟ ଓ ପାରମ୍ପରିକ ନୃତ୍ୟଶୈଳୀ ଦର୍ଶକମାନଙ୍କୁ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟର ପରିଚୟ

ଦେଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ରୋହ କୁମାର ସିଂହ, ଭବାନୀ ସାହୁ ଓ ରୀତେଶ ମହାନ୍ତି। ସ୍ୱତନ୍ତ୍ର ଶିଶୁ ସାଂସ୍କୃତିକ ପର୍ବରେ ଗଣେଶ ବନ୍ଦନା, ଶିଶୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା।

THE SAKALA

ମୂଲ୍ୟାଙ୍କନର ହନୁକରଣ

ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଜନିତ ବିବାଦର ଅବସାନ ଘଟି ନଥିବା ବେଳେ ସିବିଏସ୍‌ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ଅଧୀନରେ ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଖାତା ମୂଲ୍ୟାୟନ ବିଭ୍ରାଟ ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଘୂଣ ଖାଇ ଯାଇଥିବା ଅଭିଯୋଗ ମଧ୍ୟ ହେଉଛି। ଏଥିସହିତ କୋଟିକୋଟି ଭାରତୀୟ ଶିକ୍ଷାର୍ଥୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ସମୟୋପଯୋଗୀ ବିକାଶ ଆଳରେ ଗତ କିଛିବର୍ଷ ଧରି ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅପରିଣାମଦର୍ଶୀ ପରୀକ୍ଷା ନିରୀକ୍ଷାର ନକାରାତ୍ମକ ପରିଣାମ ଏବେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୋଗୁଛନ୍ତି। କେଉଁଠି ପାଠ୍ୟକ୍ରମରେ ବ୍ୟାପକ ଓ ଅନାବଶ୍ୟକ ପରିବର୍ତ୍ତନ କରାଯାଉଛି ତ କେତେବେଳେ ପରୀକ୍ଷାରେ ଅବାନ୍ତର ବ୍ୟବସ୍ଥାମାନ ଖଞ୍ଜା ଯାଉଛି। ଏହାର ସଦ୍ୟତମ ଉଦାହରଣ ରୂପେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନକୁ ନିଆଯାଇପାରେ।

ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷା ଖାତା ମୂଲ୍ୟାୟନକୁ ଅନ୍‌ସ୍କ୍ରିନ୍ ମାର୍କିଂ(ଓଏସ୍‌ଏମ୍) କରିଦିଆଗଲା। ଏହି ପଦ୍ଧତିରେ ପରୀକ୍ଷା ଖାତାଗୁଡ଼ିକୁ ସ୍କାନ୍ କରି କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯାଏ। ପରୀକ୍ଷକମାନେ ଉତ୍ତରଖାତାଗୁଡ଼ିକୁ ଆଉ ପ୍ରତ୍ୟକ୍ଷ ନ ପଢ଼ି କମ୍ପ୍ୟୁଟର ସ୍କ୍ରିନ୍‌ରେ ପଢ଼ି ମୂଲ୍ୟାୟନ କରନ୍ତି। ଏହାଦ୍ୱାରା ମୂଲ୍ୟାୟନ ସମୟ ତ ସଞ୍ଚିତ ହେଲା ନାହିଁ, ଅଧିକନ୍ତୁ ଡିଜିଟାଲ୍ କ୍ଷେତ୍ରରେ ଭାରତର ଅପାରଗତା ଓ ତ୍ରୁଟି ପୁଣି ଥରେ ପଦାକୁ ଆସିଲା। ଜଣେ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାର କିଛି ଫର୍ଦ୍ଦ ଆଉ ଜଣେ ପରୀକ୍ଷାର୍ଥୀଙ୍କ ଖାତାରେ ଯୋଡ଼ି ହୋଇଗଲା ଏବଂ କେତେଜଣ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାରୁ କିଛି ପୃଷ୍ଠା କମ୍ପ୍ୟୁଟର ସ୍କ୍ରିନ୍‌ରେ ଆଦୌ ନଥିଲା। ପୁଣି ଅନେକ ପରୀକ୍ଷା ଖାତାର ପୃଷ୍ଠାଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଏତେ ଅସ୍ପଷ୍ଟ ଓ ଝାପ୍‌ସା ଥିଲା ଯେ ପଢ଼ିବା ସମ୍ଭବ ହେଉ ନଥିଲା। ସେହି ଅନୁଯାୟୀ ମୂଲ୍ୟାୟଙ୍କରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଲା। କେତେକ ପରୀକ୍ଷାର୍ଥୀଙ୍କ ନମ୍ବର ଅବିଶ୍ୱସନୀୟ ଭାବେ ହ୍ରାସ ପାଇଲା। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପରୀକ୍ଷା ଖାତା ଦେଖିବାର ସୁଯୋଗ ମିଳିବା ପରେ ସେମାନେ ଓଏସ୍‌ଏମ୍‌ର ଏହି ବିଭ୍ରାଟ ବିଷୟରେ ଅଭିଯୋଗ କଲେ। ଅଭିଯୋଗ ଗୁରୁତର, ବିବାଦ ତୀବ୍ର ଓ ତ୍ରୁଟି ପ୍ରମାଣିତ ହେବା ପରେ କର୍ତ୍ତୃପକ୍ଷଙ୍କ ପାଖରେ ସଫେଇ ଦେବା ପାଇଁ ଆଉ ରାସ୍ତା ନଥିଲା। ଏବେ ପୁଣି ଥରେ ଖାତାଗୁଡ଼ିକୁ ସ୍କାନିଂ କରି ପୁନଃମୂଲ୍ୟାୟନ ହେବା ଆରମ୍ଭ ହୋଇଛି। ଏଥିରେ ସାମଗ୍ରିକ ଭାବେ କାହାର ଲାଭ ବା କ୍ଷତି ହେଲା ତାହାର ଉଲ୍ଲେଖ ଅନାବଶ୍ୟକ। ପରୀକ୍ଷକମାନେ ଦୁଇଦୁଇ ଥର ଖାତା ଦେଖିବାକୁ ପଡ଼ିଲା ଏବଂ ଅର୍ଥ ଓ ସମୟ ଅପଚୟ ଅଧିକ ହେବା କେବଳ ସାର ହେଲା।

ସମ୍ପୂର୍ଣ୍ଣ ପୂର୍ବପ୍ରସ୍ତୁତି ବିନା ଯୁଦ୍ଧକୁ ଡେଇଁପଡ଼ିଲେ ଯାହା ଅବସ୍ଥା ହୁଏ ତାହା ହିଁ ଭାରତରେ ଓଏସ୍‌ଏମ୍‌ରେ ହୋଇଛି। କେତେକ ବିକଶିତ ଦେଶରେ ଏଭଳି ବ୍ୟବସ୍ଥା ପ୍ରଚଳିତ ଥିବାରୁ ଭାରତର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟ ତାହାକୁ ଅନୁକରଣ କରିବାରେ କିଛି ଅବାସ୍ତବତା ନାହିଁ। କିନ୍ତୁ ପର୍ଯ୍ୟାପ୍ତ ଭିତ୍ତିଭୂମି ବିନା କୌଣସି ଉନ୍ନତ ବ୍ୟବସ୍ଥାର ଅନୁକରଣ ତାହାକୁ ହନୁକରଣରେ ରୂପାନ୍ତରିତ କରିଦିଏ, ଯାହାର ସଦ୍ୟ ଉଦାହରଣ କେବଳ ଦେଖିବାକୁ ମିଳିଛି। ୨୦୧୪ରେ ଏଭଳି ପ୍ରୟାସ କରି ସିବିଏସ୍‌ଇ ବିଫଳ ହେବା ପରେ ଆଉ ସେ ସମ୍ପର୍କରେ ଅଧିକ ପରୀକ୍ଷା ନିରୀକ୍ଷା କରିବାର ଆବଶ୍ୟକତା ଥିବା ବୋଧହୁଏ ମନେ କଲା ନାହିଁ। ସିଧାସଳଖ ଦ୍ୱାଦଶ ବାର୍ଷିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ପାଇଁ ଓଏସ୍‌ଏମ୍‌କୁ ଆପଣେଇ ନେଲା। ନିଜ ନାମ ପରିବର୍ତ୍ତନ କରିଥିବା ଏକ ବିବାଦୀୟ ସଂସ୍ଥାକୁ ଓଏସ୍‌ଏମ୍ ଦାୟିତ୍ୱ ଦିଆଯିବା ପଛରେ ସରକାରୀ ହାତ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହାର ପ୍ରମାଣ ଆମ ପାଖରେ ନାହିଁ। କିନ୍ତୁ ଏଭଳି ସମ୍ବେଦନଶୀଳ କ୍ଷେତ୍ରରେ ଅଧିକ ପରୀକ୍ଷା ନିରୀକ୍ଷା ବିନା କୌଣସି ପ୍ରୟୋଗ ଯେ ଅବାଞ୍ଛିତ - ଏହି ଶିକ୍ଷାକୁ କର୍ତ୍ତୃପକ୍ଷ ଓ ମନ୍ତ୍ରଣାଳୟ କେତେ ମନେ ରଖିବେ ତାହା ସେମାନଙ୍କ ଉପରେ ନିର୍ଭର କରେ।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଓଏସ୍‌ଏମ୍‌ରେ ଉତ୍ତରଖାତାଗୁଡ଼ିକୁ ସ୍କାନ କରିବା ଲାଗି ସିଲେଇ ଖୋଲିବାକୁ ପଡ଼େ। ୧୭ ଲକ୍ଷ ପରୀକ୍ଷାର୍ଥୀଙ୍କ ୯୮ ଲକ୍ଷ ଉତ୍ତରଖାତାର ୪୦ କୋଟି ପୃଷ୍ଠା ସ୍କାନିଂ କରିବା ସହଜସାଧ୍ୟ ବ୍ୟାପାର ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ମାନବୀକୃତ ହୋଇଥିବାରୁ ଉତ୍ତରଖାତାର ପୃଷ୍ଠା ଓଲଟପାଲଟ କିମ୍ବା ହଜିଯିବାର ଆଶଙ୍କା ଅଧିକ। ପରୀକ୍ଷକଙ୍କ ଉପରେ ସତର୍କ ଦୃଷ୍ଟି ରଖିବା, ମୂଲ୍ୟାୟନକୁ ଅଧିକ ଉତ୍ତରଦାୟୀ କରିବା, ଆଞ୍ଚଳିକ ତାରତମ୍ୟ ହ୍ରାସ କରିବା ଏବଂ ମୋଟ ନମ୍ବର ମିଶାଣକୁ ତ୍ୱରାନ୍ୱିତ କରିବାରେ ଓଏସ୍‌ଏମ୍ ସହାୟକ ହେବ ବୋଲି କର୍ତ୍ତୃପକ୍ଷ କରୁଥିବା ଯୁକ୍ତି ଯେ ନିତାନ୍ତ ଅବାନ୍ତର ଥିଲା ତାହା ଏବେ ପ୍ରମାଣିତ ହୋଇଗଲା। ଚୂଡ଼ାନ୍ତ ମୂଲ୍ୟାୟନ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରକାରୀ ଓ ଘରୋଇ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନେଇ ଯେଉଁ ସ୍ୱଳ୍ପଅବଧି ବିଶିଷ୍ଟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା ସେଥିରେ ଓଏସ୍‌ଏମ୍ ପଦ୍ଧତି ଅନୁପଯୋଗୀ ଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତକୁ ଅଣଦେଖା କରି କର୍ତ୍ତୃପକ୍ଷ ଚୂଡ଼ାନ୍ତ ପ୍ରୟୋଗ ପାଇଁ ପ୍ରସ୍ତୁତ ହୋଇଗଲେ। କର୍ତ୍ତୃପକ୍ଷ ଅନ୍ତତଃ ଆଉ କିଛିଦିନ ସମୟ ନେଇଥିଲେ ଆଜି ଏଭଳି ବିବାଦୀୟ ସ୍ଥିତି ସୃଷ୍ଟି ହୋଇ ନଥା'ନ୍ତା।

ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଅନଭିଜ୍ଞତା ଓ ତଦାରଖର ଅଭାବ ଥିବା ବିଦେଶର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆଉ କିଛି ବିଶେଷଜ୍ଞ ବୈଷୟିକ ତ୍ରୁଟି ଦିଗକୁ ଇଙ୍ଗିତ କରିଛନ୍ତି। ତିନିଘଣ୍ଟା ଅବଧି ବିଶିଷ୍ଟ ପରୀକ୍ଷାର ଆରମ୍ଭରେ ଜଣେ ଛାତ୍ର କିମ୍ବା ଛାତ୍ରୀର ହସ୍ତାକ୍ଷରର ରୂପ ଓ ମାନ ଯାହା ଥାଏ ପରୀକ୍ଷା ଶେଷ ସମୟରେ ସେଥିରେ ଅନେକ ପରିବର୍ତ୍ତନ ହୋଇଯାଏ। ସେହିପରି ଗଣିତ, ପଦାର୍ଥ ବିଜ୍ଞାନ ଆଦି ବିଷୟରେ ଉତ୍ତରଖାତାଗୁଡ଼ିକ ପେନ୍‌ସିଲ୍ ଚିତ୍ର ଓ ଅଙ୍କନ ସମ୍ବଳିତ ଥାଏ। ବୈଷୟିକ ଜ୍ଞାନକୌଶଳ ଓ ଉପକରଣ ଅତ୍ୟାଧୁନିକ ଓ ଉନ୍ନତ ନ ହେଲେ ତାହା ଅବିକଳ କମ୍ପ୍ୟୁଟର ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇପାରେ ନାହିଁ। ଏହାଛଡ଼ା ଘରୋଇ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ସୁବିଧା ଏତେ ବିକଶିତ ଓ ଉନ୍ନତ ନଥିବାରୁ ଅପ୍‌ଲୋଡ୍ ବେଳେ ବିଭ୍ରାଟ ଓ ତାରତମ୍ୟ ସୃଷ୍ଟି ହେବାର ଆଶଙ୍କା ଅଧିକ। ଓଏସ୍‌ଏମ୍ କାର୍ଯ୍ୟକାରୀ ପୂର୍ବରୁ କର୍ତ୍ତୃପକ୍ଷ ଏହି ଦିଗଗୁଡ଼ିକୁ ଧ୍ୟାନ ଦେଇଥିଲେ ମୂଲ୍ୟାଙ୍କନ କସରତ ପୁଣି ଦୋହରାଇବାକୁ ପଡ଼ି ନଥା'ନ୍ତା କି ଦେଶବିଦେଶରେ ଭାରତର ଭାବମୂର୍ତ୍ତି ନିନ୍ଦିତ ହୋଇ ନ ଥା'ନ୍ତା।

ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ। କିନ୍ତୁ ଏହା ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ ସମ୍ପାଦନ କରୁଥିବାରୁ ମାନବୀକୃତ ଦକ୍ଷତା ଓ ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ। ତେଣୁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ସ୍ଥାନ-କାଳ-ପାତ୍ର ଆଦିକୁ ଦୃଷ୍ଟିରେ ରଖି କରିବା ବିଧେୟ। ବିଶେଷକରି ଚିକିତ୍ସା ଓ ପରୀକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା ଆଦୌ ଗ୍ରହଣୀୟ ନୁହେଁ। ଏ ଦିଗରେ ଆମେ ଅଧିକ ବିକଶିତ ହୋଇ ନଥିବାରୁ ଅନ୍ୟକୁ ଅନୁକରଣ କେବଳ ହନୁକରଣ ହେବା ସାର ହେବ, ଯାହା ଏବେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନରେ ହୋଇଛି।

ସମ୍ପାଦକୀୟ

ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।

- ଟିମ୍ ବର୍ଣର୍ସ ଲୀ

ଯୁବଶକ୍ତି: ସମ୍ଭାବନା ନା ଅପଚୟ?

ପ୍ରକାଶ ମିଶ୍ର

ଭାରତ ଏକ ଯୁବ ଦେଶ ବୋଲି ଆମେ ଗର୍ବ କରୁଛୁ। କିନ୍ତୁ ଏହି ଗର୍ବ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଯୁବସମାଜ ସଚେତନ, କୁଶଳୀ ଓ ଦିଗଦର୍ଶନ ପାଇ ଠିକ୍ ବାଟରେ ଚାଲନ୍ତି। ନହେଲେ ଏହି ଯୁବପିଢ଼ି ସୁଯୋଗ ନୁହେଁ, ବରଂ ସମସ୍ୟାରେ ପରିଣତ ହେବାର ଆଶଙ୍କା ରହିଥାଏ। ଆଜିର ପରିପ୍ରେକ୍ଷୀରେ ପ୍ରଶ୍ନ ହେଉଛି ଆମେ ଏହି ଯୁବଶକ୍ତିକୁ ଠିକ୍ ବାଟରେ ନେବା ପାଇଁ ସଠିକ୍ ଦିଗଦର୍ଶନ ଦେଉଛୁ ନା ତାହାକୁ ଅପଚୟ କରୁଛୁ?

ଆଜିର ଶିକ୍ଷାର ଚିତ୍ର ଏକ ବିରୋଧାଭାସ। ହାତରେ ଡିଗ୍ରୀ, କିନ୍ତୁ ମନରେ ଅନିଶ୍ଚିତତା। ଶିକ୍ଷା ବଢ଼ିଛି, କିନ୍ତୁ ଜୀବନର ସ୍ଥିରତା ବଢ଼ିନାହିଁ। ସାଧାରଣ ଶିକ୍ଷିତ ଯୁବକ ଓ ଯୁବତୀ ଆଜି ନିରାଶ ଓ ଭୟଭୀତ। ବାସ୍ତବ ଜୀବନରେ ପିଲାମାନଙ୍କୁ ଯେଉଁ କର୍ମକୌଶଳ ଦରକାର, ଯଥା ସମସ୍ୟା ସମାଧାନ କରିବା, ସମ୍ପର୍କ ଗଢ଼ିବା, ଦାୟିତ୍ୱ ନେବା ଇତ୍ୟାଦି, ସେଥିରେ ପାରମ୍ପରିକ ଶିକ୍ଷାର ଭୂମିକା ଅତ୍ୟନ୍ତ ସୀମିତ। ଆଜିର ଶିକ୍ଷା ଆମକୁ ଚାକିରି ପାଇଁ ପ୍ରସ୍ତୁତ କରୁଛି, କିନ୍ତୁ ଜୀବନ ପାଇଁ ନୁହେଁ। ଗ୍ରାମୀଣ ଅଞ୍ଚଳର ଚିତ୍ର ଆହୁରି ଚିନ୍ତାଜନକ। ମାତ୍ର ୫% ରୁ ୧୦% ପିଲା ଭଲ ପାଠ ପଢ଼ି ସହରର ପିଲାଙ୍କ ସହିତ ପ୍ରତିଯୋଗିତା କରିପାରୁଛନ୍ତି। ଏହି ନିରାଶାକୁ କିଛି ରାଜନୈତିକ ଶକ୍ତି ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଏମାନଙ୍କୁ 'କର୍ମୀ' ବୋଲି ନାମିତ କରାଯାଉଛି। ଏଥିରେ ସାମାନ୍ୟ କିଛି 'କର୍ମୀ' କିଛି ଫାଇଦା ପାଉଥିବା ବେଳେ ଅଧିକାଂଶ ବେକାର ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। କିନ୍ତୁ ଦୁଃଖର କଥା ଏମାନଙ୍କର ଭବିଷ୍ୟତ ବୋଲି କିଛି ନାହିଁ। ଅନେକ ସମୟରେ ରାଜନୀତିରେ ଏମାନଙ୍କୁ ଭୁଲ ଭାବରେ ବ୍ୟବହାର କରାଯାଉଛି।

ସରକାର ଏକ ପଟେ ନିଜକୁ ଯୁବମାନଙ୍କର ସରକାର ବୋଲି ପ୍ରଚାର କରୁଥିବା ବେଳେ ଅନ୍ୟ ପଟେ ଲଗାତାର ନୂତନ ମଦ ଦୋକାନକୁ ମଞ୍ଜୁରୀ ଦେଉଛନ୍ତି। ଏକ ପଟେ ବେରୋଜଗାରୀ ଓ ସକାରାତ୍ମକ କାର୍ଯ୍ୟର ଅଭାବ, ଅନ୍ୟ ପଟେ ସହଜରେ ମିଳୁଥିବା ନିଶାଦ୍ରବ୍ୟ ନିରାଶ ଯୁବପିଢ଼ିକୁ ଧୀରେ ଧୀରେ ବିପଥଗାମୀ କରୁଛି। ଏହା କେବଳ ବ୍ୟକ୍ତିଗତ ଭବିଷ୍ୟତକୁ ନୁହେଁ, ଦେଶର ଭବିଷ୍ୟତକୁ ମଧ୍ୟ ସଙ୍କଟରେ ପକାଉଛି। ସେହିଭଳି ଚରିତ୍ର ଗଢ଼ଣରେ ଖେଳକୁଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦଳୀୟ କାର୍ଯ୍ୟଦକ୍ଷତା ବିକାଶ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଏକାଠି କାମ କରିବା ଓ ପରସ୍ପର ସହଯୋଗରେ ସାଧାରଣ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବା ପାଇଁ ଶିକ୍ଷା ଦିଏ। ଦଳୀୟ ଖେଳରେ ଜଣେ ଖେଳାଳି ଅନ୍ୟ ଖେଳାଳିଙ୍କ ଉପରେ ନିର୍ଭର କରିବା, ଦାୟିତ୍ୱ ନେବା, ବିରୋଧ ସମାଧାନ କରିବା ଓ ସଫଳତା-ବିଫଳତାକୁ ଏକାଠି ଅନୁଭବ କରିବା ଶିଖେ। ଖେଳ ଆମକୁ ଶିଖାଏ ଅନୁଶାସନ, ଦଳୀୟ କାର୍ଯ୍ୟ, ହାର ପରେ ପୁନଃ ଉଠିବାର ସାହସ ଓ ଶେଷ ପର୍ଯ୍ୟନ୍ତ ଲଢ଼ିବାର ମନୋଭାବ। ଏହି ଗୁଣଗୁଡ଼ିକ ଜୀବନର ସଫଳତାର ଭିତ୍ତି। କିନ୍ତୁ ଦୁଃଖର କଥା ଅଧିକାଂଶ ଅଭିଭାବକ ପିଲାଙ୍କୁ କେବଳ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ଚାପ ଦେଉଛନ୍ତି। ଫଳରେ ପିଲା ଶିଶୁ ଅବସ୍ଥାରୁ ଯୁବା ହେବା ପର୍ଯ୍ୟନ୍ତ ପୁସ୍ତକ, ପାଠ ଓ ମୋବାଇଲ୍ ଛଡ଼ା ଅନ୍ୟ କିଛି ଜାଣିପାରୁନାହିଁ। ଏହାର ପରିଣାମରେ ନା ଶରୀର ସୁସ୍ଥ ରହୁଛି, ନା ମନ। ପାଠ ସହିତ ଭଲ ଖେଳି ରାଜ୍ୟ ଓ ଜାତୀୟସ୍ତରର ପ୍ରମାଣପତ୍ର ହାସଲ କଲେ ଏହା ଭବିଷ୍ୟତରେ ବହୁତ ସାହାଯ୍ୟକାରୀ ହୋଇପାରେ - ଏହି ଚିନ୍ତାଧାରା ଓ ସଚେତନତା ଆମ ସମାଜରେ ଅଭାବ ଅଛି।

ଓଡ଼ିଶାରେ ପର୍ଯ୍ୟାପ୍ତ ଶିଳ୍ପାନୁଷ୍ଠାନ ନଥିବାରୁ ଯୁବପିଢ଼ି ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ଅଶିକ୍ଷିତମାନେ ଦାଦନ ଶ୍ରମିକ ଭାବେ ଏବଂ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଛୋଟ ଚାକିରିରେ ଖଟୁଛନ୍ତି। ସେମାନେ କେମିତି ପରିବେଶ ଓ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି, ତାହା ଆଖିରେ ନ ଦେଖିଲେ ବୁଝିପାରିବା କଷ୍ଟକର। ପୁଣି କାମ ପାଇଁ ଆବଶ୍ୟକ ଦକ୍ଷତା ନଥିବାରୁ ପିଲାମାନଙ୍କର ଠିକ୍ ଭାବରେ କର୍ମସଂସ୍ଥାନ ହୋଇପାରୁନାହିଁ। ଯାହା ପଢ଼ାଯାଉଛି ଓ ଚାକିରିର ଆବଶ୍ୟକତା ମଧ୍ୟରେ ଅନେକ ଅନ୍ତର ରହିଛି। ଯେଉଁ ଚାକିରି ମିଳୁଛି, ସେଥିରେ ଦରମା ଅତ୍ୟନ୍ତ କମ୍। ଜଣେ ଇଞ୍ଜିନିୟର କିମ୍ବା ଏମ୍‌ବିଏ ପଢ଼ିଥିବା ପିଲା ଜଣେ ଶ୍ରମିକର ମାସିକ ଆୟଠାରୁ ମଧ୍ୟ କମ୍ ଦରମା ପାଉଛନ୍ତି ଏବଂ ବେଳେବେଳେ ମାଲିକମାନଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଛନ୍ତି। ତେଣୁ ଆର୍ଥିକ ଅନଟନ ଓ ସମ୍ମାନହାନି ଯୋଗୁଁ ଯୁବସମାଜ ମାନସିକ ଚାପରେ ରହୁଛନ୍ତି। ଯେହେତୁ କମ୍ପାନୀ ସଂଖ୍ୟା ବହୁତ କମ୍, ପିଲାମାନେ ଯେଉଁଠି କିଛି ମିଳୁଛି ସେଠି ବର୍ଷ ବର୍ଷ ପଡ଼ି ରହୁଛନ୍ତି। ଯଦି ପ୍ରତିବାଦ କରନ୍ତି, ତେବେ ଗୋଟିଏ ଦିନରେ ମଧ୍ୟ ଚାକିରିରୁ ବାହାର କରିଦେବାର ଧମକ ମିଳୁଛି।

ଆଜି ଯେପରି ଯୁବପିଢ଼ି ଆଇପିଏଲ୍ ଓ ଟି-୨୦ ମ୍ୟାଚ୍‌କୁ ନେଇ ଅତ୍ୟଧିକ ଆସକ୍ତ ହେଉଛନ୍ତି, ସେଥିରେ ଚିନ୍ତାର କାରଣ ରହିଛି। ପୃଥିବୀର ପ୍ରାୟ ୧୯୫ଟି ଦେଶରୁ ମାତ୍ର ୧୫/୨୦ଟି ଦେଶରେ କ୍ରିକେଟ୍ ଖେଳାଯାଏ। ବିକଶିତ ଦେଶମାନେ କ୍ରିକେଟ୍ ଆସକ୍ତ ନୁହନ୍ତି। ଏଠାରେ ପ୍ରଶ୍ନ କ୍ରିକେଟର ନୁହେଁ, ସମୟର ସଠିକ ବ୍ୟବହାରର। ଯେଉଁମାନେ ଖେଳୁଛନ୍ତି, ସେମାନେ ପରିଶ୍ରମ ଦ୍ୱାରା ସଫଳତା ପାଉଛନ୍ତି ଏବଂ ଅସୀମ ଆର୍ଥିକ ସଫଳତା ଲାଭ କରୁଛନ୍ତି। କିନ୍ତୁ ଲକ୍ଷଲକ୍ଷ ଯୁବକ କେବଳ ଦର୍ଶକ ହୋଇ ନିଜ ସମୟ ଓ ଶକ୍ତି ନଷ୍ଟ କରୁଛନ୍ତି। ଯଦି ଖେଳ ଆମକୁ ଶାରୀରିକ ଓ ମାନସିକ ଭାବେ ସଶକ୍ତ କରେ, ସେହି ଖେଳ ଉପକାରୀ; କିନ୍ତୁ ଯଦି ତାହା କେବଳ ଆସକ୍ତି ହୋଇଯାଏ, ତେବେ ସେହିଥିରେ ଯୁବଶକ୍ତିର ଅପଚୟ ହେବା ସ୍ୱାଭାବିକ। ସେହିପରି ଧର୍ମ ଆମକୁ କର୍ମମୁଖୀ କରିବା ଉଚିତ୍, କିନ୍ତୁ ଯଦି ଏହା ଆମକୁ କର୍ମରୁ ଦୂରେଇ ନେଇଯାଏ, ତେବେ ଏହାର ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଯାଏ। ଆମେ ସମସ୍ତେ ଜାଣୁଛୁ ଗୀତା, ଭାଗବତ ଓ ବେଦ ଅସୀମ ଜ୍ଞାନର ଗଣ୍ଡାଘର। କିନ୍ତୁ ପ୍ରଶ୍ନ ହେଉଛି ଏହି ଜ୍ଞାନ ଆମ ଜୀବନରେ କେତେ ପରିବର୍ତ୍ତନ ଆଣୁଛି? ବୟସ୍କ ଲୋକମାନେ ଯୁବପିଢ଼ିକୁ ବିଭିନ୍ନ ଧାର୍ମିକ କାର୍ଯ୍ୟ, ହୋମ, ଯଜ୍ଞ, ପୂଜା, କୀର୍ତ୍ତନ ଇତ୍ୟାଦିରେ ବ୍ୟସ୍ତ ରଖୁଛନ୍ତି। ଏଥିରେ ଆଧ୍ୟାତ୍ମିକ ଉପଲବ୍ଧି କମ୍ ଏବଂ ଖାଇବା-ପିଇବା ଓ ଆମୋଦ-ପ୍ରମୋଦରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆସ୍ଥା ଆମ ସଂସ୍କୃତିର ଅଂଶ। କିନ୍ତୁ ସମୟର ସଠିକ ବ୍ୟବହାର ମଧ୍ୟ ଆବଶ୍ୟକ। ଯେତେବେଳେ ଯୁବପିଢ଼ି କଠିନ ପରିଶ୍ରମ କରି ନିଜକୁ ପ୍ରତିଷ୍ଠା କରିବା ଦରକାର ସେତେବେଳେ ଏସବୁ କାର୍ଯ୍ୟ ସେଥିରେ ବାଧା ସୃଷ୍ଟି କରୁଛି।

ଆଜିର ଯୁବ ସମାଜ ପାଖରେ ସମୟ ଅଛି, ଶକ୍ତି ଅଛି, କିନ୍ତୁ ଦିଗ ନାହିଁ। ସ୍ମାର୍ଟଫୋନ୍ ଜ୍ଞାନର ଭଣ୍ଡାର, କିନ୍ତୁ ଏହାର ବ୍ୟବହାର ଅଧିକାଂଶ ସମୟରେ ମନୋରଞ୍ଜନରେ ସୀମିତ ରହିଯାଉଛି। ସର୍ଭେରୁ ଜଣାପଡ଼ିଛି ଯେ କେବଳ ୨୦% ଲୋକ ସ୍ମାର୍ଟଫୋନକୁ ଜ୍ଞାନ ଆହରଣ ପାଇଁ ବ୍ୟବହାର କରୁଛନ୍ତି। ଏହାର ପରିଣାମ ଯୁବଶକ୍ତି ଓ ସମୟର ଅପଚୟ। ଠିକ୍ ଭାବରେ ଦିଗଦର୍ଶନ ମିଳିଲେ ନିଜର ଏବଂ ଦେଶର ଭବିଷ୍ୟତ ଗଢ଼ିବାରେ ଏହି ଶକ୍ତିର ସଦୁପଯୋଗ ହୋଇପାରେ। ଆଉ ଏକ ପରିତାପର ବିଷୟ ହେଉଛି ଯୁବମାନଙ୍କର କୃଷି ପ୍ରତି ଅନାଗ୍ରହ। କେତେକ ମୁଷ୍ଟିମେୟ ଯୁବକ ଓ ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ପିଲାମାନଙ୍କୁ ଛାଡ଼ିଦେଲେ କେହି କୃଷି କରିବାକୁ ଚାହୁନାହାନ୍ତି। ସହଜ ଭାବେ ଓ ଅଳ୍ପ ପରିଶ୍ରମରେ ରୋଜଗାର କରିବାରେ ସମସ୍ତଙ୍କ ଧ୍ୟାନ। ମାଗଣା ଚାଉଳ ମଧ୍ୟ ଏହାକୁ ଇନ୍ଧନ ଯୋଗାଉଛି। ବିଲରେ ଚାଷ କାମ କରିବାକୁ ଗୋଟିଏ ନିମ୍ନ ଧରଣର କାମ ବୋଲି ଧରାଯାଉଛି। ଚାଷ ଗୋଟିଏ ଏମିତି ବୃତ୍ତି, ଯେଉଁଥିରେ ଶାରୀରିକ ପରିଶ୍ରମ ଦ୍ୱାରା ଚାଷୀ ସୁସ୍ଥ ରହେ, ମାଟି ସହିତ ମାଟି ହୋଇ କାମ କରିବା ଦ୍ୱାରା ମାଟି ପ୍ରତି (ଦେଶ ପ୍ରତି) ଭଲପାଇବା ସୃଷ୍ଟି ହୁଏ। ମାଟିଠାରୁ ଦୂରେଇ ଯିବାରେ ମାଟିକୁ (ଦେଶକୁ) ବିକିବାରେ ମନରେ ଦ୍ୱିଧା ଆସେ ନାହିଁ। ଚାଷରେ ଲାଭ କମ୍ ହୋଇପାରେ, ଅନିଶ୍ଚିତତା ଥାଇପାରେ, କିନ୍ତୁ ମଞ୍ଜି ପକାଇବାଠାରୁ ଫସଲ କାଟିବା ପର୍ଯ୍ୟନ୍ତ ସବୁଦିନ ମନକୁ ଆନନ୍ଦ ଦେଇଥାଏ। ସର୍ବୋପରି ଚାଷୀର ସମୟ ଗଠନମୂଳକ କାମରେ ବ୍ୟୟ ହୁଏ। ଚାଷୀ କେବେ କ୍ଲାନ୍ତ କିମ୍ବା ବିରକ୍ତ ହୁଏନି କିମ୍ବା ଅତ୍ୟଧିକ ଲାଭ ପାଇଁ ଆସକ୍ତ ହୁଏନି, ଯାହା ପାଇଁ ସହରବାସୀଙ୍କ ତୁଳନାରେ ସେ ଅଧିକ ଶାନ୍ତିରେ ରୁହେ। କିନ୍ତୁ ମାଗଣା ଚାଉଳ ଯୁବ ପିଢ଼ିକୁ ମାନଙ୍କୁ ଚାଷଠାରୁ ଧୀରେ ଧୀରେ ଦୂରେଇ ନେଉଛି।

ତେଣୁ ଆମର କର୍ତ୍ତବ୍ୟ ସ୍ପଷ୍ଟ ଶିକ୍ଷାକୁ ଜୀବନ ସହିତ ଯୋଡ଼ିବା, ମାର୍କ ଠାରୁ ମାନବତାକୁ ଅଧିକ ମୂଲ୍ୟ ଦେବା, ଖେଳକୁ ଶିକ୍ଷାର ଅଂଶ କରିବା ଏବଂ ଯୁବଗୋଷ୍ଠୀକୁ ସଠିକ୍ ଦିଗଦର୍ଶନ ଦେବା। ଯୁବଶକ୍ତି ଏକ ଅସୀମ ସମ୍ଭାବନା। କିନ୍ତୁ ସେହି ସମ୍ଭାବନାକୁ ବାସ୍ତବ ଶକ୍ତିରେ ପରିଣତ କରିବା ପାଇଁ ଦିଗ, ସମନ୍ୱୟ ଓ ସଚେତନତା ଅତ୍ୟାବଶ୍ୟକ।

ଦାଣ୍ଡମୁକୁନ୍ଦପୁର(ପୁରୀ)
ମୋ: ୮୦୭୪୮ ୯୩୭୭୮

ଚାକିରି: ଜୀବିକା ବନାମ ଜନସେବା!

ବୈଷ୍ଣବ ମେହେର

ଗତ ମାସରେ ଆମ ରାଜ୍ୟ ସରକାରଙ୍କ ତରଫରୁ ସାତଟି ବିଭାଗରେ ୪୬୨୩ ଜଣଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିଯୁକ୍ତି ମେଳା ମାଧ୍ୟମରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଆମ ମୁଖ୍ୟମନ୍ତ୍ରୀ ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ଅନନ୍ୟ ସୁଯୋଗ ବୋଲି କହି ନବନିଯୁକ୍ତଙ୍କୁ ସାଧାରଣ ଲୋକାଭିମୁଖୀ କରିବାର ପ୍ରୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଶାଭରା ଉତ୍ତମ ପରାମର୍ଶ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। କଥା ହେଉଛି ଆମ ରାଜ୍ୟରେ ଜଣେ ସରକାରୀ ଚାକିରିଆ କେତେ ଦୂର ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ବୋଲି ଆଶା କରାଯାଇପାରିବ? ତା'କୁ ମିଳୁଥିବା ଦରମା ତା'ର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହୁଏ କି! ଯଦି ସାମ୍ପ୍ରତିକ ସମୟ ସହ ଖାପଖୁଆଇ ଚଳିବା ଭଳି ଦରମା ଜଣେ ପାଉନାହିଁ ତେବେ ତା'କୁ ଦିଆଯାଇଥିବା ଦାୟିତ୍ୱକୁ ସେ ଜନସେବାରେ ଲଗାଇବ ବୋଲି ଆଶା କରିବା କେତେ ଦୂର ଯଥାର୍ଥ?

ଗତ କିଛିବର୍ଷ ହେଲା ପ୍ରାୟ ନିଯୁକ୍ତି ଠିକାରେ ଚାଲିଛି, ଠିକ ସମୟରେ ପଦୋନ୍ନତି ହେଉନାହିଁ, ପେନସନ ନାହିଁ କି ଅନ୍ୟ କୌଣସି ନିର୍ଭରଯୋଗ୍ୟ ଭବିଷ୍ୟନିଧି ବା ସୁବିଧା ସୁଯୋଗର ବ୍ୟବସ୍ଥା ମଧ୍ୟ ନାହିଁ। ଏପରି ସ୍ଥଳେ ସରକାରୀ ଚାକିରିଆମାନେ ନିଜ ଦାୟିତ୍ୱକୁ ସମାଜ ସେବା ଭାବୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଅନେକ ପରିବାର ଅଛନ୍ତି, ଯେଉଁଠି ପିତାମାତାମାନେ ନିଜ ଜୀବନର କଷ୍ଟଉପାର୍ଜିତ ଲକ୍ଷାଧିକ ଅର୍ଥକୁ ନିଜ ପୁଅଝିଅଙ୍କ କ୍ୟାରିଅର ତିଆରିରେ ଖର୍ଚ୍ଚ କରିଦିଅନ୍ତି। ସେମାନଙ୍କ ଆଶା ସେମାନଙ୍କ ପୁଅଝିଅ ସରକାରୀ ଚାକିରି କଲା ପରେ ସେମାନଙ୍କ ସ୍ଥିତି ସୁଧୁରିଯିବ। ଏହି ଆଶାରେ ଅନେକ ପିତାମାତା ଧାରକରଜରେ ମଧ୍ୟ ବୁଡ଼ି ଯାନ୍ତି। ଆଶା ଅନୁରୂପ ଦରମା ଯଦି ନମିଳେ କିମ୍ବା ଚାକିରି ପରେ ଭବିଷ୍ୟତର ଆର୍ଥିକ ସୁରକ୍ଷା କିଛି ନରହେ, ତେବେ ସେମାନେ ନିରାଶ ହେବା ସ୍ୱାଭାବିକ।

ଦ୍ୱିତୀୟତଃ ଦୁର୍ଭାଗ୍ୟବଶତଃ ପରିବାରର କେହି ଯଦି କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୁଅନ୍ତି ତେବେ କଥା ସରିଲା। ସବୁତକ ଦରମା ସେଠି ଶେଷ ହେବା ସହ ଧାରକରଜ ହେବା ଥୟ। ଏତଦବ୍ୟତୀତ ପରିବାରରେ ଭାଇଭଉଣୀ ପୁଅଝିଅ ଆଦିଙ୍କ ବିବାହ ବ୍ରତ ଆଦି ଖର୍ଚ୍ଚ ଚାକିରି ଉପରେ ହିଁ ପ୍ରାୟ ନିର୍ଭର କରେ। ବର୍ତ୍ତମାନର ସାମାଜିକ ରୀତିନୀତି ଅନୁଯାୟୀ ଏସବୁ ତୁଲାଇବା ବେଳକୁ ବର୍ତ୍ତମାନର ଦରମା ପଇସା ଯେ ସମୁଦ୍ରକୁ ଶଙ୍ଖେ ଏକଥା ଅନୁଭବୀ ହିଁ ଜାଣିପାରେ। ଏପରିସ୍ଥଳେ ଜଣେ ଚାକିରିଜୀବୀ ନିଜ ପଦବୀକୁ ଜନସେବା ଭାବେ ଗ୍ରହଣ କରନ୍ତୁ କହିବା କେବଳ ସଭାମଞ୍ଚର ଶୋଭା ପାଇଁ ଉଦ୍ଦିଷ୍ଟ ଶବ୍ଦ ବୋଲି ବୁଝିବାକୁ ହେବ। ବାସ୍ତବରେ ଯଦି ଆମେ ସେୟା ଚାହୁଁ ତେବେ ପ୍ରତି ଚାକିରିଆଙ୍କୁ ଉଚିତ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ପ୍ରାଥମିକତା ଦେବା ଜରୁରୀ। ନହେଲେ ପୁରୁଣାଧାରାକୁ ଅନୁସରଣ କରି ଆଉ କିଛି ମାସ ପରେ ଏହି ନବନିଯୁକ୍ତ ଚାକିରିଆମାନେ ମଧ୍ୟ ରାଜଧାନୀ ରାଜରାସ୍ତାରେ ଦରମା ବୃଦ୍ଧି, ପେନସନ, ସ୍ୱାସ୍ଥ୍ୟବୀମା ଆଦି ଦାବି ନେଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିବା ବଡ଼ କଥା ନୁହଁ। ଅପରପକ୍ଷେ କହିବା ବାହୁଲ୍ୟ ଯେ ଯେଉଁମାନେ ସମାଜସେବାକୁ ମାଧ୍ୟମ କରି ଜନପ୍ରତିନିଧି ସାଜିଛନ୍ତି, ସେମାନେ ମୋଟାଅଙ୍କର ଦରମା ଦାବି କରୁଥିବା ସମସ୍ତେ ଜାଣନ୍ତି। ନିକଟ ଅତୀତରେ ଆମ ବିଧାନସଭାର ବିଧାୟକ ମନ୍ତ୍ରୀଙ୍କ ଯଥେଷ୍ଟ ଦରମା ସହ ପର୍ଯ୍ୟାପ୍ତ ଆନୁସଙ୍ଗିକ ସରକାରୀ ସୁବିଧା ସୁଯୋଗ ପ୍ରଦାନକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଦିନଥିଲା ମଣିଷ ବଞ୍ଚିବା ପାଇଁ ମୁଖ୍ୟତଃ ପେଟପୂରା ଖାଦ୍ୟ, ଶରୀର ପାଇଁ ଖଣ୍ଡିଏ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଭଳି ତିନୋଟି ମୌଳିକ ଆବଶ୍ୟକତା ଉପରେ ନିର୍ଭର କରୁଥିଲା। ଏଥିନିମନ୍ତେ ସାମାନ୍ୟ ଉପାର୍ଜନ ହିଁ ତା' ପାଇଁ ଯଥେଷ୍ଟ ଥିଲା। କିନ୍ତୁ ଧୀରେଧୀରେ ଯୁଗ ବଦଳିବା ସହ ବ୍ୟକ୍ତିର ଆବଶ୍ୟକତା ବଢ଼ି ଚାଲିଲା ଏବଂ ସଂପ୍ରତି ତାହା ଆକାଶଛୁଆଁ ହେଲାଣି। ମୂଳତଃ ଉପାର୍ଜନର ମାଧ୍ୟମ ହେଉଛି ବ୍ୟକ୍ତିର ଜୀବିକା। ବୃତ୍ତି ବା ଜୀବିକା କହିଲେ ବ୍ୟକ୍ତିର ଜୀବନ ସଂସାର ଚଳାଇବାକୁ ଅର୍ଥ ରୋଜଗାର କରିବାର ପଦ୍ଧତି ବା ପେଶା। ଏହି ଜୀବିକା ବ୍ୟକ୍ତି ଜୀବନର ଏମିତି ଏକ ଆବଶ୍ୟକୀୟ ମାର୍ଗ, ଯାହା କେବଳ ବଞ୍ଚିରହିବା ପାଇଁ ଅର୍ଥ ଯୋଗାଇ ନ ଥାଏ, ବରଂ ବ୍ୟକ୍ତିକୁ ସାମାଜିକ ପ୍ରତିଷ୍ଠା ଓ ଆତ୍ମସନ୍ତୋଷ ମଧ୍ୟ ଏଇଠୁ ମିଳେ। ସେଥିପାଇଁ ଘରେ ଛୁଆଟିଏ ଜନ୍ମ ହେବା ମାତ୍ରେ ବାପାମାଆ ତା'ର ଭବିଷ୍ୟତର ଜୀବିକାକୁ ନେଇ ସ୍ୱପ୍ନ ଦେଖିବା ସହ ରୂପରେଖ ତିଆରି କରିବା ଆରମ୍ଭ କରିଦିଅନ୍ତି।

ସେହିପରି ସମସ୍ତଙ୍କ ଚିନ୍ତା ଥାଏ ତାଙ୍କ ଜୀବିକାରେ ଯେମିତି ନିଶ୍ଚିତତା ରୁହେ। ତେଣୁ ସମସ୍ତଙ୍କ ଆଶା କେମିତି ସରକାରୀ ଚାକିରିଟିଏ ପାଇବେ। କାରଣ ଚାଷ, ବ୍ୟବସାୟ ହେଉ କି ଅନ୍ୟ କୌଣସି ବୃତ୍ତି ସେଠାରେ ଅର୍ଥ ଉପାର୍ଜନର କୌଣସି ନିର୍ଦ୍ଦିଷ୍ଟତା ନଥାଏ। ଅପରପକ୍ଷେ ସରକାରୀ ଚାକିରିରେ ମାସ ପୁରୁଣୁ ଧାର୍ଯ୍ୟ ଅର୍ଥରାଶି ଦରମା ଆକାରରେ ପାଇବା ସୁନିଶ୍ଚିତ ଥାଏ। ତେଣୁ ସମସ୍ତ ଚାକିରିଆ ନିଜ ଜୀବନ ସଂସାର ସୁରୁଖୁରୁରେ ଚଳିବା ନେଇ ନିଶ୍ଚିତ ତାଙ୍କ ଦରମା ଉପରେ ନିର୍ଭରଶୀଳ ରହନ୍ତି। ଅତଏବ ଚାକିରିଆଙ୍କ ପଦବୀ ହେଉଛି ସେମାନଙ୍କ ବୃତ୍ତି ବା ଜୀବିକା।

ତେଣୁ ଆମ କହିବାର କଥା ଯେ ଜନପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଚାକିରିଆ, ଅତିକମରେ ସମସ୍ତଙ୍କ ସମ୍ମାନଜନକ ଚଳଣି ପାଇଁ ଆବଶ୍ୟକ ମାସିକ ପାଉଣା ବ୍ୟବସ୍ଥା ହେବା କଥା। ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ ବୋଲି ନିଶ୍ଚିତତା ରହିଲେ ପ୍ରତିଟି ଜୀବିକା ସ୍ୱତଃପ୍ରବୃତ୍ତ ଭାବରେ ଜନସେବାରେ ପରିଣତ ହୋଇଯିବ। ନଚେତ ଜନସେବା ବି ଚାକିରିରେ ପରିଣତ ହୋଇଯିବାର ସମ୍ଭାବନା ଆସିଯିବ।

ସିନାପାଲି(ନୂଆପଡ଼ା)
ମୋ: ୯୭୭୭୭୫୩୯୩୫

ଚିତା ଚୋରି ଓ ତକି ଖାଁ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଇଏ ଓଡ଼ିଶା ଇତିହାସରେ ଦେବାଳୟ ଲୁଣ୍ଠନ ଓ ଦେବତାମାନଙ୍କୁ ଖଣ୍ଡିତ କରି ଅପଯଶ ଲାଭ କରିଥିବା ତକି ଖାଁ ନୁହେଁ। ଇଏ ଜଣେ ସାଧାରଣ ଅଭାବୀ ଗ୍ରାମବାସୀ ଥିଲା। ଗାଆଁରୁ ବିଭିନ୍ନ ସମୟରେ ତୀର୍ଥାଟନରେ ଯାଉଥିବା ଜଗନ୍ନାଥ ଭକ୍ତଙ୍କଠାରୁ ମହାପ୍ରଭୁଙ୍କ ମହିମା, ମନ୍ଦିର ଓ ବେଶ ଆଦି ବିଷୟରେ ସେ ଶୁଣୁଥିଲା। ସେ ଶୁଣିବାକୁ ପାଇଲା ଯେ ମହାପ୍ରଭୁ ସୁନାବେଶରେ ମହଣ ମହଣ ସୁନା ଅଳଙ୍କାରରେ ମଣ୍ଡିତ ହେଉଛନ୍ତି ଏବଂ ମନ୍ଦିରର ରତ୍ନଭଣ୍ଡାରରେ ଅମାପ ହୀରା, ଲୀଳା, ମୋତି, ମାଣିକ୍ୟ ସହ ମହଣ ମହଣ ସୁନା ଅଳଙ୍କାର ଗଚ୍ଛିତ ଅଛି। ମନ୍ଦବୁଦ୍ଧି ତକି ଖାଁ ଅନେକ ଥର ଚିନ୍ତା କରେ ଯେ ଯଦି ସେଥିରୁ ପୁଳାଏ ଚୋରି କରି ଆଣନ୍ତା, ସାତପୁରୁଷ ଭୋଗ କରନ୍ତେ। ରତ୍ନ ଭଣ୍ଡାରରୁ ଚୋରି କରିବା ପାଇଁ ଇଚ୍ଛା ଅତି ପ୍ରବଳ ହେବାରୁ ସେ ପୁରୀ ଯାଇ ଘର ବଖରେ ଭଡ଼ା ନେଇ ରହିଲା। ଚେହେରା ଗୋରା ତକତକ ଥିବାରୁ ସାଇ ପଡ଼ିଶା ତା'କୁ ଭଲ ଘରର ପିଲା ବୋଲି ଭାବୁଥିଲେ। ମଥାରେ ଚିତା ତିଳକ ଓ ବେକରେ ତୁଳସୀ ମାଳ ପକେଇବାରୁ ଯବନ ପିଲା ବୋଲି ସେ ଜଣା ପଡୁ ନ ଥିଲା। ଜଗନ୍ନାଥଙ୍କ ମହିମା ଆଲୋଚନା ହେଲେ ସେଠାରେ ବସି ମନ ଦେଇ ଶୁଣୁଥିଲା। ସବୁଦିନ ଶ୍ରୀମନ୍ଦିର ଯାଇ ଦେଉଳ କେତେବେଳେ ଖୋଲେ ଓ ବନ୍ଦ ହୁଏ, କେତେବେଳେ କୋଉ ନୀତି ହୁଏ, ମନ୍ଦିର ବନ୍ଦ କିଏ ଓ କିପରି କରନ୍ତି, ସବୁ କଥା ଜାଣିଲା।

ସମୟକ୍ରମେ ତା'ର ଜଣେ ଯାତ୍ରୀ ଗୁମାସ୍ତା ସହିତ ବନ୍ଧୁତା ହେଲା। ଗୁମାସ୍ତା ଦେଉଳର ସବୁ କଥା ଜାଣିଥିଲେ। ତାଙ୍କଠାରୁ ତକି ତା' ପାଇଁ ଆବଶ୍ୟକ ଟିକିନିଖି ତଥ୍ୟ ଯୋଗାଡ଼ କରେ। ଦିନେ ଦୁଇଜଣ ଗରୁଡ଼ସ୍ତମ୍ଭ ପାଖରୁ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ମହାପ୍ରଭୁ ତକିର ମନ କଥା ଜାଣିଥିବାରୁ ତା'କୁ ଉଗ୍ରନୃସିଂହ ରୂପରେ ଦର୍ଶନ ଦେଲେ- ପିଙ୍ଗଳ କେଶ, ବିରାଟ ମୁଖ ଗହ୍ୱର, ଚାରି ବିଶି ଦାନ୍ତ ପର୍ବତ ଶୃଙ୍ଗ ପରି ମୁଖ ଗହ୍ୱରରୁ ବାହାରକୁ ଆସିଥିଲେ। ଦୁଇଆଖିରୁ ଅଗ୍ନି ବର୍ଷା ହେଉଥିଲା। କୋଟିସୂର୍ଯ୍ୟଙ୍କଠାରୁ ତାଙ୍କର ତେଜ ଅଧିକ ଥିଲା। ତକିର ଆଖି ଜଳକା ହୋଇଗଲା। ତା' ପରେ ସେ ଦେଖିଲା ଯେ ଠାକୁର ତା' ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଥିଲେ। ସେ ନିଜକୁ ନିଜେ ବୁଝେଇ ଦେଲା ଯେ ଗୋଟେ କାଠର ଦିଅଁଙ୍କୁ ସେପରି ଦେଖିବା ତା' ମନର ଭ୍ରମ ଥିଲା। ତା' ପରେ ସେ ବନ୍ଧୁ ଗୁମାସ୍ତାଙ୍କୁ ରତ୍ନଭଣ୍ଡାର ବିଷୟରେ ପଚାରିଲା। ଗୁମାସ୍ତା କହିଲେ 'ସେ ଘରକୁ ପ୍ରଭୁ ଲୋକନାଥ ଜଗିଛନ୍ତି। ତା' ଭିତରେ ହଜାର ହଜାର ସାପ ଅଛନ୍ତି।' ତକି ଭାବିଲା- 'ମାଲିକ କାଠ, ଜଗୁଆଳୀ ପଥର, ଏଇମାନଙ୍କୁ ଏତେ ଡର କାହିଁକି?'

ସାହାଣ ମେଳା ଦର୍ଶନ ପାଇଁ କଳାହାଟ ଦୁଆର ଖୋଲିଲା। ପାଖ ଦର୍ଶନ ପାଇଁ ସମସ୍ତଙ୍କ ସହିତ ତକି ଓ ଗୁମାସ୍ତାଙ୍କ ମଧ୍ୟ ଭିତରକୁ ଗଲେ। ତିନିଠାକୁରଙ୍କ ମଥାରେ ତିନିଟା ଉଜ୍ଜ୍ୱଳ ଚିତା ଦେଖି ସେ ଭାବିଲା ଯେ ସେଇଥିରୁ ଗୋଟେ ଦିଟା କି ସୁବିଧା ହେଲେ ତିନିଟା ଯାକ ନେଇଗଲେ ତ କୋଟିପତି। ସେତେବେଳକୁ ଦେଉଳର ନୀତିକାନ୍ତି ବିଷୟରେ ତା'ର ଧାରଣା ହୋଇସାରି ଥିଲା। ତେଣୁ ସେ ଚିନ୍ତା କଲା ଯେ ଦିନେ ଦେଉଳ ବନ୍ଦ ହେବା ଆଗରୁ ତା' ଭିତରେ ଲୁଚି ରହିବ ଏବଂ ସମସ୍ତେ ଚାଲିଯିବା ପରେ ଚିତା ତିନୋଟି ନେଇ ପାଚେରି ଡେଇଁ ଚାଲିଯିବ। ଦିନେ ସେ ଓର ଉଣ୍ଡି ରତ୍ନବେଦୀ ପଛପଟେ ଲୁଚି ରହିଗଲା। ସେବକମାନେ ଚାଲିଯିବା ପରେ ତକି ରତ୍ନବେଦୀ ଉପରେ ଚଢ଼ି ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ କପାଳର ଚିତା ଆଡ଼କୁ ବଢ଼େଇବା ବେଳେ ଦେଖିଲା ଯେ ଶହଶହ ନାଗ ସାପ ତାଙ୍କ ମୁଣ୍ଡ ଉପରେ ରହି ଫଣା ଟେକି ଫୁତ୍କାର କରୁଥିଲେ। ଲୋଭ ତ ମଣିଷକୁ ଅନ୍ଧ କରିଦିଏ। ସେ ଆଲୁଅଟେ ଲଗେଇ ପୁଣି ଥରେ ଚେଷ୍ଟା କଲା। କିନ୍ତୁ ଶହଶହ ବିଷଧର ସାପ ବଡ଼ ଠାକୁରଙ୍କ ମସ୍ତକରୁ ବାହାରି ସାରା ପୋଖରୀଆରେ ବିଚରଣ କରୁଥିବା ଦେଖି ଚେତା ହରେଇ ସେଇଠି ପଡ଼ିଗଲା।

ପରଦିନ ସକାଳେ ଦେଉଳ ଫିଟା ପରେ ସେବକମାନେ ତକିକୁ ଚେତାଶୂନ୍ୟ ଅବସ୍ଥାରେ ପୋଖରିଆରେ ପଡ଼ିଥିବାର ଦେଖିଲେ। ନିସ୍ତୁକ ପିଟି ରାଜାଙ୍କ ଆଗରେ ହାଜର କଲେ। ତକିକୁ ଆଜୀବନ କାରାଦଣ୍ଡ ଆଦେଶ ଦିଆଗଲା। କିଛିମାସ ପରେ ସେ ଗଳିତ କୁଷ୍ଠ ରୋଗରେ ପୀଡ଼ିତ ହେବାରୁ କାରାମୁକ୍ତ କରିଦିଆଗଲା। ସେ ଶ୍ରୀକ୍ଷେତ୍ରରେ ବୁଲିବୁଲି ଭିକ ମାଗି ଖାଇଲା। ଦିନେ ସେ ସିଂହଦ୍ୱାର ପାଖରେ ଠିଆ ହୋଇ ନିଜ କଲା କର୍ମ ପାଇଁ ଅନୁତାପ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କ୍ଷମାସାଗର ମହାପ୍ରଭୁ ତା'କୁ କ୍ଷମା କରି ରୋଗମୁକ୍ତ କରିଦେଲେ। ସେ ତା'ର ବାକି ଜୀବନ କ୍ଷେତ୍ରବାସୀ ହୋଇ ଠାକୁରଙ୍କ ମହିମା ପ୍ରଚାରରେ ବିତେଇ ଦେଲା।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ପୁଣି ସିବିଏସ୍‌ଇ ବିଭ୍ରାଟ

୨ ମିନିଟରେ ୧୫ ଲକ୍ଷ ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୨।୬: ସିବିଏସ୍‌ଇ ପରୀକ୍ଷାଫଳର ପୁନଃ ମୂଲ୍ୟାୟନ ପାଇଁ ଅନଲାଇନ୍ ଆବେଦନ ବେଳେ ଆଜି ପୁଣି ବିଭ୍ରାଟ ଦେଖିବାକୁ ମିଳିଥିଲା । ସିବିଏସ୍‌ଇ ପୋର୍ଟାଲକୁ ଅଚଳ କରିବା ଲାଗି ସାଇବର ଅପରାଧୀମାନେ ଉଦ୍ୟମ କରିଥିଲେ । ସେମାନେ ଆଜି ଦୁଇ ମିନିଟ ମଧ୍ୟରେ ୧୫ ଲକ୍ଷ ଥର ସାଇବର ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ କିଛି ସମୟ ମଧ୍ୟରେ ଏହାକୁ ବିଫଳ କରାଯିବା ପରେ ପିଲାମାନେ ଅନଲାଇନ ଆବେଦନ ଆରମ୍ଭ କରିଥିଲେ । ସିବିଏସ୍‌ଇ ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି । ଅପରାହ୍ନ ୩ଟା ସୁଦ୍ଧା ୧୬ ହଜାର ପିଲା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିଥିଲେ । ଏହି ପ୍ରକ୍ରିୟା ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସିବିଏସ୍‌ଇ ପୋର୍ଟାଲରେ ବିଭ୍ରାଟ ନେଇ ପିଲାମାନେ ଅଭିଯୋଗ କରିବା ପରେ ସାଇବର ଆକ୍ରମଣ କଥା କହିଛି ସିବିଏସ୍‌ଇ । ଏହାସତ୍ତ୍ୱେ ଆବେଦନ ପ୍ରକ୍ରିୟା କେବଳ ଅନଲାଇନରେ ହିଁ କରାଯିବ ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ମଧ୍ୟସ୍ଥିମୁକ୍ତ ହେବ ଜମିଜମା ପଞ୍ଜୀକରଣ ବ୍ୟବସ୍ଥା

ଭୁବନେଶ୍ୱର, ୨।୬ (ସମିସ): ମଧ୍ୟସ୍ଥିମୁକ୍ତ ହେବ ଜମିଜମା ପଞ୍ଜୀକରଣ ବ୍ୟବସ୍ଥା । ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବାଦ୍ ଦେଇ ପଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିମାନଙ୍କ ଦ୍ୱାରା ଦୁର୍ନୀତି ହେବାର ସମ୍ଭାବନା ଥାଏ । ଏଥିନିମନ୍ତେ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇ ତଥାକଥିତ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ । କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ କରି ସର୍ଭେଲାନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରାଯିବା ସହ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ପରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଜମି କିଣାବିକା ଏବଂ ପଞ୍ଜୀକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ମଧ୍ୟସ୍ଥିଙ୍କ ପ୍ରଭାବରୁ ଦୂରରେ ରଖାଯିବ ଏବଂ ଦୁର୍ନୀତିକୁ କୌଣସିମତେ ପ୍ରଶ୍ରୟ ଦିଆଯିବ ନାହିଁ । ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ପାରଦର୍ଶୀ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରଥମେ ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟସ୍ଥିଙ୍କଠାରୁ ମୁକ୍ତ କରାଯିବ । ଆଗକୁ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟାଳୟ, ତହସିଲ୍ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ୟ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା ଗ୍ରହଣ କରାଯିବ । ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଏବଂ କାର୍ଯ୍ୟରତ ସମୟ ସମ୍ପର୍କରେ ବିଶଦ୍ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ ମଧ୍ୟ କରାଯିବ ।

ଅସଫଳ ହେବା ପରେ ନିଯୁକ୍ତି ପ୍ରକ୍ରିୟାକୁ ପ୍ରାର୍ଥୀ ଚ୍ୟାଲେଞ୍ଜ କରିପାରିବେ ନାହିଁ: ହାଇକୋର୍ଟ

କଟକ,୨।୬(ସମିସ): ନିଯୁକ୍ତି ପ୍ରକ୍ରିୟାର ସମସ୍ତ ନିୟମ ଓ ସର୍ତ୍ତାବଳୀକୁ ଗ୍ରହଣ କରି ସେଥିରେ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବା ପରେ, ଜଣେ ପ୍ରାର୍ଥୀ ଅସଫଳ ହେଲେ ପୁନର୍ବାର ସେହି ବିଜ୍ଞପ୍ତି କିମ୍ବା ଚୟନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ । ଝସକେତନ ସାହୁ ଓ ଅନ୍ୟମାନଙ୍କ ତରଫରୁ ଦାୟର ସହକାରୀ ପ୍ରଫେସର ନିଯୁକ୍ତି ସମ୍ପର୍କିତ ଏକ ପୁନର୍ବିଚାର ଆବେଦନକୁ ଖାରଜ କରି ଏପରି ରାୟ ଦେଇଛନ୍ତି ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ । ଆବେଦନକାରୀଙ୍କ ପକ୍ଷରୁ କୌଣସି ସ୍ପଷ୍ଟ କିମ୍ବା ପ୍ରତ୍ୟକ୍ଷ ନ୍ୟାୟିକ ତ୍ରୁଟି ପ୍ରମାଣିତ ହୋଇପାରି ନ ଥିବାରୁ, ହାଇକୋର୍ଟ ଏହି ପୁନର୍ବିଚାର ଆବେଦନକୁ ସମ୍ପୂର୍ଣ୍ଣ ଭାବେ ମୂଲ୍ୟହୀନ ଦର୍ଶାଇ ଖାରଜ କରିଛନ୍ତି । ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି) ପକ୍ଷରୁ ୨୦୨୧ ମସିହା ଜୁଲାଇ ୨୭ ତାରିଖରେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକରେ ଭୂଗୋଳ ବିଷୟ ସମେତ ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର (ଶିକ୍ଷକ ଶିକ୍ଷା) ଷ୍ଟେଜ୍-୧ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆବେଦନକାରୀ ଏହି ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇଥିଲେ ମଧ୍ୟ ସଫଳ ହୋଇପାରିନଥିଲେ । ଏହାପରେ, ଚୟନ ହୋଇଥିବା ପ୍ରାର୍ଥୀ ମାନଙ୍କର ଏନସିଟିଇ ନିୟମାବଳୀ ଅନୁଯାୟୀ ଆବଶ୍ୟକୀୟ ଦ୍ୱିତୀୟ ସ୍ନାତକୋତ୍ତର ଯୋଗ୍ୟତା ନାହିଁ ବୋଲି ଦର୍ଶାଇ ସେମାନଙ୍କ ଚୟନକୁ ରଦ୍ଦ କରିବା ପାଇଁ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା ।

8001/11/19/2627

OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT

Phone No-8895976137, E-Mail : ID-dfo.koraput@odisha.gov.in

Memo No. **2983** /1F(Acctt.)

Dated, Koraput the **01st June, 2026.**

CORRIGENDUM

After Careful consideration by the competent authority the Tender Notice published vide this office memo No.2816, dated.19.05.2026 for Hiring of Vehicle in respect of Koraput Forest Division for the financial year 2026-27 (from 15.06.2026 onwards) has been modified in annexure-I of Serial No.3 may be read as **"Type of Vehicle (BS-VI compliant Diesel driven AC/Non-AC)".**

NB:- All other terms and condition published in the tender notice above however will remain unaltered as thereof in original application notice.

Divisional Forest Officer,
Koraput Forest Division.

OIPR-8001/8067/1/26-27/0004

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଦା ହେଲେ...

ଏପରିକି କେତେକ ଖାତାରେ ଅନେକ ଅଂଶ ଆଦୌ ଦେଖାଯାଉନଥିଲା । ସିବିଏସଇର ଅନଲାଇନ୍ ସେବା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା । ଏହାକୁ ନେଇ ପରୀକ୍ଷାର୍ଥୀ ଏବଂ ସେମାନଙ୍କର ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଓଏସ୍‌ଏମ୍ ପାଇଁ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା ।

ଉଲ୍ଲେଖଯୋଗ୍ୟ ଯେ ଓଏସ୍‌ଏମ୍ ବ୍ୟବସ୍ଥାରେ ପରୀକ୍ଷାର୍ଥୀମାନଙ୍କର ଉତ୍ତର ଖାତାର ସ୍କାନିଂ କରାଯିବା ପରେ ଏହାକୁ କଂପ୍ୟୁଟରରେ ଅପଲୋଡ୍ କରାଯାଏ । ଏଥିରେ ପରୀକ୍ଷାର୍ଥୀଙ୍କ ସଂପର୍କରେ ସୂଚନାକୁ ଗୁପ୍ତ ରଖାଯାଉଥିବା ବେଳେ ଖାତାର ସ୍କାନିଂ କପି ଦେଖି ଶିକ୍ଷକ ମାର୍କ ଦିଅନ୍ତି । ଏହା ହେଉଛି ଡିଜିଟାଲ ମୂଲ୍ୟାୟନ ବ୍ୟବସ୍ଥା । ତେବେ କଂପ୍ୟୁଟରରେ ସ୍କାନ୍ କପିଗୁଡ଼ିକ ଭଲ ଦେଖାଯାଉନଥିବାରୁ ପିଲାମାନେ ଭଲ ମାର୍କ ପାଇବାରୁ ବଞ୍ଚିତ ହୋଇଥିଲେ । ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାରେ ଅଦଳବଦଳ ହୋଇଥିବାରୁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ପୁଣି ବଢ଼ିଲା...

ପ୍ରକାଶଥାଉକି ଗତ ମେ' ୧୫ ତାରିଖରେ ପରିବହନ ବିଭାଗ ପକ୍ଷରୁ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା । ଗୋଟିଏପଟେ, କେବଳ ଡିଜେଲ ଦରବୃଦ୍ଧି ପାଇଁ ପରିବହନ ପ୍ରାଧିକରଣ ପକ୍ଷରୁ ଅଟୋମେଟିକ୍ ମେକାନିଜିମ୍ ଅନୁସାରେ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା ବେଳେ ବାକି ୧୨ଟି ମାପଦଣ୍ଡ ଆଧାରରେ ବସ୍ ଭଡ଼ା ବୃଦ୍ଧି ନିଷ୍ପତ୍ତି ଏବେ ବି ଝୁଲୁଛି । ନିକଟରେ ସମସ୍ତ ୧୩ଟି ମାପଦଣ୍ଡକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ବସ୍ ମାଲିକ ସଂଘ ସରକାରଙ୍କୁ ଦାବି ଜଣାଇଥିଲା । ଏପରିକି, ୧୦ଦିନ ଭିତରେ ନିଷ୍ପତ୍ତି ନ ନେଲେ, ବସ୍ ଚଳାଚଳ ବନ୍ଦ କରିବାକୁ ପଛାଇବେ ନାହିଁ ବୋଲି ସଂଘ ଚେତାବନୀ ଦେଇଥିଲା । ବିଗତ ୬ ବର୍ଷ ହେବ, ଏହି ସବୁ ମାପଦଣ୍ଡକୁ ବିଚାରକୁ ନିଆଯାଇ ନାହିଁ । ଫଳରେ ବସ୍ ମାଲିକମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଶେଷଥର ପାଇଁ ୨୦୨୧ ମସିହାରେ ଏହି ସମସ୍ତ ୧୩ଟି ମାପଦଣ୍ଡ ଆଧାରରେ ଭଡ଼ା ବୃଦ୍ଧି କରାଯାଇଥିଲା । ଡିଜେଲ ସହ ଲୁବ୍ରିକାଣ୍ଟ, କର୍ମଚାରୀଙ୍କ ଦରମା, ଟାୟାର, ବ୍ୟାଟେରି, ବୀମା, ଟୋଲ୍ ଓ ପାର୍କିଂ ଫି, ଋଣ ବାବଦ ସୁଧ ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଆଦି ବୃଦ୍ଧିକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ଦାବି କରାଯାଇଥିଲା ।

ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ କହିବାନୁସାରେ, ସରକାର ଗୋଟିଏ ମାପଦଣ୍ଡ କଥା ବିଚାର କରି ବାକି ୧୨ଟି ମାପଦଣ୍ଡକୁ ଭୁଲି ଯାଇଛନ୍ତି । ଆସନ୍ତା ୫ ତାରିଖରେ ମାଲିକ ସଂଘ ସହ ସରକାରଙ୍କ ବୈଠକ ରହିଛି । ଉକ୍ତ ବୈଠକ ପରେ ସଂଘ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

ଆଜିଠୁ ବ୍ରିକ୍ସ...

ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ଚଳିତ ବର୍ଷର ବୈଠକ "ନୂତନତା, ସହଯୋଗ ଏବଂ ସ୍ଥାୟିତ୍ୱ ମାଧ୍ୟମରେ ବିପର୍ଯ୍ୟୟ ସହନଶୀଳତାର ବିକାଶ' ବିଷୟବସ୍ତୁ ଉପରେ ଆଧାରିତ । ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠି ଯୋଗାଣ, ସ୍ଥାନୀୟ ସମୁଦାୟଭିତ୍ତିକ ସତର୍କ ସୂଚନା ପ୍ରଣାଳୀ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯିବ ।

ଏହା ଓଡ଼ିଶା ପାଇଁ ଏକ ବଡ଼ ସମ୍ମାନ । ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା, ଆଗୁଆ ସ୍ଥାନାନ୍ତରଣ ରଣନୀତି ଏବଂ ଶୂନ୍ୟ ଜୀବନହାନୀ ନୀତି ପାଇଁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲକୁ ଜାତିସଂଘ ସମେତ ସାରା ବିଶ୍ୱ ପ୍ରଶଂସା କରିଛି । ଓଡ଼ିଶାର ଏହି ଅପ୍ରତିଦ୍ୱନ୍ଦ୍ୱୀ ସଫଳତାକୁ ସ୍ୱୀକୃତି ଦେଇ ଭାରତ ସରକାର ଏହି ବୈଠକ ପାଇଁ ପୁରୀକୁ ଚୟନ କରିଛନ୍ତି । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଏହି ସହଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ତିନି ଦିନିଆ ବୈଠକର ନିର୍ଯ୍ୟାସ ଆଗାମୀ ଦିନରେ ବ୍ରିକ୍ସର ଶୀର୍ଷ ସମ୍ମିଳନୀ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବ । ଏହି ହାଇ-ପ୍ରୋଫାଇଲ୍ ଇଭେଣ୍ଟକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସହର ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି । ମଙ୍ଗଳବାର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ମିଳନୀସ୍ଥଳ ତାଜ୍ ହୋଟେଲକୁ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ସିସିଟିଭି ନଜରରେ ରହିବ ସମ୍ପୂର୍ଣ୍ଣ ସହର । ଏହି ବିଶ୍ୱସ୍ତରୀୟ ସମ୍ମିଳନୀ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି ପୁରୀ ସହର ।

ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଥମ ସ୍ତରରେ ଓଡ଼ିଶା ପୁଲିସ, ଦ୍ୱିତୀୟରେ ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ ଏବଂ ତୃତୀୟସ୍ତରରେ କେନ୍ଦ୍ରୀୟବାହିନୀ ମୁତୟନ ରହିବେ । ପୁରୀ ସହରର ସମସ୍ତ ପ୍ରବେଶ ପଥ, ମୁଖ୍ୟ ରାସ୍ତା, ହୋଟେଲର ସମ୍ମିଳନୀ ସ୍ଥଳକୁ ସିସିଟିଭି ବଳୟ ମଧ୍ୟରେ ରଖାଯାଇଛି । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ୍ ମଧ୍ୟ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିଛନ୍ତି । ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧିଙ୍କ କୋଣାର୍କ, ଚନ୍ଦ୍ରଭାଗା ଓ ସାତପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ସେଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଡିଜିପିଙ୍କ ଏହି ଗସ୍ତ ସମୟରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ପ୍ରତୀକ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ଆସିବେ ରାଷ୍ଟ୍ରପତି...

ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡ଼ିଶା ପାଇଁ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି...

କ୍ୱାର୍ଟର ଡ୍ୟୁଟିରେ ଥିବା ଦୁଇ ଜଣ ଗାର୍ଡ, ଦୁଇ ଜଣ ଜିଆର୍‌ପି କନଷ୍ଟେବଲଙ୍କଠାରୁ ଏଡ଼ିଜିଙ୍କ ସହ ସୌମ୍ୟଙ୍କ ସମ୍ପର୍କ, ଜିମ୍‌ରେ ତାଲିମ୍, ଘରୋଇ ସେବା ଆଦି ସମ୍ପର୍କରେ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି । ସେହିପରି ଜଣେ ଏନ୍‌ଏଚ୍‌ଆର୍‌ସି ନିକଟରେ ହାଜର ହୋଇଥିବା ଜିଆର୍‌ପି ଡିଏସପିଙ୍କୁ ପଚରାଉଚରା ହୋଇଛି । ଆସନ୍ତାକାଲି ମଧ୍ୟ ଏ ସମ୍ପର୍କରେ ଆଉ କିଛି ଲୋକ ଓ ପୁଲିସ, ଜିଆର୍‌ପି କର୍ମଚାରୀଙ୍କୁ ପଚରାଉଚରା ହୋଇପାରେ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି । ସୌମ୍ୟଙ୍କୁ ବ୍ୟକ୍ତିଗତ କାମରେ ଏଡିଜି ନିୟୋଜିତ କରିଥିବା ମା' କବିତା କରିଥିବା ଅଭିଯୋଗର ମଧ୍ୟ ଅନୁସନ୍ଧାନ ହୋଇପାରେ ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଗୁରୁବାର କ୍ରାଇମବ୍ରାଞ୍ଚ ଟିମ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବେଣୁପୁର ଗାଁର ପ୍ରଦୀପ ମଙ୍ଗରାଜ ଓରଫ ଦୀପୁକୁ ଢ଼େଙ୍କାନାଳରୁ ଗିରଫ କରିଛି । ସୌମ୍ୟଙ୍କୁ ଆକ୍ରମଣରେ ପ୍ରଦୀପର ହାତ ଥିବା ତଦନ୍ତରୁ ସ୍ପଷ୍ଟ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି । ସେ ସୌମ୍ୟଙ୍କୁ ଚପଲରେ ନିଷ୍ଠୁର ମାଡ଼ ପିଟିଥିଲା । ଅଭିଯୁକ୍ତ ପ୍ରଦୀପକୁ କୋର୍ଟଚାଲାଣ କରାଯାଇଥିଲା । ହେଲେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୌମ୍ୟ ହତ୍ୟା ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ଏବେ ୧୮ କୁ ବୃଦ୍ଧି ପାଇଛି ।

୧୫ ଦିନରେ ରିପୋର୍ଟ...

ଅଭିଯୋଗ ହୋଇଛି । ଏହି ଦୁଇଟି କାର୍ଯ୍ୟ କେବଳ ଅପରାଧିକ ଅପରାଧ ନୁହେଁ, ବରଂ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ମୌଳିକ ଅଧିକାରର ସ୍ପଷ୍ଟ ଉଲ୍ଲଂଘନ । ହେପାଜତରେ ନିର୍ଯାତନା ସମ୍ବିଧାନର ଧାରା ୨୧ ଦ୍ୱାରା ପ୍ରଦତ୍ତ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାରର ଘୋର ବିରୋଧୀ । ସୁପ୍ରିମକୋର୍ଟ ମଧ୍ୟ ବାରମ୍ବାର ହେପାଜତରେ ମୃତ୍ୟୁ ଓ ନିର୍ଯାତନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏହାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପଠାଇବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଏନଏଚ୍‌ଆର୍‌ସି ଗଞ୍ଜାମ ଜିଲ୍ଲାପାଳ, ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ।

'ମୁହଁ ଖୋଲିଲେ ପୁଲିସ...

ଚାପିଦେବା ପାଇଁ କମିସନରେଟ୍ ପୁଲିସ ଯେଉଁ 'ଦୁର୍ଘଟଣା କାହାଣୀ' ଆଣିଥିଲା, ତାହା ଉପରେ ଶାଶୂ ମିନତି ସାହୁ ଏକାଧିକ ଓଲଟା ତୀକ୍ଷ୍ଣ ପ୍ରଶ୍ନ ବାଣ ଛାଡ଼ିଛନ୍ତି । ସେ ସିଧାସଳଖ ପ୍ରଶ୍ନ କରିଛନ୍ତି ଯେ, ଜ୍ୱାଇଁର କୌଣସି ପ୍ରକାର ସଡ଼କ ଦୁର୍ଘଟଣା ହୋଇନାହିଁ, ସେ ପ୍ରଥମରୁ ହିଁ ବାରଙ୍ଗ ଥାନା ପୁଲିସର ହେପାଜତରେ ଥିଲେ; ତେବେ ସେ କଡ଼ା ପହରା ଭିତରୁ ବାଇକ୍‌ରେ ବାହାରକୁ ଗଲେ କେମିତି ଏବଂ ତାଙ୍କର ଦୁର୍ଘଟଣା ଘଟିଲା କେମିତି? ଯଦି ପୁଲିସ କହିବା ଅନୁଯାୟୀ ଏହା କେବଳ ଏକ ସାଧାରଣ ସଡ଼କ ଦୁର୍ଘଟଣା ଥିଲା, ତେବେ ରାକେଶଙ୍କୁ ଥାନା ଭିତରେ ସେହିଭଳି ବର୍ବରୋଚିତ ଭାବେ ଥାର୍ଡ ଡିଗ୍ରୀ ନିର୍ଯାତନା ଦିଆଗଲା କାହିଁକି? କେବଳ ସେତିକି ନୁହେଁ, ଯଦି ପୁଲିସ ନିର୍ଦ୍ଦୋଷ ଏବଂ ଘଟଣାଟି ଦୁର୍ଘଟଣା, ତେବେ ବାରଙ୍ଗ ଥାନାର ବଡ଼ବାବୁ ଅର୍ଥାତ୍ ଥାନା ଅଧିକାରୀଙ୍କୁ ତରବରିଆ ଭାବେ ସେଠାରୁ ବଦଳି କରାଗଲା କାହିଁକି ବୋଲି ପ୍ରଶ୍ନ କରି ସେ ପ୍ରଶାସନକୁ କାଠଗଡ଼ାକୁ ଟାଣିଛନ୍ତି । ଜ୍ୱାଇଁକୁ ପ୍ରଥମେ ଥାନା ଭିତରେ ନିର୍ଦ୍ଦୟ ଭାବେ ପିଟିପିଟି ଅଧମରା କରାଗଲା ଏବଂ ଏବେ ନିଜ ଚଉକି ବଞ୍ଚାଇବା ପାଇଁ ପୁଲିସ ମିଛରେ ଏହାକୁ ଏକ ଆକ୍ସିଡେଣ୍ଟର ରୂପ ଦେଉଛି, ଯାହା ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ ବୋଲି ସେ ଦାବି କରିଛନ୍ତି ।

ଏହି ସମଗ୍ର ହରଡ଼ଘଣା ମାମଲା ପଛରେ ଥିବା ଏକ ପୂର୍ବ ବଡ଼ ରହସ୍ୟଜନକ ବିବାଦ ଉପରୁ ମଧ୍ୟ ଶାଶୂ ଆଜି ପରଦା ହଟାଇଛନ୍ତି । ସେ କହିଛନ୍ତି ଯେ, ପୂର୍ବରୁ ପୁଲିସ ଯେଉଁ ମୃତଦେହକୁ ଉଦ୍ଧାର କରି ତାଙ୍କ ଝିଅର ବୋଲି କହୁଥିଲା, ସେ ସେତେବେଳେ ପ୍ରଥମରୁ ହିଁ ସ୍ପଷ୍ଟ ଭାବେ ମନା କରିଥିଲେ ଯେ ଉକ୍ତ ମୃତଦେହ ତାଙ୍କ ଝିଅର ନୁହେଁ । ପୁଲିସ ଜବରଦସ୍ତି ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରୁଥିବା ବେଳେ, ସେହି ଘଟଣାର ପ୍ରକୃତ ସତ୍ୟତା ଜାଣିବା ପାଇଁ ସେ ଏବେ ମଧ୍ୟ ଝିଅର "ଡିଏନ୍‌ଏ ଟେଷ୍ଟ' କରାଯାଉ ବୋଲି ଦୃଢ଼ ଦାବି କରିଛନ୍ତି । ବର୍ତ୍ତମାନ ଏଚ୍‌ଆର୍‌ପିସିର ସ୍ୱତନ୍ତ୍ର ଟିମ୍ ଏହି ସମ୍ପୂର୍ଣ୍ଣ ହାଇପ୍ରୋଫାଇଲ୍ ମାମଲାର ଯାଞ୍ଚ କରୁଥିବା ବେଳେ ଏବଂ ପୀଡ଼ିତଙ୍କ ପରିବାର ପକ୍ଷରୁ ପୁଲିସର ମିଛ କାହାଣୀ ବିରୋଧରେ ଏଭଳି ସଙ୍ଗୀନ ବୟାନ ସାମ୍ନାକୁ ଆସିବା ପରେ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ଅଡୁଆରେ ପଡ଼ିଯାଇଛି ।

ZILLA SWASTHYA SAMITI, NAYAGARH

(Department of Health & FW, Govt. of Odisha)

Advertisement No.: 1254 / DPMUNGR   Date: 01/06/2026

ADVERTISEMENT / NOTICE   **10001/215/2627**

Walk-In-Interview for the contractual employees of National Health Mission (NHM), already engaged and continuing in the following posts under OSH & FW Society in other districts of Odisha and are desiring to be posted in Nayagarh district against the vacancies as mentioned below.

Sl. No.	Name of the Post	Vacancy	Date of Walk-In-Interview:
01	Psychiatric Nurse	01	Walk-in-interview on 12.06.2026 at 10.00 AM
02	Dental Technician	01	
03	Physiotherapist (IPU)	01	
04	Ophthalmic Asst.	03	
05	Immunisation Computer Asst. (ICA)	01	
06	Pharmacist & Logistic Asst (PLA)	01	
07	Social Worker (DEIC)	01	

Interested in-house candidates of NHM only are requested to attend the Walk-In-Interview with the prescribed format along with the original NOC and experience certificate issued by the concerned CDM & PHO and all original certificates in support of age, qualification, experience, registration & others etc. with one set of self attested xerox copy for submission. Selection shall be made on the highest length of incumbency in the same post under the OSH&FW Society. The application format, general information and instruction & other details can be obtained from the district website https://nayagarh.odisha.gov.in. The candidate should attend the Walk-In-Interview at the DTU, O/o CDM & PHO, Nayagarh on the date mentioned above. The candidates are requested to register their names from 10.00 AM to 12.00 Noon, failing which their candidature shall not be considered. Vacancies shown above are provisional and may change during the time of posting. Incomplete application in any form is liable for rejection. The undersigned reserves the right to accept/reject any/all application and modify/cancel the advertisement without assigning any reason thereof. Status of the selection process will be web hosted in the District website and no personal query will be entertained. No TA/DA shall be admissible for attending the said Walk-In-Interview.

Sd/-
CDM & PHO, Nayagarh

OIPR-10001/10050/1/26-27/0003

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR
DISTRICT PROGRAMME MANAGEMENT UNIT (DPMU)
NATIONAL HEALTH MISSION (NHM)

Expression of Interest

10001/213/2627

No. 1674   Date: 01/06/2026

Sealed EOIs are invited from interested eligible organizations (private Health Care Providers for Extention of Healthcare (Super Speciality) facility through Engagement of Private Technical Service provider /Hospitals to Provide Super/Specialist Services at Kujang & Atharabanki CHC of Jagatsinghpur District, funded under CSR by IOCL in PPP mode.

The eligible criteria, the terms of reference and the formats for submission of bids are available in Jagatsingpur district website, i.e. www.jagatsinghpur.odisha.gov.in. The tender should reach to the undersigned on or before **08/06/2026** till **5 PM** through speed post / regd. Post / courier only. The authority reserves all the rights to cancel or reject the any or all EOIs without assigning any reason thereof.

Sd/- CDMO-Cum-District Mission Director,
Jagatsinghpur

OIPR-10001/10043/1/26-27/0004

OFFICE OF THE MUNICIPAL COUNCIL, ANANDAPUR

Letter No. 2031   Date: 30.05.2026

QUOTATION CALL NOTICE   13001/731/2627

The Executive Officer, Anandapur Municipality invites sealed quotations from reputed Consultancy Firms/Agencies having valid registration, GST Certificate and experience in preparation of Detailed Project Reports (DPRs), Architectural Planning, Estimation, Design and Project Consultancy Services for different developmental works under Anandapur Municipality.

The interested Consultancy Firms/Agencies are requested to submit their quotations along with required credentials, PAN Card, GST Registration Certificate, Experience Certificates and Financial Proposal within the stipulated period. Detailed terms and conditions shall be available on the Municipality website i.e. http://www.anandapurmunicipality.in

The consultancy charges shall be governed as per Finance Department guidelines and applicable Government norms as prescribed in Finance Department Circular regarding consultancy charges.

Scope of Work:

1. Building Construction Works
2. Road & Drainage Projects
3. Water Supply & Sanitation Projects
4. Electrical Installation Works
5. Public Utility Infrastructure Works
6. Urban Beautification and other Municipal Development Projects

Sd/- Executive Officer
Anandapur Municipality

OIPR-13001/13049/1/26-27/0004

यूनियन बैंक ऑफ इंडिया Union Bank of India

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଚାର୍ଯ୍ୟ ବିହାର ଶାଖା
ଓକାକ୍ ଟାୱାର, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର-୭୫୧୦୧୩, ମୋ.: ୯୦୦୨୯୨୪୪୦୮

ଗାଡ଼ି ନିଲାମ ନୋଟିସ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା, ଓକାକ୍ ଟାୱାର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ ଠାରେ ତା.୨୨.୦୬.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ ।

କ୍ର. ନଂ.	ଶାଖାର ନାମ	ଋଣଗ୍ରହୀତାଙ୍କ ନାମ	ଗାଡ଼ିର ବିବରଣୀ	ସଂରକ୍ଷିତ ମୂଲ୍ୟ / ଅମାନତ ଜମା
୧.	ଆଚାର୍ଯ୍ୟ ବିହାର ଶାଖା	ଶ୍ରୀ ବିଶ୍ୱଜିତ୍ ମହାନ୍ତି	HYUNDAI i20 SPORTZ(O)1.2 KAPPA MT, Regd. No.: OD02CN8957, Engine No.: G4LFPV331993, Chassis No.: MALBH512LPM271436	ଟ.୫,୧୦,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୫୧,୦୦୦/-

ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ଭବ୍ୟ ସ୍କୟାର୍ଡ, ରେବତୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର ଠାରେ ତା.୨୦.୦୬.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ନିୟମ ଏବଂ ସର୍ତ୍ତାବଳୀ:

୧. ଗାଡ଼ି "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିକ୍ ବିନା ବିକ୍ରୟ କରାଯିବ ।
୨. **ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ ।**
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡ଼ି ନଂ............ କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ତତସହିତ **ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ** ପୃଥକ୍ ଲଟ୍‌ରେ **"ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ଭୁବନେଶ୍ୱରକୁ ପୈଠ** ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଉପରଦର୍ଶିତ ଠିକଣାରେ **ତା.୨୦.୦୬.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିବା ଆବଶ୍ୟକ ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତ କରାଯିବ ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି । ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ।
୧୧. **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ ।**
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ **ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା, ଫୋନ୍ ନଂ.: ୯୦୦୨୯୨୪୪୦୮**ଙ୍କ ସହ ଯୋଗାଯୋଗ କରନ୍ତୁ ।
୧୩. ଗାଡ଼ି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ ।
୧୪. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବସାଇଟ୍ **www.unionbankofindia.bank.in** ଦେଖନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୬.୨୦୨୬   କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

GOVERNMENT OF ODISHA
PANCHAYAT SAMITI: NARAYANPATNA
P.R. & PWD DEPARTMENT, ODISHA
E-Mail ID: ori-narayanpatna@nic.in

Letter No. 1340 /2026/TCN.01/2026-27, Dated: 02.06.2026

NOTICE INVITING TENDER

Bid Identification No. 01 of 2026-27 of B.D.O. Narayanpatna

Bid documents consisting of specification, Bill of Quantity and Tender Call Notice can be seen in the Government website: **http://tendersodisha.gov.in/nicgep/app**

Sl. No.	Name of the Work	Amount Put to Tender (Rs.)	Class of Contractor	Cost of Tender Paper (Rs.)	E.M.D. (Rs.)	Period of Completion
1	Construction of Additional Classroom at Narayanpatna-A PS	14,35,118/-	"C" & "D"	6,000/-	14,500/-	6 Months
2	Construction of Additional Classroom at Jogipallur PS	14,35,118/-	"C" & "D"	6,000/-	14,500/-	6 Months
3	Construction of Additional Classroom at Odipentha PS	14,35,118/-	"C" & "D"	6,000/-	14,500/-	6 Months
4	Construction of Additional Classroom at Godraguda PS	14,37,247/-	"C" & "D"	6,000/-	14,500/-	6 Months
5	Construction of Additional Classroom at KodalBorigi PS	9,08,888/-	"C" & "D"	6,000/-	9,000/-	6 Months
6	Construction of Additional Classroom at Naktipadar PS	14,45,788/-	"C" & "D"	6,000/-	14,500/-	6 Months
7	Construction of Additional Classroom at Lowkesla PS	14,45,374/-	"C" & "D"	6,000/-	14,500/-	6 Months

07 (Seven) Nos. Works only

Tender documents available on website	Can be downloaded from www.tendersodisha.gov.in
Bid documents available date & time	From **06.06.2026 at 11.00 Hours** to **25.06.2026 up to 17.30 Hours**
Bid clarification period	**06.06.2026 to 25.06.2026** during office hours
Offline documents received through Speed Post / Registered Post	From **06.06.2026 at 17.30 Hours** to **30.06.2026 at 11.00 Hours**
Date, time & venue of opening of bid online	**01.07.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna
Offline documents shall be opened in presence of participating bidders in chamber of BDO, Narayanpatna	**01.07.2026 at 11.00 Hours onwards**
If stipulation arises the tender will be decided through Lottery System	**01.07.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna

Block Development Officer, Narayanpatna

ବାରଙ୍ଗ ଥାନା ହାଜତ ନିର୍ଯାତନା ମାମଲା

ଏଚ୍‌ଆର୍‌ପିସି ଟିମ୍‌ର ତନାଘନା ଆରମ୍ଭ

କଟକ/ବାରଙ୍ଗ, ୨।୬ (ସମିସ): ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା କଟକ ବାରଙ୍ଗ ଥାନା 'ଥାର୍ଡ ଡିଗ୍ରୀ' ହାଜତ ନିର୍ଯାତନା ମାମଲାରେ ଏବେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁଲିସ ଡିଜି ୱାଇ.ବି ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ହ୍ୟୁମାନ୍ ରାଇଟ୍ସ ପ୍ରୋଟେକ୍ସନ୍ ସେଲ୍ (ଏଚଆରପିସି) ଏହି ସମ୍ବେଦନଶୀଳ ମାମଲାକୁ ନିଜ ହାତକୁ ନେବା ସହ ଆକ୍ସନ ମୋଡ୍‌କୁ ଆସିଛି। ଏହି କ୍ରମରେ ମଙ୍ଗଳବାର ଏଚ୍‌ଆର୍‌ପିସି ଅତିରିକ୍ତ ଏସ୍‌ପି ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ସରଜମିନ ତଦନ୍ତ ପାଇଁ ବାରଙ୍ଗରେ ପହଞ୍ଚିଛନ୍ତି।

■ ବାରଙ୍ଗ, ସଦର ଥାନା ଓ ଏସ୍‌ସିବିରେ ଏଚ୍‌ଆର୍‌ପିସି ଟିମ୍‌ର ତଦନ୍ତ
■ ଥାନାରୁ ସିସିଟିଭି ଡିଭିଆର୍ ଜବତ
■ ଏସ୍‌ସିବିରେ ରାକେଶଙ୍କୁ ଭେଟିଲା

ତଦନ୍ତକାରୀ ଟିମ୍ ପ୍ରଥମେ ବାରଙ୍ଗ ଥାନାରେ ପହଞ୍ଚି ଘଟଣା ଦିନର ସମଗ୍ର ସିସିଟିଭି ଫୁଟେଜ୍, ଡିଭିଆର୍, ଷ୍ଟେସନ୍ ଡାଏରୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ମାଗିବା ସହ ତାହାର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଥାନା ଭିତରେ ରାକେଶଙ୍କ ସହ ପ୍ରକୃତରେ କ'ଣ ଘଟିଥିଲା, ତାହାର ଅସଲ ଗୁମର ଖୋଲିପାରିବ ବୋଲି କୁହାଯାଉଛି। ପରେ ତଦନ୍ତକାରୀ ଦଳ କଟକ ଏସ୍‌ସିବିରେ ପହଞ୍ଚି ସେଠାରେ ଚିକିତ୍ସିତ ହେଉଥିବା ପୀଡ଼ିତ ରାକେଶ ବେହେରାଙ୍କୁ ଭେଟିଥିଲେ। ତଦନ୍ତକାରୀ ଟିମ୍ ତାଙ୍କୁ ପଚରାଉଚରା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କିଛି କହିପାରିନଥିଲେ। ପରେ ଟିମ୍ ରାକେଶଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପୂର୍ବାପେକ୍ଷା ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ଏବଂ ସେ ଭଲ ଅଛନ୍ତି ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି। ପୁଲିସ ଦାବି କରୁଥିବା ବାଇକ୍ ଦୁର୍ଘଟଣା ଜନିତ ଆଘାତ ଏବଂ ରାକେଶଙ୍କର ପୂର୍ବରୁ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିଲା କି ନାହିଁ, ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ମେଡିକାଲ ଗ୍ରାଉଣ୍ଡକୁ ଏଚ୍‌ଆର୍‌ପିସି ଟିମ୍ ଅତି ଗମ୍ଭୀରତାର ସହ ପରଖୁଛି।

ଏହି ସମ୍ବେଦନଶୀଳ ମାମଲାରେ ପୁଲିସ କାହାଣୀର ସତ୍ୟାସତ୍ୟ ଜାଣିବା ପାଇଁ ଏଚ୍‌ଆର୍‌ପିସି ଟିମ୍ ସେଠାରୁ ବାହାରି ସିଧାସଳଖ କଟକ ସଦର ଥାନାରେ ପହଞ୍ଚିଥିଲେ। ସେଠାରେ ରାକେଶଙ୍କ ନାମରେ ରୁଜୁ ହୋଇଥିବା କଥିତ ଦୁର୍ଘଟଣା ମାମଲାର କାର୍ଯ୍ୟାନୁଷ୍ଠାନ ଏବଂ ବାସ୍ତବତା ଉପରେ ଟିମ୍ ଖୋଳତାଡ଼ କରିଛି। ଉକ୍ତ ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କ ସହ ଅତିରିକ୍ତ ଏସ୍‌ପି ଦୀର୍ଘ ସମୟ ଧରି ଆଲୋଚନା କରିବା ସହ ଦୁର୍ଘଟଣାସ୍ଥଳର ସ୍ଥିତି ଓ ଜବତ ସାମଗ୍ରୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ମାମଲାରେ ସମସ୍ତ ଦିଗରୁ ତଦନ୍ତ କରାଯିବ ଏବଂ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ତଦନ୍ତକାରୀ ଅଧିକାରୀ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି।

କଂଗ୍ରେସ ସଭାପତିଙ୍କ ବିସ୍ଫୋରକ ଅଭିଯୋଗ

କାଠଯୋଡ଼ିରୁ ମିଳିଥିବା ମୃତ ମହିଳାଜଣଙ୍କ ହସ୍ପିଟାଲ ନର୍ସ!

ବାରଙ୍ଗ, ୨।୬ (ସମିସ): ବାରଙ୍ଗ ଥାନାରେ ହାଜତ ନିର୍ଯାତନା ମାମଲାରେ ଏକ ବଡ଼ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ମଙ୍ଗଳବାର ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଏସ୍‌ସିବିରେ ଗୁରୁତର ରାକେଶଙ୍କୁ ଭେଟିବା ପରେ ତାଙ୍କ ଗାଁ ବାରଙ୍ଗ ବ୍ଲକ୍ ଚଣ୍ଡିପ୍ରସାଦରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ପରେ ସେ ଏହି ମାମଲାକୁ ନେଇ ଗଣମାଧ୍ୟମ ଆଗରେ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। କାଠଯୋଡ଼ିରୁ ଉଦ୍ଧାର ମୃତ ମହିଳାଜଣଙ୍କ କୌଣସି ହସ୍ପିଟାଲର ନର୍ସ କିମ୍ବା ବାରଙ୍ଗ ପୁଲିସର ଜଣାଶୁଣା ହୋଇଥିବେ ବୋଲି ଶ୍ରୀ ଦାସ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହି ମହିଳାଙ୍କ ମୃତ୍ୟୁ ଏବଂ ରାକେଶଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ପଛରେ କିଛି ରହସ୍ୟମୟ ସମ୍ପର୍କ ଥାଇପାରେ, ଯାହାକୁ ଲୁଚାଇବା ପାଇଁ କମିଶନରେଟ୍ ପୁଲିସ ଏବେ 'ବାଇକ୍ ଦୁର୍ଘଟଣା'ର ନୂଆ ସ୍କ୍ରିପ୍ଟ ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି। କଂଗ୍ରେସ ସଭାପତିଙ୍କ ଏହି ସଙ୍ଗୀନ ଅଭିଯୋଗ ପରେ ଘଟଣାର ମୋଡ଼ ଆହୁରି ଜଟିଳ ହୋଇପଡ଼ିଛି।

ଏସ୍‌ସିବି ମେଡିକାଲରେ ରାକେଶଙ୍କୁ ଭେଟିଲେ ପିସିସି ସଭାପତି ଭକ୍ତ ଦାସ

■ ଆଜି ମହାପ୍ରଭୁଙ୍କ ବନକଲାଗି

୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨।୬(ସମିସ): ଜ୍ୟେଷ୍ଠ କୃଷ୍ଣ (ମଳ) ତୃତୀୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

ଚା' ଦୋକାନରେ ଗ୍ୟାସ୍ ଟାଙ୍କି ଫାଟି ବାଳକ ମୃତ

ସୋରଡ଼ା,୨।୬(ସମିସ): ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଦାନ୍ତିଲିଙ୍ଗ ଛକଠାରେ ଘଟିଛି ଏକ ଅଭାବନୀୟ ଘଟଣା। ଚା' ଦୋକାନରେ ଗ୍ୟାସ ଟାଙ୍କି ଫାଟି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଗାଙ୍ଗପୁର ଗ୍ରାମର ବାଦଲ ମୂଳି (୧୨)। ପ୍ରକାଶ ଯେ, ଖରାଛୁଟି ଚାଲିଥିବାରୁ ଗାଙ୍ଗପୁର ଗ୍ରାମର ରଞ୍ଜନ ମୂଳିଙ୍କ ୧୨ ବର୍ଷର ପୁଅ ବାଦଲ ଅଜାଘର ଦାନ୍ତିଲିଙ୍ଗ ଗ୍ରାମର ଗଣେଶ ମୂଳିଙ୍କ ଘରକୁ ଆସିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଅଜା ଦୋକାନରେ ବାଦଲ ଥିବାବେଳେ କୌଣସି କାରଣରୁ ଗ୍ୟାସ୍ ଟାଙ୍କିଟି ଫାଟି ବାଦଲଙ୍କ ମୃତ୍ୟୁ ଘଟିଥିଲା।

ଗୋଟିଏ ରଶିରେ ଝୁଲିପଡ଼ିଲେ ଦମ୍ପତି

ପିପିଲି,୨।୬(ସମିସ): ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ଅର୍ଜ୍ଜୁନସିଂହପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ବନ୍ଦ ଘରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ସାତଶଙ୍ଖ ଫାଣ୍ଡି ପୁଲିସ ଜବତ କରିଛି। ମୃତ ଦମ୍ପତି ହେଲେ, ଭାସ୍କର ଚନ୍ଦ୍ର ଦାଶ (୪୦) ଏବଂ ତାଙ୍କ ସ୍ତ୍ରୀ କାଜଲ ଦାଶ(୨୭)।

ଭାସ୍କର ୮ବର୍ଷ ତଳେ ସତ୍ୟବାଦୀ ଥାନା ଅନ୍ତର୍ଗତ ଚଉଦବାଟିଆ ଗ୍ରାମରେ ବିବାହ କରିଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲେ। ଉକ୍ତ ଦମ୍ପତି ନିଜ ଘର ପାଖରେ ଏକ ଭଡ଼ା ଘର ନେଇ ରହୁଥିଲେ। ଗୋଟିଏ ରଶିର ଉଭୟ ପାର୍ଶ୍ୱରେ ଦୁହେଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କଲେ, ତାହାର କାରଣ ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଭାସ୍କରଙ୍କ ପିତା କୈଳାସ ଦାଶଙ୍କ ଲିଖିତ ଅଭିଯୋଗ ଆଧାରରେ ପିପିଲି ଥାନା ପୁଲିସ ନମ୍ବର ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମରଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ମାଜିଷ୍ଟ୍ରେଟ୍ ତଥା ପିପିଲିର ଅତିରିକ୍ତ ତହସିଲ୍‌ଦାରଙ୍କ ଉପସ୍ଥିତିରେ ଶବ ଜବତ କରାଯାଇଛି। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ଉପସ୍ଥିତ ଥିବାବେଳେ ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିବା ନେଇ ଫାଣ୍ଡି ଅଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

24001/193/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAB-GM-0049-2025- 49217 / R&DM, Dated 30.12.2025

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ଦ୍ୱିତୀୟ ଖଣ୍ଡଦେଉଳି, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୬.୫୫୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୨୦୯୬୫ dated ୧୧.୦୬.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ଗଞ୍ଜାମ	ସାନଖେମୁଣ୍ଡି	ଦ୍ୱିତୀୟ ଖଣ୍ଡଦେଉଳି	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୧୬.୮୦୫	ଏ ୬.୫୫୫	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଦ୍ୱିତୀୟ ଖଣ୍ଡଦେଉଳି ଗ୍ରାମର ଜମିର ବିବରଣୀ

ତହସିଲ -ସାନଖେମୁଣ୍ଡି — ଜିଲ୍ଲା - ଗଞ୍ଜାମ

ଖାତା ନଂ	ପ୍ଲଟ ନଂ	କିସମ	ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ରକବା	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭
୩	୯୫୪	ବିଲ ଜଳସେଚିତ ଏକ ଫସଲି	୦.୧୧୦	୦.୦୧୦	ଅରକ୍ଷିତ ସେଠୀ ପି:ଭୋକିଲି ସେଠୀ ଜା: ଧୋବା ବା: ବାଙ୍କରଡ଼ା	
୪	୯୯୫	ବିଲ ଜଳସେଚିତ ଏକ ଫସଲି	୦.୦୪୫	୦.୦୧୦	ଅରକ୍ଷିତ ସେଠୀ ପି: ଭୋକିଲି ସେଠୀ, ପୁରି ସେଠୀ ପି: ଲକ୍ଷଣ ସେଠୀ, ଅଳି ସେଠୀ, ଗୁଲା ସେଠୀ, ଟେଣ୍ଟୁ ସେଠୀ ପି: ଜାଗିଲି ସେଠୀ ଜା: ଧୋବା ବା: ବାଙ୍କରଡ଼ା	
	୯୯୮		୦.୦୬୫	୦.୦୧୫		
	୯୯୯		୦.୦୮୫	୦.୦୨୫		
୬	୩୧୮	ପଦର	୦.୧୫୦	୦.୦୯୦	ଅରକ୍ଷିତ ଚୌଧୁରୀ, ରଘୁ ଚୌଧୁରୀ, କମଳା ଚୌଧୁରୀ, ମାହାଲି ଚୌଧୁରୀ ପି: ଭିକାରୀ ଚୌଧୁରୀ, ଘରମଣି ଚୌଧୁରୀ ସ୍ୱା: ଭିକାରୀ ଚୌଧୁରୀ ଜା: କୁଡୁମ ବା: ମଣିଦେବ ପେଣ୍ଠ	
	୩୧୯	ବିଲ ଅଣ ଜଳସେଚିତ ତିନି	୦.୧୨୫	୦.୦୬୦		
	୩୨୨		୦.୦୬୦	୦.୦୧୦		
୭	୩୫୮	ବିଲ ଜଳସେଚିତ ଏକ ଫସଲି	୦.୨୧୫	୦.୦୮୦	ଆଦିକନ୍ଦ ପାଣିଗ୍ରାହି ପି:ବାଲାଜି ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜଗାଁ	
୧୧	୩୧୯	ପଦର	୦.୪୩୫	୦.୦୦୫	ଶ୍ରୀ ଲଙ୍କେଶ୍ୱର ମହାଦେବ ବିଜେ: ନିଜଗାଁ ମାର୍ଫତ ବା:, ଉଦୟ ନାରାୟଣ ସିଂହଦେଓ ପି: ନନ୍ଦକିଶୋର ଅନଙ୍ଗ ଭୀମଦେଓ ଜା: କ୍ଷତ୍ରିୟ ବା: ପୋଦ୍ଦାମାରୀ, ଲକ୍ଷ୍ମୀ ଚରଣ ପାଣିଗ୍ରାହି, ପଦ୍ମ ଚରଣ ପାଣିଗ୍ରାହି ପି: ଜଗନ୍ନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜଗାଁ, ଉଦୟନାଥ ପାଣିଗ୍ରାହି ପି: ନଟବର ପାଣିଗ୍ରାହି ଜା: ବ୍ରାହ୍ମଣ ବା: ପୋଦ୍ଦାମାରୀ, ତ୍ରିନାଥ ପାଣିଗ୍ରାହି, ତାରେଣୀ ପାଣିଗ୍ରାହି, ଦେବରାଜ ପାଣିଗ୍ରାହି, ଅଭି ପାଣିଗ୍ରାହି ପି: ଗୋପିନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ଜାମ୍ବୁଗିରୀ, ଭାସ୍କର ପାଣିଗ୍ରାହି, ସୁରେନ୍ଦ୍ର ପାଣିଗ୍ରାହି ପି: ରାମଚନ୍ଦ୍ର ପାଣିଗ୍ରାହି, ଗୌରହରି ପାଣିଗ୍ରାହି ପି: କୃଷ୍ଣଚନ୍ଦ୍ର ପାଣିଗ୍ରାହି, ଧର୍ମରାଜ ପାଣିଗ୍ରାହି ପି: ରାଧା ମୋହନ ପାଣିଗ୍ରାହି, ବୃନ୍ଦାବନ ପାଣିଗ୍ରାହି ପି: କାଳୁ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜଗାଁ	
୧୨	୨୩	ପଦର	୦.୩୬୦	୦.୧୧୦	ଶ୍ରୀ ଲଙ୍କେଶ୍ୱର ମହାଦେବ ବିଜେ: ନିଜଗାଁ ମାର୍ଫତ: ବା:, ଉଦୟନାରାୟଣ ସିଂହଦେଓ ପି: ନନ୍ଦକିଶୋର ଅନଙ୍ଗ ଭୀମଦେଓ ଜା: କ୍ଷତ୍ରିୟ ବା:ପୋଦ୍ଦାମାରୀ, ସେବାୟତ: ବା:, ଧର୍ମରାଜ ପାଣିଗ୍ରାହି ପି: ରାଧାମୋହନ ପାଣିଗ୍ରାହି, ବୃନ୍ଦାବନ ପାଣିଗ୍ରାହି ପି: କାଳୁ ଚରଣ ପାଣିଗ୍ରାହି, ଦୁଃଖି ପାଣିଗ୍ରାହି ସ୍ୱା: କାଳୁ ଚରଣ ପାଣିଗ୍ରାହି, ହେମ ପାଣିଗ୍ରାହି ପି: ଖଲି ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜଗାଁ	
	୨୫		୦.୧୬୦	୦.୦୫୦		
	୪୦		୦.୨୬୫	୦.୧୮୦		
୧୩	୧୧୧	ବିଲ ଅଣ ଜଳସେଚିତ ତିନି	୦.୨୬୦	୦.୦୪୫	କପିଳ ପଣ୍ଡା, ସୋମନାଥ ପଣ୍ଡା ପି: ଭଗବାନ ପଣ୍ଡା, ଶ୍ୟାମସୁନ୍ଦର ପଣ୍ଡା, ଦିମାଞ୍ଚଳ ପଣ୍ଡା, ଜଳନ୍ଧର ପଣ୍ଡା ପି: ଲକ୍ଷ୍ମଣ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ	
	୧୧୩		୦.୧୦୦	୦.୦୯୦		
	୧୧୫		୦.୨୦୫	୦.୧୯୦		
	୧୩୬	ବିଲ ଅଣଜଳସେଚିତ ଦୁଇ	୦.୨୪୦	୦.୦୬୦		
୧୮	୧୪୩	ବିଲ ଅଣଜଳସେଚିତ ଦୁଇ	୦.୩୪୫	୦.୧୩୦	ଶ୍ରୀ ଦମେଇତନଦୀ ଠାକୁରାଣୀ ବିଜେ: ବାଙ୍କରଡ଼ା ସେବାୟତ: ବା:, ଖଲି ଜାନି ପି: ଶୁକୁ ଜାନି, କୁରୀ ଜାନି ପି: ସନ୍ୟାସି ଜାନି ଜା: ଗୌଡ଼ ବା: ବାଙ୍କରଡ଼ା	
୨୧	୧୪	ବିଲ ଅଣଜଳସେଚିତ ଦୁଇ	୦.୯୬୫	୦.୧୧୦	ଗୋବିନ୍ଦ ପଧାନ ପି:ଲାଲୁ ପଧାନ ଜା: କୁଡୁମ ବା: ନିଜଗାଁ	
୩୧	୨୦	ବିଲ ଅଣଜଳସେଚିତ ଦୁଇ	୦.୫୬୫	୦.୨୧୦	ତ୍ରିନାଥ ପଧାନ ପି:ଲାଲୁ ପଧାନ ଜା: କୁଡୁମ ବା: ନିଜଗାଁ	
	୨୨		୦.୩୧୦	୦.୧୨୫		
୪୨	୯୭୨	ବିଲ ଜଳସେଚିତ ଏକ ଫସଲି	୦.୦୬୦	୦.୦୧୦	ଧନୁ ଭାଇତ, କନକ ଭାଇତ, ଲାଇଲି ଭାଇତ, ଶଙ୍କି ଭାଇତ ପି: ଶୁକୁଟା ଭାଇତ, ଝୁମା ଭାଇତ ସ୍ୱା: ଶୁକୁଟା ଭାଇତ, ପାଣ୍ଡୁ ଭାଇତ, ଅଳି ଭାଇତ ପି: ଭଲା ଭାଇତ, ଗୋଲୁଣି ଭାଇତ ସ୍ୱା: ଭଲା ଭାଇତ, ନାରଣ ଭାଇତ,	
	୯୭୩		୦.୦୭୦	୦.୦୧୦		
	୯୭୭		୦.୧୬୫	୦.୦୪୦		
	୯୭୮		୦.୧୬୦	୦.୦୧୫	ସାଇବାଣୀ ଭାଇତ, ତରି ଭାଇତ, ସୀତା ଭାଇତ, ଭାହାସ ଭାଇତ ପି: ଲାଲୁ ଭାଇତ, ତମାନ ଭାଇତ ସ୍ୱା: ଡାରେଣୀ ଭାଇତ ଜା: କୁଡୁମ ବା: ମଣିଦେବ ପେଣ୍ଠ	
୪୯	୯୮୪	ବିଲ ଜଳସେଚିତ ଦୋଫସଲି	୦.୨୧୫	୦.୧୫୦	ଦାଇଲୀ ଭାଇତ, ଗେଲି ଭାଇତ, ସଜନି ଭାଇତ, ହେମ ଭାଇତ ପି: କପିଳ ଭାଇତ, କୁଣିଆ ଭାଇତ, ରୂପା ଭାଇତ, ଚମ୍ପା ଭାଇତ ପି: ଅର୍ଜୁନ ଭାଇତ, ବଙ୍କର ଭାଇତ, ବିଶ୍ୱ ଭାଇତ, କୁନ୍ତି ଭାଇତ, ମନାସି ଭାଇତ ପି: ରଘୁ ଭାଇତ ଜା: କୁଡୁମ ବା: ମଣିଦେବ ପେଣ୍ଠ	
	୯୮୦	ବିଲ ଜଳସେଚିତ ଏକ ଫସଲି	୦.୧୬୦	୦.୦୩୦		
୫୮	୧୪୧	ବିଲ ଅଣଜଳସେଚିତ ଦୁଇ	୦.୩୧୫	୦.୦୫୦	ଶ୍ରୀ ଦମେଇତନଦୀ ଠାକୁରାଣୀ ବିଜେ: ବାଙ୍କରଡ଼ା ସେବାୟତ: ବା:, ଭରତ ଗୌଡ଼ ପି: ଭଦ୍ର ଗୌଡ଼ ଜା: ଗୌଡ଼ ବା: ବାଙ୍କରଡ଼ା	
	୧୪୨		୦.୨୫୦	୦.୧୪୫		
୫୯	୧୪୭	ବିଲ ଅଣଜଳସେଚିତ ଏକ	୦.୨୫୫	୦.୦୩୫	ଭାସ୍କର ଜାନି ପି:ଫକିର ଜାନି ଜା: ଗୌଡ଼ ବା: ବାଙ୍କରଡ଼ା	
	୧୫୦		୦.୧୮୦	୦.୦୭୦		
୬୩	୩୬୨	ପତିତ	୦.୦୯୦	୦.୦୮୦	ଭୀମ ବେହେରା, ଗୋବିନ୍ଦ ବେହେରା ପି: ଗାଣ୍ଡୁ ବେହେରା ଜା: କୁଡୁମ ବା: ନିଜଗାଁ	
	୧୦୦୦	ବିଲ ଜଳସେଚିତ ଏକ ଫସଲି	୦.୩୬୦	୦.୦୭୫		
	୩୬୦		୦.୮୩୦	୦.୮୩୦		
	୩୬୩		୦.୫୬୦	୦.୫୬୦		
	୩୬୭		୦.୨୭୫	୦.୨୨୦		
	୯୯୦		୦.୦୭୦	୦.୦୪୦		
	୯୯୬		୦.୦୮୫	୦.୦୧୫		
୬୫	୯୩୫	ବିଲ ଜଳସେଚିତ ଏକ ଫସଲି	୦.୧୭୦	୦.୦୧୦	ଭୀମ ଗୌଡ଼, କାଶି ଗୌଡ଼ ପି: କନ୍ଧାରୁ ଗୌଡ଼, ଦୁଃଖିଶ୍ୟାମ ଗୌଡ଼, ଭାସ୍କର ଗୌଡ଼, କୃଷ୍ଣ ଗୌଡ଼, ହାଡୁ ଗୌଡ଼, ଜଲ୍ଲୁ ଗୌଡ଼ ପି: ତବଟିଆ ଗୌଡ଼, କୁରୀ ଗୌଡ଼ ସ୍ୱା: ତବଟିଆ ଗୌଡ଼ ଜା: ଗୌଡ଼ ବା: ନିଜଗାଁ	
	୯୪୭		୦.୧୧୦	୦.୦୧୦		
	୯୪୮		୦.୧୦୫	୦.୦୧୫		
	୯୪୯		୦.୨୩୦	୦.୧୭୦		
	୯୮୧		୦.୦୭୦	୦.୦୭୦		
	୯୮୨		୦.୦୭୦	୦.୦୬୦		
	୯୮୩		୦.୦୭୦	୦.୦୧୦		
	୯୮୭		୦.୧୨୦	୦.୦୬୦		
୬୬	୨୪୧	ବିଲ ଅଣଜଳସେଚିତ ଦୁଇ	୦.୦୬୫	୦.୦୧୦	କୁଞ୍ଚଣ ନାଇକ, ବାସୁ ନାଇକ, କେତି ନାଇକ, ହେମ ନାଇକ ପି: କଣିଆ ନାଇକ, ଶତ୍ରୁଘ୍ନ ନାଇକ, ଲମ୍ବୋଦର ନାଇକ, ବିଶ୍ୱ ନାଇକ ପି: ଦୁଃଖିଆ ନାଇକ ଜା: ଦଶାସି ବା: ନିଜଗାଁ	
	୨୪୯	ପଦର	୦.୦୯୦	୦.୦୧୦		
୬୮	୧୩	ବିଲ ଅଣଜଳସେଚିତ ଦୁଇ	୦.୬୩୫	୦.୧୭୦	ମାଧବ ଚନ୍ଦ୍ର ପ୍ରଧାନ ପି:ଲାଲୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ	
	୯୮୮	ବିଲ ଜଳସେଚିତ ଏକ ଫସଲି	୦.୫୦୦	୦.୧୪୦		
୭୦	୧୪୯	ବିଲ ଅଣଜଳସେଚିତ ଦୁଇ	୦.୩୧୫	୦.୦୬୦	ରଘୁନାଥ ଗଉଡ଼, ପାଟ ଗଉଡ଼ ପି: ଦଶାସି ଗଉଡ଼, ସାନ୍ତି ଗଉଡ଼ ସ୍ୱା: ଦଶାସି ଗଉଡ଼ ଜା: ଗଉଡ଼ ବା: ମଣିଦେବ ପେଣ୍ଠ	
୭୨	୩୫୭	ବିଲ ଜଳସେଚିତ ଏକ ଫସଲି	୦.୧୨୫	୦.୦୪୦	ରଘୁ ପ୍ରଧାନ, କୃଷ୍ଣ ପ୍ରଧାନ ପି: ଗୋପି ପ୍ରଧାନ ଜା: କୁଡୁମ ବା: ମଣିଦେବ ପେଣ୍ଠ	
	୩୫୯		୦.୧୮୦	୦.୧୨୦		
	୯୪୨		୦.୧୧୫	୦.୦୭୦		
	୯୪୩		୦.୨୦୫	୦.୧୦୦		
୭୫	୧୫୧	ବିଲ ଅଣଜଳସେଚିତ ଦୁଇ	୦.୦୮୦	୦.୦୫୦	ଉମା ପାଣିଗ୍ରାହି ସ୍ୱା:ତ୍ରିନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ଜାମ୍ବୁଗିରି	
	୧୫୨		୦.୧୨୫	୦.୦୪୦		
୮୧	୨୫	ବିଲ ଅଣଜଳସେଚିତ ଦୁଇ	୦.୨୫୦	୦.୦୫୦	ଶ୍ରୀ ଲଙ୍କେଶ୍ୱର ମହାଦେବ ବିଜେ ନିଜଗାଁ ସେବାୟତ: ବା:, ଲକ୍ଷ୍ମୀ ଚରଣ ପାଣିଗ୍ରାହି, ପଦ୍ମ ଚରଣ ପାଣିଗ୍ରାହି ପି: ଜଗନ୍ନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜଗାଁ	
	୨୯	ପଦର	୦.୧୯୦	୦.୦୪୦		
	୪୧		୦.୨୬୦	୦.୦୫୦		
	୪୨		୦.୨୩୫	୦.୦୫୦		
	୪୪		୦.୧୧୫	୦.୦୫୦		
	୪୫		୦.୧୯୦	୦.୦୬୦		
୮୪	୧୪୪	ବିଲ ଅଣଜଳସେଚିତ ଦୁଇ	୦.୧୦୦	୦.୦୧୦	ଶ୍ରୀ ଦମେଇଜନନୀ ଠାକୁରାଣୀ ବିଜେ ବାଙ୍କରଡ଼ା ସେବାୟତ: ବା:, ସନ୍ୟାସି ଜାନି, ଶୁକୁର ଜାନି ପି: ଗୁରା ଜାନି ଜା: ଗଉଡ଼ ବା: ବାଙ୍କରଡ଼ା	
	୧୪୫		୦.୦୭୫	୦.୦୨୦		
୯୦	୯୯୪	ବିଲ ଅଣଜଳସେଚିତ ଦୁଇ	୦.୦୫୦	୦.୦୫୦	ଶ୍ୟାମ ଗୌଡ଼, ଦୁଃଖୀ ଗୌଡ଼ ପି: ଦମ୍ଭ ଗୌଡ଼ ଜା: ଗୌଡ଼ ବା: ମଣିଦେବ ପେଣ୍ଠ	
୧୦୩/୧	୯୫୦	ବିଲ ଜଳସେଚିତ ଦୋଫସଲି	୦.୧୩୫	୦.୦୩୫	ହାଡୁ ଗଉଡ଼ ପି:ତବଟିଆ ଗଉଡ଼ ଜା: ଗଉଡ଼ ବା: ନିଜଗାଁ	
	୯୯୩		୦.୦୭୫	୦.୦୫୫		
୧୦୩/୬	୯୫୧	ବିଲ ଜଳସେଚିତ ଏକ ଫସଲି	୦.୩୫୦	୦.୦୧୫	ସୁନ୍ଦରୀ ବେହେରା ସ୍ୱା:ଭାସ୍କର ବେହେରା ଜା: କୁଡୁମ ବା: ଦ୍ୱିତୀୟ ଖଣ୍ଡଦେଉଳି	
୧୦୩/୮	୧୧୨	ବିଲ ଅଣ ଜଳସେଚିତ ତିନି	୦.୧୦୦	୦.୦୯୦	ଦୁଃଖିଶ୍ୟାମ ଗୌଡ ପି:ତବଟିଆ ଗୌଡ ଜା: ଗୌଡ ବା: ନିଜଗାଁ	
	୧୧୪		୦.୮୮୦	୦.୦୩୦		
	୧୧୬		୦.୦୭୫	୦.୦୨୫		
	୧୧୭		୦.୦୮୫	୦.୦୮୫		
	୧୧୯		୦.୧୦୦	୦.୦୧୦		
	୧୩୨	ବିଲ ଅଣଜଳସେଚିତ ଦୁଇ	୦.୧୫୫	୦.୦୭୦		
	୧୩୩		୦.୨୮୦	୦.୧୪୦		
୧୦୩/୧୩	୧୪୮	ବିଲ ଅଣଜଳସେଚିତ ଦୁଇ	୦.୨୫୦	୦.୧୩୦	ପଦ୍ମା ଗୌଡ଼ ସ୍ୱା:ରଘୁନାଥ ଗୌଡ଼ ଜା: ଗୌଡ଼ ବା: ମଣିଦେବପେଣ୍ଠ	
୧୦୩/୧୫	୩୫୬	ବିଲ ଜଳସେଚିତ ଦୋଫସଲି	୦.୨୫୫	୦.୦୬୦	ମାଧବ ପ୍ରଧାନ ପି:ଗୋବିନ୍ଦ ପ୍ରଧାନ ଜା: କୁଡୁମ ବା: ଡୁଡୁରା	
୧୦୩/୧୬	୯୮୯	ବିଲ ଜଳସେଚିତ ଏକ ଫସଲି	୦.୨୫୫	୦.୦୩୫	ଉମେଶ ବେହେରା ପି:କାଳୁ ବେହେରା ଜା: କୁଡୁମ ବା: ନିଜଗାଁ	
୧୦୩/୨୨	୯୭୯	ବିଲ ଜଳସେଚିତ ଏକ ଫସଲି	୦.୧୬୦	୦.୧୩୦	ସନ୍ତୋଷ କୁମାର ପାଣିଗ୍ରାହୀ ପି:ଡାରିଣି ପାଣିଗ୍ରାହୀ ଜା: ବ୍ରାହ୍ମଣ ବା: ଜିମ୍ବୁଗିରି	

ମୋଟ ୬.୫୫୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0051

Notice (above 18 years of age)

By virtue of an affidavit sworn before Notary Public, Udala, Mayurbhanj dated 02-06-2026 I, Maina Soren, Wife of Dasarathi Murmu, Address Villege - Harisole, P.O- Hatisahi, P.S- Udala, Dist- Mayurbhanj, Pin-757087 declare that I have changed my name from Mayin Soren to Maina Soren. Henceforth, I shall be known as Maina Soren for all purposes.

(Maina Soren)

AFFIDAVIT

By virtue of an affidavit no.1551 before the Executive Magistrate, Kodinga, dtd.02.06.2026, I, Chakrasingh Pujari, Vill/P.O.- Ekori, P.S. Kodinga, Dist- Nabarangpur hereby declare that my name has been wrongly recorded as "CHAKRASIN PUJARI" in my SBI Passbook. That both names "CHAKRASIN PUJARI" and "CHAKRASINGH PUJARI" refer to one and the same person, i.e., myself. Henceforth, I shall be known as **CHAKRASINGH PUJARI** for all purposes.

AFFIDAVIT

By virtue of an affidavit I, Ranjan Kumar Naik, S/o Late Munibar Naik, At- Naktiguda, Bhawanipatna, P.O./P.S. Bhawanipatna Town, Dist.- Kalahandi declare that the name of my daughter has been wrongly recorded as "SUNANA NAIK" in her Aadhaar Card. Her correct name is "SALONI NAIK", That SALONI NAIK and SUNANA NAIK is one and the same person.

Sd/- RANJAN KUMAR NAIK

AFFIDAVIT

By virtue of an affidavit, beforenotary public Umerkote, vide No. 1193, dtd. 11.05.2026, I, Sanmati Santa (formerly Sanmati Paraja), residing in Vill- Dhepguda, P.O Beheda, P.S Umerkote, Pin -764073, Dt. Nabarangpur declare that I renounce my former name and adopt the name Sanmati Santa. From this date onward, I will be known by this name in all records, documents, and transactions. I request all to address me and my family by this name henceforth.

AFFIDAVIT

I GEETA DEVI, W/o Late Satyanarayan Agarwal, Resident of Qtr no: EM-61 Basanti Colony, Rourkela, Dist- Sundargarh, State- Odisha, Pin-769012 declare by this affidavit No- A/52,dated 02.06.2026 sworn before Executive Magistrate, Rourkela, that now onwards I shall be known as **GEETA DEVI AGARWAL** for all future purposes.

AFFIDAVIT

By virtue of an affidavit (Sl No A/62, dtd- 12/05/2026) sworn before the Executive Magistrate, Panposh at Uditnagar, Rourkela. I, **Roshni Biswakarma,** D/o Rakesh Biswakarma, resident of Sibashankar Nagar, Rourkela-1, Ps: Plantsite, Odisha, PIN- 769001 declare that I have changed my name from **Roshani Kumari** to **Roshni Biswakarma.** Henceforth, I shall be known as **Roshni Biswakarma** for all purpose.

Roshni Biswakarma

AFFIDAVIT

By virtue of an affidavit (No. 08, dtd- 12/01/2026) sworn before The Executive Magistrate, Khariar. I, **Pitambar Dhinda** (applicant name), S/o Chitra Dhinda, permanent resident of At- Khariar Ward No.2, PO: Khariar, PS: Khariar, Dist: Nuapada, PIN-766107, State: Odisha declare that I have changed my minor son's name from **Khageswar Dhinda** (old name) to **Khagesh Dhinda.** Henceforth, he shall be known as **Khagesh Dhinda** (new name) for all purposes.

Pitambar Dhinda

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 02/06/2026. I, **Swarupa Rana** (new name), D/o Pandaba Rana, permanent & current resident of AT: Siluan, PO: Marlad, PS: Titilagarh, Dist: Balangir, State: Odisha, PIN: 767066 declare that I have changed my name from **Jyotimayi Rana** (old name) to **Swarupa Rana** (new name). Henceforth, I shall be known as **Swarupa Rana** (new name) for all future purposes.

Swarupa Rana

AFFIDAVIT

By virtue of an affidavit sworn before Executive Magistrate, Bhubaneswar, CF No. 58, dated: 29.05.2026. I, **Anarasi Sunita Subudhi,** W/o- Anarasi Rajarao Subudhi, resident of At-Jogendra Bhagawati Mansion-G2, Tarini Vihar, Raghunathpur, Po- IRC Village, Ps- Nayapalli, Bhubaneswar, Dist- Khordha, Pin-751015, Odisha, declare that I have changed my name from **A. Sunita Subudhi** (old name) to **Anarasi Sunita Subudhi** (new name). Henceforth, I shall be known as **Anarasi Sunita Subudhi** for all purposes.

Anarasi Sunita Subudhi

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଦରଦାମ ବୃଦ୍ଧି ପ୍ରସଙ୍ଗ

୫ରେ ବିଶାଳ ପ୍ରତିବାଦ ସଭା କରିବ ବିଜେଡି

ଖୋର୍ଦ୍ଧା,୨।୬(ସମିସ): ଅହେତୁକ ଦରଦାମ୍ ବୃଦ୍ଧି ସହ ଅରାଜକତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ଅନେକ ସ୍ଥାନୀୟ ସମସ୍ୟାର ପ୍ରତିବାଦରେ ଆସନ୍ତା ୫ ତାରିଖରେ ରାଜରାସ୍ତାକୁ ଓହ୍ଲାଇବ ଜିଲ୍ଲା ବିଜେଡି। ଆଜି ସ୍ଥାନୀୟ ଇଗଲକ୍ଲବଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର୍ ସାହୁ ସୂଚନା ଦେଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟ ରେ ଦିନକୁ ଦିନ ବୃଦ୍ଧି ପାଉଛି ହିଂସା। ମହିଳା ଏବଂ ନାରୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ପେଟ୍ରୋଲ ଏବଂ ଡିଜେଲ ଅଭାବ ଦର୍ଶାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବସ୍ ଭଡ଼ା ବୃଦ୍ଧି ହୋଇଛି। ଏହାବ୍ୟତୀତ ରାଜ୍ୟରେ ଦୁଇ ବର୍ଷ କରି ଗଡା ଯାଇଥିବା ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ବିଜେଡି ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ରେ ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି। ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା ଆସନ୍ତା ୫ତାରିଖ ରେ ଆୟୋଜିତ ହେବ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ଉପ ସଭାପତି ଦେବୀ ରଞ୍ଜନ ମିଶ୍ର, ପ୍ରତାପ କୁମାର ଜେନା, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ଛାତ୍ର ସଭାପତି ଇସ୍ମିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଉପ-ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଯୁବନେତା ଅମିୟ କୁମାର ମହାନ୍ତିଙ୍କ ସମେତ ଅନ୍ୟ ବିଜେଡି ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଉକ୍ତଦିନ ସକାଳ ୮ଟାରେ ସ୍ଥାନୀୟ ଗୀତା ଭବନଠାରୁ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୋଭାଯାତ୍ରା ପହଁଚିବ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରେ ଖୋର୍ଦ୍ଧା ବ୍ୟତୀତ, ବେଗୁନିଆ ବୋଲଗଡ, ଜଟଣୀ, ଚିଲିକା, ଜୟଦେବ ନିର୍ବାଚନ ମଣ୍ଡଳୀ ର ବିଜେଡି ନେତୃବୃନ୍ଦ ସହ କର୍ମୀ ଯୋଗଦେବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

ଶ୍ରୀ ସାହୁ ଆହୁରୀ ମଧ୍ୟ କହିଥିଲେ ଯେ, ବିଜେପି ସରକାର ଅମଳରେ ରାଜ୍ୟ ରେ ଦରଦାମ୍ ବୃଦ୍ଧି ସହ ଅରାଜକତା, ହିଂସା ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ରେ ଗତ ଦୁଇ ବର୍ଷ ମଧ୍ୟ ରେ କୌଣସି ପ୍ରକାର ବିକାଶ ମୁଳକ କାର୍ଯ୍ୟ କରାଯାଇ ନାହିଁ। ପୂର୍ବ ବିଜେଡି ସରକାର ସମୟରେ ମଞ୍ଜୁର ହୋଇଥିବା ବେଳେ ବିଭିନ୍ନ ପ୍ରକଳ୍ପ ଚାଲିଥିବା କାର୍ଯ୍ୟ ରେ ବିଲ୍ ପାସ୍ ବେଳେ ପିସି କାରବାର ଚାଲୁଛି। ଖୋର୍ଦ୍ଧା ପୌର କାର୍ଯ୍ୟାଳୟରେ ବେଆଇନ କାର୍ଯ୍ୟ ଚାଲୁଛି। ତେବେ ଖୋର୍ଦ୍ଧା ଅଂଚଳରେ ଜୀବନ ଜୀବିକା ନିର୍ବାହ ପାଇଁ ମୁଖ୍ୟ ଭାବେ ପାହାଡ ଏବଂ କ୍ରଶର ଦିର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଛି। ସହର କୁ ସରସ ସୁନ୍ଦର୍ କରିବା ପାଇଁ କ୍ୟାବିନ ଉଚ୍ଛେଦ କରାଯାଇଛି। ଖୋର୍ଦ୍ଧାର ବିଭିନ୍ନ ଚିକିତ୍ସାଳୟରେ ଆୟୁଷ୍ମାନ କାର୍ଡ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବାରୁ ଅନେକ ଗରିବ ରୋଗୀ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି। ଏହିଭଳି ଅନେକ ସମସ୍ୟାକୁ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବ ବୋଲି ଶ୍ରୀ ସାହୁ କହିଥିଲେ।

● ଜଟଣୀ ପୁଲିସର ବେଆଇନ ଖଣି ଉପରେ ଚଢ଼ଉ

୩ଟି ହାଇୱା ସହିତ ଜେସିବି ଜବତ

ଜଟଣୀ, ୨।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଆଖ ପାଖରେ ବେଆଇନ ଖଣି ଖନନ ବର୍ଷ ବର୍ଷ ଧରି ଚାଲି ଆସୁଛି। ଲାଭବାନ ହେଉଛନ୍ତି ଖଣି ମାଫିଆ କିନ୍ତୁ ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର ଏବଂ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଲୋକ ତଥାପି କୋମାରେ ଜିଲ୍ଲା ଖଣି ବିଭାଗ।ବିଭିନ୍ନ ସମୟରେ ବେଆଇନ ଖଣିକୁ ସ୍ଥାନୀୟ ଲୋକ ବିରୋଧ କରୁଥିଲେ ସୁଦ୍ଧା ଖଣି ମାଫିଆ ବେଧଡକ ଲୁଟୁଛନ୍ତି ମୋରମ ଏବଂ ମାଙ୍କଡା ପଥର। ଗତକାଲି ମଧ୍ୟ ରାତ୍ରିରେ ଜଟଣୀ ପୁଲିସ ଏବଂ ଖଣି ବିଭାଗ ଜଟଣୀର କୁଦିଆରୀ ଓ ଷଣ୍ଢପୁର ଖଣିରେ ଚଢ଼ାଉ କରି ୩ ଟି ହାଇୱା ଏବଂ ଗୋଟିଏ ଜେସିବି ଜବତ କରିଛନ୍ତି। ଏପରି ଚଢ଼ାଉ ଆଗକୁ ବିଭିନ୍ନ ସମୟରେ ଜାରି ରହିବ ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ଜଟଣୀ ଅଞ୍ଚଳରେ ଦିନରାତି ଖଣି ଖନନ ଚାଲୁ ରହିଥିବା ବେଳେ ଜଟଣୀ ଥାନା ସମୁଖରେ ରାତ୍ର ସମୟରେ ବେଧଡକ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି।

ଆଲୋକୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଜଟଣୀ, ୨।୬ (ସମିସ): ଜଟଣୀ ସହରାଞ୍ଚଳରେ ଆଜି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅନୁଦାନ ଦ୍ୱାରା ଦୁଇଗୋଟି ରାସ୍ତାର ଆଲୋକୀକରଣ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଜଟଣୀ ଗେଟଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଏବଂ କୁଦିଆରୀ ଫ୍ଲାଏ ଓଭର ବ୍ରିଜଠାରୁ କୁଦିଆରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୧.୨ କିଲୋମିଟର ରାସ୍ତାର ଆଲୋକୀକରଣ କରାଯିବ । ଏ ନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ୧କୋଟି ୩୧ଲକ୍ଷ ଟଙ୍କା ବ୍ୟୟବରାଦ ଅଟକଳ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଭାଗର ଅଥରିଟି ବୈଠକ ରେ ଏହି ପ୍ରସ୍ତାବ ଆଗତ କରାଯାଇଥିଲା । ଯଥା ଶୀଘ୍ର କାର୍ଯ୍ୟରମ୍ଭ ହେବ ବୋଲି ଆଜି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

ମେଡିକାଲରେ ଗୃହରକ୍ଷୀଙ୍କୁ ମାଡ଼, ଦୁଇ ଗିରଫ

ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଖୋର୍ଦ୍ଧା,୨।୬(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ଦିନ କୁ ଦିନ ବିଗିଡ଼ିବାରେ ଲାଗିଛି। ପୁଲିସ ଆକ୍ରମଣରେ ବିଭିନ୍ନ ସ୍ଥାନରେ ମୃତ୍ୟୁ, ଆହତ ଘଟଣା ଖବରର ଶିରୋନାମା ପାଲଟି ଥିବାବେଳେ ଖୋର୍ଦ୍ଧାରେ ଯୁବକଙ୍କ ଆକ୍ରମଣରେ ଜଣେ ଗୃହରକ୍ଷୀ ଗୁରୁତର ଘଟଣା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏନେଇ ଗୃହରକ୍ଷୀ ଥାନାରେ ଅଭିଯୋଗ କରିବାରେ ଆଦର୍ଶ ଥାନା ପୁଲିସ ବିଏନ୍ଏସ୍ ୧୨୬, ୧୧୫, ୧୦୯, ୧୩୨, ୨୨୧, ୨୯୬, ୩୫୧ଧାରା ଦଫା ଅନୁଯାୟୀ ୩୩୧/୨୬ରେ ଏକ ମାମଲା ରୁଜୁ କରି ଯୁବକ ଦ୍ୱୟଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପୁରୀ ଜିଲ୍ଲା ବଲଙ୍ଗା ଥାନା ଜୋପନା ଅଞ୍ଚଳର ସମ୍ୟକ କୁମାର ତ୍ରିପାଠୀ (୨୯) ଏବଂ ଚନ୍ଦନପୁର ଥାନା ନୂଆବଳିଆର ଦୁର୍ଗା ପ୍ରସାଦ ସ୍ୱାଇଁ (୨୪)।

ପ୍ରକାଶ ଥାଉକି, ଗତକାଲି ସମ୍ୟକ ଓ ଦୁର୍ଗାପ୍ରସାଦ ଦୁଇ ଜଣ ବାଘମାରି ଥାନା ଅନ୍ତର୍ଗତ ସାରୁଅ ବଜାରରେ ଗଣ୍ଡଗୋଳ କରି କିଛି ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ବାଘମାରି ପୁଲିସ ଖବର ପାଇ ଯୁବକ ଦୁଇ ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ସମ୍ୟକ ଓ ଦୁର୍ଗାପ୍ରସାଦ ଡାକ୍ତରଖାନା କର୍ମଚାରୀଙ୍କ ସହ ଦୁର୍ବ୍ୟବହାର କରିବା ସହ କର୍ତ୍ତବ୍ୟରତ ଗୃହରକ୍ଷୀ ସ୍ମୃତିରଞ୍ଜନ ଦାଶଙ୍କୁ ଆକ୍ରମଣ କରିଥିଲେ। ଏପରିକି ସମ୍ୟକ ବାରମ୍ବାର ସ୍ମୃତିରଞ୍ଜନ ଉପରକୁ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ। ମେଡିକାଲ ସୁରକ୍ଷାକର୍ମୀ, ଷ୍ଟାଫ, ଜନ ସାଧାରଣ ଥିଲେ ମଧ୍ୟ ପୁଲିସ ଗୃହରକ୍ଷୀଙ୍କୁ କେହି ରକ୍ଷା କରି ପାରି ନ ଥିଲେ। ଖବର ପାଇ ଆଦର୍ଶ ଥାନା ପୁଲିସ ଟିମ୍ ସେଠାରେ ପହଁଚି ଦୁଇଜଣଙ୍କୁ କାବୁ କରିବା ସହ ଥାନାକୁ ନେଇଥିଲା। ଗୃହରକ୍ଷୀ ସ୍ମୃତିରଞ୍ଜନଙ୍କ ହାତ ରେ ଗୁରୁତର ଆଘାତ ଲାଗିବା ସହ ତାଙ୍କ ପୋଷାକ ମଧ୍ୟ ଚିରି ଯାଇଛି। ତାଙ୍କ ଅଭିଯୋଗ କ୍ରମେ ଆଦର୍ଶ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସର ରେ ପୁଲିସ କୁ ସର୍ବ ସାଧାରଣ ସମ୍ମୁଖରେ ଏଭଳି ଆକ୍ରମଣ ଘଟଣା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି।

ରେଳ ଅର୍ବାନ ବ୍ୟାଙ୍କ ଅଂଶୀଦାରମାନଙ୍କୁ ସାମୂହିକ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ, ୨।୬ (ସମିସ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ରେଳ ଅର୍ବାନ କୋପାରେଟିଭ ବ୍ୟାଙ୍କ ରେ ଆଜି ରିଟାୟାର୍ଡ ଅଂଶୀଦାର ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବ୍ୟାଙ୍କ ମ୍ୟାନେଜର ପି ଚକ୍ରବର୍ତ୍ତୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଜଗମୋହନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ନେଇଥିବା ୫୮ ଜଣ ଅଂଶୀଦାର ମାନଙ୍କୁ ଉତ୍ତରୀୟ, ପୁଷ୍ପତାରା ଓ ଉପହାର ଦେଇଥିଲେ। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ତଥା ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର , ଶାଖା ସମ୍ପାଦକ ତଥା ଅର୍ବାନବ୍ୟାଙ୍କ ଡେଲିଗେଟ ଏଲ ଡ଼ି ମହାନ୍ତି, ସୁନୀଲ ପରିଡା , ସୂର୍ଯ୍ୟନାରାୟଣ ଶତପଥୀ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟପକ୍ଷରେ ଗତ ୨୦୨୪ ଶ୍ରମିକ କଂଗ୍ରେସ ଓ ଗଠବନ୍ଧନ ପରିବର୍ତନ ପ୍ୟାନେଲ ଶହେ ବର୍ଷର ଲାଲପାର୍ଟି କୁ ଗାଦିଚ୍ୟୁତ କରି କ୍ଷମତାକୁ ଆସିବା ପରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି । ଲୋନ ଉପରେ ଏକ ଶତକଡା ସୁଧ ହ୍ରାସ, ଫିକ୍ସ ଡିପୋଜିଟ ଉପରେ ୬ ଶତକଡା ସୁଧରୁ ୮.୫ ଶତକଡା ବୃଦ୍ଧି , ଜମା ଉପରେ ଥିବା ୫ ଶତକଡା ସୁଧରୁ ୭.୫ ଶତକଡା କୁ ବୃଦ୍ଧି , ହଲିଡେ ହୋମ ସଂଖ୍ୟାରେ ବୃଦ୍ଧି ସହିତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ରହଣି ବ୍ୟବସ୍ଥା, ଅଯୋଧ୍ୟା ରେ ନୂତନ କରି ତୀର୍ଥଯାତ୍ରୀଙ୍କ ପାଇଁ ହଲିଡେ ହୋମ ସହିତ ଯଶୋଦା ହାଇଦ୍ରାବାଦ ଓ ଟାଟା ମେମୋରିଆଲ ବମ୍ବେ ରେ ରୋଗୀ ମାନଙ୍କ ସହିତ ଯାଉଥିବା ସହାୟକ ମାନଙ୍କୁ ଦୈନିକ ଶହେ ଟଙ୍କା ଦେଇ ରହିବା ବ୍ୟବସ୍ଥା, ପୂର୍ବ ଲାଲପାର୍ଟି ପରିଷଦର ଡାଇରେକ୍ଟର ମାନେ ବେଆଇନ ଭାବେ ସତରଜଣଙ୍କୁ ଦେଇଥିବା ନିଯୁକ୍ତିକୁ ରଦ୍ଦ କରାଯାଇଛି। ବ୍ୟାଙ୍କରେ ଖାଲିଥିବା ସମୁଦାୟ ଚାଳିଶଟି ପଦବୀ ନିମନ୍ତେ କେବଳ ସେୟାରହୋଲଡର ମାନଙ୍କ ପିଲାଙ୍କୁ ଯୋଗ୍ୟତା ଭିତିରେ ସ୍ୱଛତା ସହିତ ନିଯୁକ୍ତି ଦେବାପାଇଁ ଗୋଟିଏ ଦିନରେ କମ୍ପୁଟର ମାଧ୍ୟମରେ ପରୀକ୍ଷା, ସଙ୍ଗେ ସଙ୍ଗେ ଫଳାଫଳ ଓ ନିଯୁକ୍ତି ପତ୍ର ସମସ୍ତଙ୍କ ସମ୍ମୁଖରେ ବଣ୍ଟନ କରାଯିବା ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ବ୍ୟାଙ୍କ ଅଂଶୀଦାରମାନଙ୍କର ସେମାନେ ଏହାର ମାଲିକ, ତେଣୁ ବ୍ୟାଙ୍କର ପ୍ରତ୍ୟେକ କର୍ମଚାରୀ ଏହାକୁ ହୃଦୟଙ୍ଗମ କରିବା ଉଚିତ। ଆଗାମୀ ଦିନରେ ଲୋନ ସୀମା ବୃଦ୍ଧି , ଋଣ ଉପରେ ସୁଧ ହ୍ରାସ, ଗୃହ ଋଣ , ଶିକ୍ଷା ଋଣ ବ୍ୟବସ୍ଥା ଦ୍ୱାରା ଆମ ଅଂଶୀଦାର ଆଉ ବାହାର ବ୍ୟାଙ୍କକୁ ଯିବାକୁ ପଡ଼ିବନି ବୋଲି ମୁଖ୍ୟଅତିଥି ନିର୍ଦ୍ଦେଶକ ଶ୍ରୀ ଖୁଣ୍ଟିଆ କହିଥିଲେ। ଅବସର ନେଇଥିବା ଅଂଶୀଦାର ମାନଙ୍କପାଇଁ ଫିକ୍ସ ଡିପୋଜିଟ ଓ ହଲିଡେ ହୋମରେ ରହଣି ବ୍ୟବସ୍ଥା କରିବାକୁ ଶାଖା ସମ୍ପାଦକ ଶ୍ରୀ ମହାନ୍ତି ଦାବି ରଖିଥିଲେ ଯାହାକୁ ଆଗାମୀ ନିର୍ଦ୍ଦେଶକ ମିଟିଙ୍ଗରେ ଆଲୋଚନା କରାଯାଇ ଗୃହୀତ କରାଯିବ ବୋଲି ଉଭୟ ନିର୍ଦ୍ଦେଶକ ପ୍ରତିଶୃତି ଦେଇଥିଲେ। ଅବସର ନେଇଥିବା ସେୟାରହୋଲଡରଙ୍କ ମଧ୍ୟରୁ ଶ୍ରମିକ ୟୁନିଅନ ର ପୂର୍ବତନ ମଣ୍ଡଳ ସଂଯୋଜକ ରଞ୍ଜିତ ଦାସ ପରିବର୍ତନ ପ୍ୟାନେଲ ର ପ୍ରତ୍ୟେକଟି ପଦକ୍ଷେପ ଯୁଗାନ୍ତକାରୀ ଓ ଦୁରଦୃଷ୍ଟି ସମ୍ପର୍ଣ୍ଣ , ନିଷ୍ପାପର ଉଦ୍ୟମ ପାଇଁ ବୋର୍ଡ ଅଫ ଡାଇରେକ୍ଟର ମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ସଭାକୁ ବ୍ୟାଙ୍କ କଲ୍ୟାଣ ଅଧିକାରୀ ଜିତେନ୍ଦ୍ର ପାଣ୍ଡେ ପରିଚାଳନା କରିଥିବା ବେଳେ ଆକାଉଣ୍ଟ ମ୍ୟାନେଜର ସନ୍ତୋଷ କୁମାର ଓ ବ୍ୟାଙ୍କ କର୍ମଚାରୀ ମାନେ ଆୟୋଜନ କରିଥିଲେ।

ପତନିବରରେ ମୁକ୍ତମଞ୍ଚ ନାଟକ

ବେଗୁନିଆ,୨।୬ (ସମିସ): ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମର ମା’ ବାଉତୀ ଯୁବ ନାଟ୍ୟ ସଂସଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସରପଞ୍ଚ ରଞ୍ଜିତା ମହାଭୋଇ ଓ ସମାଜସେବୀ ଦିଲ୍ଲୀପ ମହାଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଟକ ମନୋରଞ୍ଜନର ଖୋରାକ ଯୋଗାଇବା ସହ ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ଶିକ୍ଷା ଦେଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ପରେ ଅତିଥି କଳାକାର ଓ ଗ୍ରାମ୍ୟ କଳାକାର ମାନେ “ତୁ ବୋଧେ ଭାଗ୍ୟରେ ମୋ ନାହୁଁ” ନାଟକ ପରିବେଷଣ କରିଥିଲେ।

● ବାଲିପାଟପୁର ପଞ୍ଚାୟତ

ସ୍ୱଚ୍ଛ ଭାରତ ଅଭିଯାନକୁ ଉପେକ୍ଷାର ନଗ୍ନଚିତ୍ର

ଟାଙ୍ଗୀ,୨।୬(ସମିସ): ସ୍ୱଚ୍ଛ ଭାରତ ଅଭିଯାନ ସେ କେନ୍ଦ୍ର ହେଉ ଅବା ରାଜ୍ୟ ସରକାର ସଫଳ କରିବାକୁ ଅଗ୍ରାଧିକାର ଭିତିରେ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ହେଲେ ଏହାର ଘୋର ବ୍ୟତିକ୍ରମ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ବାଲିପାଟପୁର ପଞ୍ଚାୟତ ରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ର ନିର୍ବାଚିତ ଲୋକ ପ୍ରତିନିଧି ଜନସାଧାରଣଙ୍କୁ ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କରେ ସଚେତନ କରିବା ଦୂରେ ଥାଉ ବାଲିପାଟପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଓ ଏହାର ବାମ ପାଶ୍ୱରେ ଗଦା ଗଦା ଅଳିଆ ଆବର୍ଜନା ବର୍ଷ ବର୍ଷ ଧରି ଜମା ହୋଇ ରହିଥିବାରୁ ଦୁର୍ଗନ୍ଧ ରେ ସେ ଅଞ୍ଚଳ ଫାଟିପଡୁଛି। ବାଲିପାଟପୁର ଜେଟି ର କଂକ୍ରିଟ ରାସ୍ତା ବର୍ଷ ବର୍ଷ ଧରି ସ୍ଥାନୀୟ ଜନସାଧାରଣ ପାଇଖାନା ରୂପେ ବ୍ୟବହାର କରୁଥିବା ଘଟଣା କେହି କେବେ ସ୍ୱପ୍ନରେ ବି ଚିନ୍ତା କରିନଥିବେ। ବାଲିପାଟପୁର ଚିଲିକା କୂଳ ଠାରୁ ବାଲିପାଟପୁର ଜେଟି ପର୍ଯ୍ୟନ୍ତ ପ୍ରାୟ ୩ ଶହ ମିଟର କଂକ୍ରିଟ ରାସ୍ତା କୁ ଏ ଅଞ୍ଚଳର ଜନସାଧାରଣ ପାଇଖାନା ଭାବେ ବ୍ୟବହାର କରନ୍ତି । ଫଳରେ ଏହି ରାସ୍ତା ଦେଇ ଯାତାୟତ ଯମ ଯନ୍ତ୍ରଣା ଠାରୁ କୌଣସି ଗୁଣରେ କମ ନୁହେଁ। ଏମିତିକି ବିନା ରୁମାଲ ରେ ଏ ରାସ୍ତାରେ ଯିବା ଅସମ୍ଭବ। ସେହିପରି ଅପରିଷ୍କାର ପୋଖରୀ ପାଣି ବ୍ୟବହାର କରିବା ଗାଧେଇବା,ପୋଷାକ ପତ୍ର ଧୋଇବା ଏହି ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ୱାର୍ଡ ଜନସାଧାରଣଙ୍କ ନିତିଦିନିଆ ଘଟଣା। ଏହି ପଞ୍ଚାୟତ ର ବିଭିନ୍ନ ଗଳିକନ୍ଦି, ରାସ୍ତାଘାଟରେ ଅଳିଆ ଆବର୍ଜନା କଥା ନକହିବା ଭଲ। ଖୋର୍ଦ୍ଧା ଜିଲ୍ଲାପାଳ ଯଦି ଥରେ ଏହି ପଞ୍ଚାୟତ ର ପରିବେଶ ସଂପର୍କରେ ଅବଗତ ହେବା ନିମନ୍ତେ ପରିଭ୍ରମଣ ଆସିପାରନ୍ତେ ତେବେ ନିଶ୍ଚିତ ଏହି ପଞ୍ଚାୟତ ରେ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ କିପରି ଚାଲିଛି ଅନୁଭବ କରି ପାରନ୍ତେ ବୋଲି ବୁଦ୍ଧିଜିବୀ ମତବ୍ୟକ୍ତ କରନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କରେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ପଞ୍ଚାୟତ ରେ କାର୍ଯ୍ୟକାରୀ ହେଉନଥିବା ଦୂର୍ଭାଗ୍ୟଜନକ। ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କରେ ସଚେତନତା କଡାକଡି ନହେଲେ ଦିନ ଆସିବ ଅଜଣା ବ୍ୟାଧି ଏ ଅଞ୍ଚଳ ମହାମାରି ର ରୂପ ଯେ ନହେବ ତାହା ସମୟ କହିବ।

ସ୍ଥାୟୀ ଟ୍ରଷ୍ଟବୋର୍ଡ ଅପେକ୍ଷାରେ ଶ୍ରୀରାମେଶ୍ୱର ଦେବଙ୍କ ପୀଠ

କେବେ ପ୍ରଶମିତ ହେବ ବହୁବିଧ ସମସ୍ୟା ?

ବାଲୁଗାଁ,୨।୬(ସମିସ): ଠାକୁରଙ୍କ ସଂପତି ଆତ୍ମସାତ କରିବାକୁ ଆଜିକା ସମାଜରେ ମନୁଷ୍ୟ ପଛ ଘୁଂଚା ଦେଉ ନାହାଁନ୍ତି। ଠାକୁରଙ୍କ ସ୍ଥାବର ଓ ଅସ୍ଥାବର ସଂପତି ତୋଷାରପାତ କରିବା ସହିତ ବିଭିନ୍ନ କ୍ଷେତ୍ରରୁ ମିଳୁଥିବା ଠାକୁରଙ୍କ ଆୟକୁ ମଧ୍ୟ ହଡ଼ପ କରିବାକୁ ପଛାଉ ନାହାନ୍ତି ନ୍ୟସ୍ତସ୍ୱାର୍ଥ ଲୋକେ। କ୍ଷମତା ଲୋଭରେ ଅନ୍ଧ ହୋଇ ମନ୍ଦିରରେ ରାଜନୀତି ପୂରାଇ କିଛି ବର୍ଷ ହେବ ଅରାଜକତା ସୃଷ୍ଟି କରି ଚାଲିଛନ୍ତି। ଏପରିକି ମନ୍ଦିର ଟ୍ରଷ୍ଟି ପଦ ଦଖଲ ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ମାମଲା ଦାୟର ହୋଇଛି ବାଲୁଗାଁ ଥାନା ଅଧିନ ଗବପଦର ବିଜେ ଶ୍ରୀ ରାମେଶ୍ୱର ଦେବ, ଇଂଜନପୁର ପୀଠରେ। ବାଲୁଗାଁ ଥାନା ଅଧୀନ ଚାରି ଗୋଟି ମନ୍ଦିର ତଥା ସମଗ୍ର ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠ, ଗବପଦର ବିଜେ ଶ୍ରୀ ରାମେଶ୍ୱର ଦେବ ଇଂଜନପୁର, କୋତରୀ ବିଜେ ଶ୍ରୀ ଧବଳେଶ୍ୱର ଦେବ, ଧୂଆଁଳ ଓ ବାଣପୁର ଥାନା ଅଧିନ ଶ୍ରୀ ଗୁପେତେଶ୍ୱର ଦେବ ବିଜେ, ଗାଲୁଆ ମନ୍ଦିର ପ୍ରମୁଖ ତିନି ଶୈବପୀଠରେ ବର୍ଷ ବର୍ଷ ଧରି ଟ୍ରଷ୍ଟିକୁ ନେଇ ଗ୍ରାମ ବିବାଦ ସହ ସଂଘର୍ଷ ଲାଗି ଅଶାନ୍ତର ବାତାବରଣ ଦେଖାଦେଇ ବିବାଦ ଲାଗି ରହିଛି। ହେଲେ ସରକାର କିମ୍ବା ପ୍ରଶାସନ ଏହାର ସମାଧାନ ପ୍ରତି କୌଣସି ଆନ୍ତରିକତା ଦେଖାଉ ନଥିବା ଜଣାଯାଇଛି। ବର୍ତ୍ତମାନ ଚିଲିକା ବିଧାୟକ ଖୋଦ ରାଜ୍ୟର ଆଇନ ମନ୍ତ୍ରୀ ଥିବା ବେଳେ ତାଙ୍କ ନିର୍ବାଚନ ମଣ୍ଡଳିର ପ୍ରମୁଖ ଶୈବ ପୀଠ ମାନଙ୍କରେ ଏଯାବତ ଟ୍ରଷ୍ଟ ଗଠନ ହୋଇ ପାରିଲା ନାହିଁ। ଫଳରେ ମନ୍ଦିର ଗୁଡିକରେ ବହୁବିଧ ସମସ୍ୟା ଲାଗି ରହିଛି।

କାଣ୍ଟମାହାଲ ୩୬ ମୌଜା ତଥା ବଡକୂଳ ଓ ନିମେକ୍ଷେତା ଫଟାୟତର ଆରାଧ୍ୟ ଠାକୁର ଓ ଅଞ୍ଚଳର ସର୍ବ ପୂରାତନ ଶୈବ ପୀଠ ଶ୍ରୀ ଶ୍ରୀ ରାମେଶ୍ୱର ଦେବ ବିଜେ ଗବପଦରଙ୍କ ମନ୍ଦିରରେ ବିଗତ ବର୍ଷରେ ଦୀର୍ଘ ୫୦ ବର୍ଷ ଧରି ପାରିବାରିକ ଟ୍ରଷ୍ଟି ରହିଆସି ମନ୍ଦିର ଦାୟିତ୍ୱରେ ଥିବା ସ୍ଥଳେ ମନ୍ଦିରର କୌଣସି ଉନ୍ନତି ନହେବାରେ ଟ୍ରଷ୍ଟି ପରିବର୍ତ୍ତନ ଲାଗି ସଂପୃକ୍ତ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ ପରେ ଠାକୁର ଭୋଗ ଖିଆକୁ କେନ୍ଦ୍ର କରି ସଂଘର୍ଷ ହେବାରେ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏଣ୍ଡାମେଣ୍ଟ ଅଧିକାରୀ ବାଣପୁର ୨୦୧୮ ମସିହାରେ ଟ୍ରଷ୍ଟି ପରିବର୍ତ୍ତନ କରିଥିଲେ। ସେବେଠାରୁ ଟ୍ରଷ୍ଟି ଭାବେ ଭ୍ରମରବର ପାଇକରାୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ବେଳେ ସେ ଦାୟିତ୍ୱ ଭାର ତୁଲାଇ ଆସୁଥିଲେ। ହେଲେ ସେହି ସମୟରେ ପୁରୁଣା ଟ୍ରଷ୍ଟି ଦାୟିତ୍ୱ ନେବା ନିମନ୍ତେ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରିଥିବା ବେଳେ ଉକ୍ତ ପୀଠରେ ବିବାଦ ଯୋଗୁଁ ବିଶୃଙ୍ଖଳା ଲାଗି ରହିଛି। ଫଳରେ ମନ୍ଦିରର ଉନ୍ନତି କରଣ ସମ୍ପୂର୍ଣ୍ଣ ଠପ ହୋଇ ଯାଇଥିବା ବେଳେ ମନ୍ଦିରରେ ଠାକୁରଙ୍କ ରିତିନୀତି, ଜାନିଯାତ୍ରା ଆଦିରେ ସମସ୍ୟା ଦେଖାଦେବା ସହ ଅଶାନ୍ତି ସୃଷ୍ଟି ହେଉଛି। ଏପରିସ୍ଥଳେ ମନ୍ଦିର ଟ୍ରଷ୍ଟିକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବା ବେଳେ ପୀଠରେ ବାରମ୍ବାର ଅଶାନ୍ତିର ବାତାବରଣ ଦେଖାଦେବାରେ ୨୦୨୪ ମସିହାରେ ଦେବୋତ୍ତର କମିସନ ମନ୍ଦିରର ଟ୍ରଷ୍ଟ ଦାୟୀତ୍ୱ ପରିବର୍ତ୍ତନ କରି ପ୍ରଶାସନ ହାତକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉକ୍ତ ଦିନ ଠାରୁ ଏବେ ଦୁଇ ବର୍ଷ ହେବ ଚିଲିକା ତହସିଲଦାରଙ୍କୁ ମନ୍ଦିର ଟ୍ରଷ୍ଟ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରାୟ ତିନି ମାସ ହେବ ଚିଲିକା ଅତିରିକ୍ତ ତହସିଲଦାରଙ୍କୁ ମନ୍ଦିର ଟ୍ରଷ୍ଟ ଦାୟିତ୍ୱ ଦିଆଯାଇଛି। ତେବେ ବର୍ତ୍ତମାନ ଜେନତେନ ପ୍ରକାରେ ମନ୍ଦିର କାର୍ଯ୍ୟ ଚାଲିଥିବା ସ୍ଥଳେ ମନ୍ଦିରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ହେଲେ ଦେବୋତ୍ତର ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁଁ ଏଯାବତ ଶ୍ରୀ ରାମେଶ୍ୱର ଦେଙ୍କ ପୀଠରେ ସ୍ଥାୟୀ ଟ୍ରଷ୍ଟି ଗଠନ କରାଯାଇ ପାରି ନାହିଁ। ରାଜନୈତିକ ଚାପରେ ଦେବୋତ୍ତର କମିଶନର ଟ୍ରଷ୍ଟି ପରେ ଟ୍ରଷ୍ଟି ପରିବର୍ତ୍ତନ କରି ଚାଲିଛନ୍ତି। ଫଳରେ ଚିଲିକା ନିର୍ବାଚନ ମଣ୍ଡଳୀର ପ୍ରମୁଖ ଚାରି ଗୋଟି ଶୈବପୀଠରେ ଏଯାବତ ସ୍ଥାୟୀ ଟ୍ରଷ୍ଟି ଗଠନ କରାଯାଇ ପାରି ନାହିଁ। ମନ୍ଦିର ପରିଚାଳନା ନିମନ୍ତେ ଜ୍ଞାନ ନଥିବା ବ୍ୟକ୍ତି ବିଶେଷଙ୍କୁ ମନ୍ଦିର ପରିଚାଳନା ଦାୟୀତ୍ୱ ଦିଆଯାଉଥିବା ସହ ରାଜନୈତିକ ବ୍ୟକ୍ତିମାନେ ମନ ମୁତାବକ ଟ୍ରଷ୍ଟ ବୋର୍ଡ ଗଠନ କରାଇ ମନ୍ଦିର ଭଳି ଧାର୍ମିକ ଅନୁଷ୍ଠାନରେ ଅରାଜକତା ସୃଷ୍ଟି କରିଚାଲିଛନ୍ତି। ଫଳ ସ୍ୱରୂପ ଉକ୍ତ ମନ୍ଦିର ଗୁଡିକର ଉନ୍ନତି କରଣ ହୋଇପାରୁ ନଥିବା ବେଳେ ଠାକୁରଙ୍କ ରୀତିନୀତି, ଜାନିଯାତ୍ରାରେ ସମସ୍ୟା ଲାଗି ରହି ଅଶାନ୍ତ ସୃଷ୍ଟି ହେଉଛି। ଏସବୁ ଦେବୋତ୍ତର ବିଭାଗ ଜାଣି ଅଜଣା ଭଳି ନୀରବ ରହୁଛି। ଦେବୋତ୍ତର ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁଁ ଏହି ମନ୍ଦିର ମାନଙ୍କରେ ସମାସ୍ୟା ମାନ ଲାଗି ରହିଛି। ଡବଲ ଇଂଜିନ ବିଜେପି ସରକାର କ୍ଷମତାକୁ ଆସିବାର ଦୁଇ ବର୍ଷ ବିତିଲା, ଚିଲିକାରେ ବିଜେପି ଦଳର ବିଧାୟକ ପୃଥ୍ୱିରାଜ ହରିଚନ୍ଦନ ନିର୍ବାଚିତ ହୋଇ ଆଇନ ମନ୍ତ୍ରୀ ଅଛନ୍ତି। ହେଲେ ଉକ୍ତ ମନ୍ଦିର ମାନଙ୍କରେ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ ନକରି ମନ୍ଦିର ପରିଚାଳନା ଓ ଜାନିଯାତ୍ରା ସଂପର୍କରେ ଜ୍ଞାନ ନଥିବା ଦଳୀୟ କର୍ମୀ ମାନଙ୍କୁ ଦାୟିତ୍ୱ ଦେବାରେ ଅରାଜକତା ଦେଖା ଦେଇ ମନ୍ତ୍ରୀ ସମାଲୋଚିତ ହେଉଥିବା ସ୍ଥଳେ ଏଯାବତ ଉକ୍ତ ମନ୍ଦିର ଗୁଡିକର ସମସ୍ୟାର କୌଣସି ସମାଧାନ ହୋଇ ପାରିଲା ନାହିଁ। ଫଳରେ ଜନସାଧାରଣରେ ଅଶାନ୍ତି ବୃଦ୍ଧି ପାଉଛି। ଏହି ସଂପର୍କରେ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରାଙ୍କୁ ପଚାରିବାରେ ଆସ୍ତେ ଆସ୍ତେ କିଛି ମାତ୍ରାରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି। ଆଗକୁ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ଡ଼ାକି ବୈଠକ କରି ଟ୍ରଷ୍ଟବୋର୍ଡ ଗଠନ କରାଯାଇ ସମସ୍ତ ସମସ୍ୟା ଦୂରିଭୁତ କରାଯିବ ବୋଲି କହିଥିଲେ। ହେଲେ କେବେ ଏହାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା। ଏହାକୁ ଗୁରୁତ୍ୱର ସହ ନେଇ ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ଦେବୋତ୍ତର କମିଶନର ଦୃଷ୍ଟି ଦେଇ ହସ୍ତକ୍ଷେପ କରି ସମସ୍ତ ବହୁବିଧ ସମସ୍ୟାର ସମାଧାନ ଲାଗି ଯଥାଶୀଘ୍ର ମନ୍ଦିରର ସବୁ କିଛି ଜାଣିଥିବା ଅଞ୍ଚଳର ଉପଯୁକ୍ତ ବ୍ୟକ୍ତିଙ୍କୁ ଟ୍ରଷ୍ଟି ଦାୟିତ୍ୱ ଦେବା ସହ ସଠିକ ପରିଚାଳନା କମିଟି ଗଠନ କରି ଦାୟୀତ୍ୱ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

ଆଜିର ରାଶିଫଳ

ମେଷ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଶୁଭ ଖବର ମିଳିପାରେ। ଘରକୁ ଅତିଥି ଆସିପାରନ୍ତି। ରାଜନୀତିରେ ସଫଳ ହେବେ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

ବୃଷ: ପରିବାର ଲୋକଙ୍କ ସହ ହସ ଖୁସିର ସମୟ ବିତାଇବେ। ପୁରୁଣା ନିବେଶରୁ ଲାଭ ମିଳିପାରେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ପ୍ରେମ ଜୀବନ ସୁଖମୟ ହେବ।

ମିଥୁନ: ଆଜି ଦିନଟି ବ୍ୟସ୍ତତା ଭିତରେ କଟିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବନ୍ଧୁଙ୍କ ସହ ସାକ୍ଷାତ ହେବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଯାଇପାରେ।

କର୍କଟ: ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ବାଦବିବାଦରୁ ଦୂରେଇ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ।

ସିଂହ: କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

କନ୍ୟା: ଯୋଜନା ମୁତାବକ କାମ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

ତୁଳା: ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ଦୂରେଇ ରହିବେ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ।

ବିଛା: ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଦୀର୍ଘ ଦିନର ଇଚ୍ଛା ପୂରଣ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

ଧନୁ: ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ମନ ପ୍ରସନ୍ନ ରହିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ମକର: ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଇଟି ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ।

କୁମ୍ଭ: ଦୀର୍ଘ ଦିନର ଆଶା ପୂରଣ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ।

ମୀନ: ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

ଆଜିର ଇତିହାସ

- ୧୯୧୫- ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ।
- ୧୯୪୭-ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ।
- ୧୯୫୯-ସିଙ୍ଗାପୁରକୁ ସେଲଫ୍ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା।
- ୧୯୯୪-ଭାରତ ସହାୟତା କ୍ଲବ୍‌ର ନାମ ପରିବର୍ତ୍ତନ କରାଯାଇ 'ଭାରତ ସହାୟତା ମଞ୍ଚ' ରଖାଗଲା।

ବିଶ୍ୱ ସାଇକଲ ଦିବସ

ପ୍ରତିବର୍ଷ ଜୁନ୍ ୩ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ସାଇକଲ ଦିବସ' ଭାବେ ପାଳନ କରାଯାଏ। ସାଇକଲର ଗୁରୁତ୍ୱ, ସ୍ୱାସ୍ଥ୍ୟଗତ ଉପକାରିତା ଏବଂ ପ୍ରଦୂଷଣ ମୁକ୍ତ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ ରେ 'ବିଶ୍ୱ ସାଇକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା। ୧୯୬୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା। ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି। ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ ଯେଉଁଠି ଆଜିବି ସାଇକଲ୍ ଅଧିକ ଭାବେ ବ୍ୟବହାର କରାଯାଇଥାଏ। ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ୍ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି। ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକେଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି। ନିୟମିତ ସାଇକଲ ଚଳାଇବା ଦ୍ୱାରା ହୃଦ୍‌ଘାତ ଜନିତ ସମସ୍ୟା କମେ, ମାଂସପେଶୀ ମଜବୁତ ହୁଏ ଏବଂ ଓଜନ ନିୟନ୍ତ୍ରଣରେ ରହେ। ଏଥିରୁ କୌଣସି ପ୍ରକାରର ଧୂଆଁ ବାହାରେ ନାହିଁ, ଯାହାଦ୍ୱାରା ବାୟୁ ପ୍ରଦୂଷଣ ହୁଏନାହିଁ। ସାଇକଲ ଚଳାଇବା ପାଇଁ ପେଟ୍ରୋଲ କିମ୍ବା ଡିଜେଲର ଆବଶ୍ୟକତା ପଡ଼େ ନାହିଁ, ଫଳରେ ଯାତ୍ରା ଖର୍ଚ୍ଚ ବଞ୍ଚିଥାଏ। ଟ୍ରାଫିକ ଜାମ୍ ସମୟରେ ସାଇକଲ ସାହାଯ୍ୟରେ ସହଜରେ ଏବଂ ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହୁଏ। ଏହି ଦିନ ସଚେତନତା ସୃଷ୍ଟି ପାଇଁ ସହର ଓ ଗାଁମାନଙ୍କରେ ସାଇକଲ ର୍‍ୟାଲି କରାଯାଏ। ସ୍କୁଲ ଏବଂ କଲେଜରେ ସାଇକଲ ଚଳାଇବା ପ୍ରତିଯୋଗିତା ଆୟୋଜନ ହୁଏ। ଏହିଦିନ ସ୍ୱଳ୍ପ ଦୂରତା ପାଇଁ ବାଇକ୍ ବଦଳରେ ସାଇକଲ ବ୍ୟବହାର କରିବାକୁ ଲୋକେ ଶପଥ ନିଅନ୍ତି। ସେହିଭଳି ଏହି ଦିନ ପୋଷ୍ଟର ପ୍ରତିଯୋଗିତା, ବିତର୍କ, ନିବନ୍ଧ ଲିଖନ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଏ।

ସପିଂବେଳେ ବ୍ୟାଗ୍ ବୋହିବା ସାଥୀ

ଘଣ୍ଟାକୁ ନିଅନ୍ତି ୧୪୯ ଟଙ୍କା

ଆଜିକାଲି ଲୋକଙ୍କ କାମକୁ ସହଜ ତଥା ସରଳ କରିବା ଲାଗି ବିଭିନ୍ନ ପ୍ରକାର ସେବା ଉପଲବ୍ଧ ହେଉଛି। ଅନେକ କମ୍ପାନି ଘର ଝାଡ଼ୁ କରିବାଠାରୁ ଆରମ୍ଭ କରି ରୋଗୀଙ୍କର ଯତ୍ନ ନେବା ଲାଗି ସେବା ଯୋଗାଇ ଦେଉଛନ୍ତି। ଏହି କ୍ରମରେ ଏବେ ଦିଲ୍ଲୀର ପ୍ରସିଦ୍ଧ ଲାଜପତ ନଗର, ସରୋଜିନୀ ନଗର, ଚାନ୍ଦିନୀଚୌକ ଭଳି ମାର୍କେଟରେ ଆରମ୍ଭ ହୋଇଥିବା ଏକ ନୂଆ ସେବା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଏଠାରେ ଏବେ ସପିଂ ସମୟରେ ଭାରି ତଥା ଓଜନିଆ ବ୍ୟାଗ୍ ଉଠାଇବା ତଥା ଫୁଡ୍ ଷ୍ଟଲରେ ଲୋକଙ୍କୁ ଲମ୍ବା ଲାଇନ୍‌ରେ ଛିଡ଼ା ହେବାର ଆବଶ୍ୟକତା ନାହିଁ। ଏଥିପାଇଁ ଘଣ୍ଟାକୁ ୧୪୯ ଟଙ୍କା ଦେଇ ଜଣେ ନିଜ ପାଇଁ ସହାୟକ ନିଯୁକ୍ତ କରିପାରିବେ। ଦିଲ୍ଲୀସ୍ଥିତ ଷ୍ଟାର୍ଟଅପ୍ କ୍ୟାରିମେନ୍ ଏହି ସେବା ଲୋକଙ୍କୁ ଯୋଗାଇ ଦେଉଛି। ଏହାର ଟ୍ୟାଗ୍‌ଲାଇନ୍ 'ୟୁ ସପ୍, ୱି କ୍ୟାରି ରହିଛି'। ଏହାର ଅର୍ଥ ଆପଣ ସପିଂ କରନ୍ତୁ, ଆମେ ଜିନିଷ ବୋହିବୁ। ଏଭଳି ସହାୟକମାନେ କେବଳ ସପିଂବ୍ୟାଗ୍ ବୋହିବେ ନାହିଁ ବରଂ ଭିଡ଼ ଜାଗାରେ ବାଟ କଢ଼େଇ ନେବା ସହ ପାର୍କିଂ ଏରିଆ କିମ୍ବା ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ସାଥୀରେ ଯିବେ। ଏହାସହ ଅତିରିକ୍ତ ଚାର୍ଜ ଦେଇ ଜଣେ ଏମାନଙ୍କଠାରୁ ମୋବାଇଲ୍ ଚାର୍ଜିଂ, ଛତା, ବେବି ପ୍ରାମ୍ ଏବଂ ବସିବା ପାଇଁ ଫୋଲ୍ଡିଂ ସିଟ୍ ଭଳି ସେବା ମଧ୍ୟ ପାଇପାରିବେ। ଏହି ସେବା ପାଇଁ ବିଭିନ୍ନ ପ୍ରକାରର ପ୍ୟାକେଜ୍ ରହିଛି। ୩୦ ମିନିଟ୍ ପାଇଁ ୭୯ ଟଙ୍କା, ୪ ଘଣ୍ଟା ପାଇଁ ୫୯୯ ଟଙ୍କାର ପ୍ୟାକେଜ୍ ରହିଛି। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଏକ ପୋଷ୍ଟ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହି ପୋଷ୍ଟରେ ଜଣେ ମହିଳା ଲାଜପତ ନଗରର ଜନଗହଳି ମଧ୍ୟରେ ସପିଂ କରୁଥିବାର ଦେଖାଯାଇଛି ଏବଂ ତାଙ୍କର ଠିକ୍ ପଛକୁ କ୍ୟାରିମ୍ୟାନ୍ ଲେଖାଥିବା ନାଲି ଟି-ସାର୍ଟ ପିନ୍ଧିଥିବା ଜଣେ ଯୁବକ ତାଙ୍କର ସମସ୍ତ ବ୍ୟାଗ୍ ଧରି ଯାଉଥିବା ଦେଖିବାକୁ ମିଳିଛି। ତେବେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

ଜୁଲାଇ ୩ରେ 'ଆଲ୍‌ଫା'

ଆଲିଆ ଭଟ୍ଟ ଏବଂ ଶର୍ଭରୀ ୱାଘଙ୍କ ଅଭିନୀତ ଯଶରାଜ ଫିଲ୍ମସ୍‌ର 'ଆଲ୍‌ଫା' କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଏହି ଫିଲ୍ମର ରିଲିଜ୍ ତାରିଖ ଅନେକ ଥର ବଦଳା ଯାଇ ସାରିଛି। ଏବେ ପୁଣି ଥରେ ଏହାର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଛି। ଏହି ଆକ୍ସନ୍ ଥ୍ରୀଲର ଫିଲ୍ମ ଏବେ ପୂର୍ବନିର୍ଦ୍ଧାରିତ ସମୟ ପୂର୍ବରୁ ଖୁବ୍‌ଶୀଘ୍ର ସିନେମା ହଲ୍‌କୁ ଆସିବ। ପୂର୍ବରୁ ଏହା ଆସନ୍ତା ଜୁଲାଇ ୧୦ରେ ଆସିବ ବୋଲି କୁହାଯାଇଥିଲା। ହେଲେ ଏବେ ଏକ ନୂଆ ରିପୋର୍ଟ ଅନୁଯାୟୀ, 'ଆଲ୍‌ଫା' ଆସନ୍ତା ଜୁଲାଇ ୩ରେ ରିଲିଜ୍ ହେବ। 'ଆଲ୍‌ଫା'କୁ ପୂର୍ବ ଧାର୍ଯ୍ୟ ତାରିଖର ସପ୍ତାହେ ପୂର୍ବରୁ ରିଲିଜ୍ କରିବାର ନିଷ୍ପତ୍ତି 'ଧମାଲ୍ ୪' ପାଇଁ କରାଯାଇଥିବା କୁହାଯାଉଛି। 'ଧମାଲ୍ ୪' ଏବେ ୩ ଜୁଲାଇ ବଦଳରେ ୧୭ ଜୁଲାଇରେ ରିଲିଜ୍ ହେବ। ଅପରପକ୍ଷରେ ୩ ଜୁଲାଇରେ କୌଣସି ବଡ଼ ଫିଲ୍ମ ରିଲିଜ୍ ହେଉ ନ ଥିବାରୁ, 'ଆଲ୍‌ଫା'କୁ ସିନେମାହଲ୍‌କୁ ଆଣିବା ପାଇଁ ଏହା ହିଁ ସଠିକ୍ ସମୟ ହେବ ବୋଲି ପ୍ରଯୋଜକ ଆଦିତ୍ୟ ଚୋପ୍ରା ଭାବିଛନ୍ତି। ଅବଶ୍ୟ ଏଯାଏଁ ଯଶ୍ ରାଜ୍ ଫିଲ୍ମସ ପକ୍ଷରୁ ଏହି ନୂଆ ରିଲିଜ୍ ତାରିଖକୁ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ। ଅନ୍ୟପଟେ ଟ୍ରେଡ୍ ଏକ୍ସପର୍ଟମାନଙ୍କର ମତ ଯେ, 'ରିଲିଜ୍ ତାରିଖରେ ପରିବର୍ତ୍ତନ 'ଆଲ୍‌ଫା' ପାଇଁ ଟର୍ଣ୍ଣିଂ ପଏଣ୍ଟ ହେବ। କାରଣ ଜୁଲାଇ ୧୭ରେ ଖ୍ରୀଷ୍ଟୋଫର୍ ନୋଲାନଙ୍କ 'ଦ ଓଡିସି' ଏବଂ 'ଧମାଲ୍ ୪' ରିଲିଜ୍ ହେବ। 'ଆଲ୍‌ଫା'କୁ ବିଜିନେସ୍ କରିବା ପାଇଁ ବକ୍ସ ଅଫିସ୍‌ରେ ଦୁଇ ସପ୍ତାହ ସମୟ ମିଳିଯିବ।'

ସମ୍ଭାବନା

କ୍ୟାରିୟର ପାଇଁ ଏଆଇ



ଏବେ ବିଭିନ୍ନ କ୍ଷେତ୍ରରେ ଏଆଇର ବହୁଳ ବ୍ୟବହାର କରାଯାଉଛି। ଏଭଳି କ୍ଷେତ୍ରରେ ଛାତ୍ରଛାତ୍ରୀ ଏବଂ କର୍ମଜୀବୀଙ୍କୁ ନୂତନ ଟେକ୍ନିକ୍‌ରେ ଦକ୍ଷତା ହାସଲ କରିବା ଜରୁରି। ଏହା ଦ୍ୱାରା କ୍ୟାରିୟରରେ ଉନ୍ନତି ହୋଇପାରିବ। ତେବେ କେଉଁ ପ୍ରକାର ଏଆଇ କୌଶଳ ଶିକ୍ଷା ଜରୁରି, ସେ ସମ୍ପର୍କରେ ଜାଣିବା।

ଡିଜିଟାଲ ଜ୍ଞାନ: ପ୍ରତ୍ୟେକଙ୍କଠାରେ ଡିଜିଟାଲ ଜ୍ଞାନ ରହିବା ବର୍ତ୍ତମାନ ସମୟରେ ଖୁବ୍ ଜରୁରି। ଏବେ ଯେକୌଣସି ନୂଆ ଟେକ୍ନିକ୍ ଆସୁଛି, ତାକୁ ବୁଝିବା ଏବଂ ବ୍ୟବହାର କରିବା ଜାଣିବା ଦରକାର। ତେଣୁ ଟେକ୍ନୋଲୋଜି ଦୃଷ୍ଟିରୁ ସମସ୍ତଙ୍କୁ ସକ୍ଷମ ହେବା ଉଚିତ।

ଡାଟାକୁ ବୁଝିବା: ଡାଟା ବିଶ୍ଳେଷଣ ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ ପାଲଟିଛି। କମ୍ପାନି ଡାଟା ଆଧାରରେ ହିଁ ନିର୍ଣ୍ଣୟ ନିଏ। ତେଣୁ ଡାଟାକୁ ବୁଝୁଥିବା ଲୋକଙ୍କ ଚାହିଦା ବଢ଼ିବାରେ ଲାଗିଛି। ସେହିପରି ପୋଗ୍ରାମିଂ ଏବଂ କୋଡିଂ ଜ୍ଞାନ ବି ଏବର ସମୟରେ ଲାଭଦାୟକ।

ଏଆଇ ଟୁଲ୍ ଉପଯୋଗ: ଏଆଇ ଟୁଲ୍ ବ୍ୟବହାର କରିବା ଜାଣିବା ବର୍ତ୍ତମାନ ସମୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା କାମର ବେଗ ଓ ଗୁଣବତ୍ତା ବଢ଼ିପାରେ।

କ୍ରିଟିକାଲ ଥିଙ୍କିଂ: ଏହାସହିତ କ୍ରିଟିକାଲ ଥିଙ୍କିଂ ଏବଂ ସମସ୍ୟା ସମାଧାନର କୌଶଳ ଶିଖିବା ବହୁତ ଜରୁରି। କାରଣ ମେସିନ ଡାଟା ଦେଇପାରେ, ହେଲେ ଠିକ୍ ନିର୍ଣ୍ଣୟ ମଣିଷ ନେଇଥାଏ।

ଗାର୍ଡେନିଂରୁ ରୋଜଗାର

ଗାର୍ଡେନିଂ କେବଳ ଏକ ସଉକ ନୁହେଁ, ବରଂ ଏବେ ଏହା ଏକ ସୁନ୍ଦର କ୍ୟାରିୟର ବିକଳ୍ପ ହୋଇପାରିଛି। ଲୋକେ ନିଜ ଘରର ବାଲକୋନି, ଛାତ, ଛୋଟ ବଗିଚାକୁ ସୁନ୍ଦର କରିବା ଲାଗି ବିଶେଷଜ୍ଞଙ୍କ ପରାମର୍ଶ ନେଉଛନ୍ତି। ସେହିପରି ଅର୍ଗାନିକ୍ ଫାର୍ମିଂ, ପ୍ଲାଣ୍ଟ ନର୍ସରୀ, ଲ୍ୟାଣ୍ଡସ୍କେପ୍ ଡିଜାଇନିଂ, ଗାର୍ଡେନିଂ କଣ୍ଟେଣ୍ଟ କ୍ରିଏସନ ଭଳି କ୍ଷେତ୍ରରେ ଲୋକଙ୍କ ପାଇଁ ରୋଜଗାରର ନୂଆ ପଥ ଉନ୍ମୁକ୍ତ ହେଉଛି।

ବଢ଼ୁଛି ଗାର୍ଡେନିଂର ଲୋକପ୍ରିୟତା: ଏବେ ଲୋକେ ଘରେ ଇଣ୍ଡୋର ପ୍ଲାଣ୍ଟ, ଟେରିସ୍ ଗାର୍ଡେନ, କିଚେନ ଗାର୍ଡେନ କରୁଛନ୍ତି। ଏହି କାରଣ ଯୋଗୁଁ ଗାର୍ଡେନିଂ ଏକ୍ସପର୍ଟ, ପ୍ଲାଣ୍ଟ କନ୍‌ସଲଟାଣ୍ଟ, ଲ୍ୟାଣ୍ଡସ୍କେପ୍ ଡିଜାଇନରଙ୍କ ଚାହିଦା ବେଶି ବଢ଼ୁଛି। ଗାର୍ଡେନିଂର ସବୁଠୁ ବଡ଼ ଲାଭ ହେଉଛି ଏହାକୁ କମ୍ ନିବେଶରେ ଆରମ୍ଭ କରାଯାଇପାରିବ। ସେହିପରି ସହରରେ ଟେରିସ୍ ଗାର୍ଡେନିଂର ଟ୍ରେଣ୍ଡ ଦ୍ରୁତ ଗତିରେ ବଢ଼ୁଛି। ଲୋକେ ନିଜ ଘରେ ପନିପରିବା ଫଳ ଆଦି ଚାଷ କରୁଛନ୍ତି। ହେଲେ ଠିକ୍ ତଥ୍ୟ ଜଣା ନ ଥିବାରୁ ଆଜିକାଲି ଲୋକେ ବିଶେଷଜ୍ଞଙ୍କ ପରାମର୍ଶ ନେଉଛନ୍ତି। ଏହିପରି ଭାବେ ହୋମ୍ ଗାର୍ଡେନ ସେଟ୍‌ଅପ୍, କିଚେନ ଗାର୍ଡେନ୍ ପ୍ଲାନିଂ, ଅର୍ଗାନିକ ଗାର୍ଡେନିଂ ଟିପ୍ସ, ପ୍ଲାଣ୍ଟ କେୟାର ସର୍ଭିସ୍ ପ୍ରଦାନ କରି ଭଲ ଆୟ କରିପାରିବେ।

ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ କୋର୍ସ: ବିଭିନ୍ନ ହୋଟେଲ, କାଫେ, ଅଫିସ୍ ଗ୍ରୀନ ସ୍ପେସ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଭଳି ସ୍ଥଳେ ଲ୍ୟାଣ୍ଡସ୍କେପ୍ ଡିଜାଇନରଙ୍କ ଚାହିଦା ଦ୍ରୁତ ଗତିରେ ବଢ଼ୁଛି। ଏହି କ୍ଷେତ୍ରରେ ଗାର୍ଡେନ ଡିଜାଇନ, ୱାଟର ଫିଚର ସେଟ୍‌ଅପ୍, ଡେକୋରେଟିଭ ପ୍ଲାଣ୍ଟେସନ କାମ କରିପାରିବେ। ଏ ଲାଗି ଅନେକ ଅନଲାଇନ ଏବଂ ଅଫଲାଇନ୍ କୋର୍ସ ବି ରହିଛି। ସେହିପରି ଲୋକଙ୍କୁ ଗାର୍ଡେନିଂ ଟିପ୍ସ ଦେବାକୁ ପସନ୍ଦ ଥିଲେ ସୋସିଆଲ ମିଡିଆ ହେଉଛି ବଡ଼ ପ୍ଲାଟଫର୍ମ। କଣ୍ଟେଣ୍ଟ ଆଇଡିଆ, ପ୍ଲାଣ୍ଟ କେୟାର୍ ଟିପ୍ସ, ବାଲକନି ଗାର୍ଡେନ ଆଇଡିଆ, ସିଜନାଲ ପ୍ଲାଣ୍ଟ ଗାଇଡ, ଅର୍ଗାନିକ୍ କମ୍ପୋଷ୍ଟ ତିଆରି କରିବାର ଉପାୟ, ଗାର୍ଡେନିଂ ହ୍ୟାକ୍ ଭଳି ଗାର୍ଡେନିଂ କଣ୍ଟେଣ୍ଟର ୟୁଟ୍ୟୁବ୍, ଇନଷ୍ଟାଗ୍ରାମ, ଫେସବୁକ୍‌ରେ ଭଲ ଚାହିଦା ଅଛି।

ଅନ୍‌ଲାଇନ୍ ଗାର୍ଡେନିଂରୁ ଆୟ: ଫଲୋର୍ସ ବଢ଼ାଇବା ପରେ ବ୍ରାଣ୍ଡ ପ୍ରମୋସନ, ସ୍ପନସରସିପ୍ ମାଧ୍ୟମରେ ଭଲ ଆୟ କରିପାରିବେ। ଅନ୍ୟପଟେ ଅନଲାଇନରୁ ଲୋକେ ଗଛ ଆଦି କିଣିବାକୁ ପସନ୍ଦ କରୁଛନ୍ତି। ଇନଷ୍ଟାଗ୍ରାମ୍ ଷ୍ଟୋର, ହ୍ୱାଟ୍ସଆପ୍ ବିଜନେସ୍, ଇ-କମର୍ସ ପ୍ଲାଟ୍‌ଫର୍ମ ଏବଂ ନିଜ ୱେବସାଇଟ୍ ମାଧ୍ୟମରେ ଗଛ ଏବଂ ଗାର୍ଡେନିଂ ଜିନିଷ ବିକ୍ରି କରିପାରିବେ। ଏହାବାଦ୍ ହର୍ଟିକଲଚର, ଲ୍ୟାଣ୍ଡସ୍କେପ୍ ଡିଜାଇନିଂ, ଅର୍ଗାନିକ୍ ଫାର୍ମିଂ, ଫ୍ଲୋରି କଲଚର, ନର୍ସରି ମ୍ୟାନେଜମେଣ୍ଟ ଭଳି କୋର୍ସ ପରେ ଚାକିରି ଏବଂ ବ୍ୟବସାୟର ସୁଯୋଗ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଛୋଟ ନର୍ସରୀ ଏବଂ ଗାର୍ଡେନିଂ ସର୍ଭିସ ଦ୍ୱାରା ମାସକୁ ୧୫-୩୦ ହଜାର ରୋଜଗାର କରିପାରିବେ। ସେହିପରି ଲ୍ୟାଣ୍ଡସ୍କେପ୍ ଡିଜାଇନର ଏବଂ ଗାର୍ଡେନିଂ ଇନଫ୍ଲୁଏନସର ଲକ୍ଷାଧିକ ଆୟ କରିଥାନ୍ତି।

ଅଫିସ୍ ଲାପ୍‌ଟପ୍ ବ୍ୟବହାର କରୁଥିଲେ...

ଅଫିସ୍ ପକ୍ଷରୁ ଲାପଟପ୍ କାମ କରିବା ପାଇଁ ଦିଆଯାଇ ଥାଏ। ତେଣୁ ଏହାର ବ୍ୟବହାର ବୁଝି ବିଚାରି କରିବା ଉଚିତ। ଅନେକ କର୍ମଚାରୀ ସୁବିଧା ଦୃଷ୍ଟିରୁ ବ୍ୟକ୍ତିଗତ କାମ ଅଫିସ୍ ଲାପ୍‌ଟପ୍‌ରେ କରିଥାନ୍ତି। ତେବେ ସୁରକ୍ଷା ଏବଂ ଗୋପନୀୟତା ଦୃଷ୍ଟିରୁ ଏହା ଆଦୌ ଠିକ୍ ନୁହେଁ।

- ଅଫିସ୍ ଲାପ୍‌ଟପ୍‌ରେ ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ କାର୍ଯ୍ୟକଳାପକୁ ସୀମିତ ରଖନ୍ତୁ। କମ୍ପାନି ନେଟ୍‌ୱର୍କରେ ଅନ୍‌ଲାଇନ୍ ଗତିବିଧି ମନିଟର କରାଯାଇପାରିବ।
- ଅନ୍‌ଲାଇନ୍ ବ୍ୟାଙ୍କିଂ, ନିବେଶ ତଥା ସମ୍ବେଦନଶୀଳ ଅର୍ଥ ନେଣଦେଣ ଅଫିସ୍ ଲାପଟପ୍‌ରେ କରିବାରୁ ବଞ୍ଚିତ ରହିବା ଉଚିତ।
- ବ୍ୟକ୍ତିଗତ ଇ-ମେଲ୍ ଆକାଉଣ୍ଟର ଅଧିକ ଉପଯୋଗ ବି ସମସ୍ୟା ସୃଷ୍ଟି କରିପାରେ।
- ବ୍ୟକ୍ତିଗତ ଦସ୍ତାବିଜ୍, ଫଟୋ, ଭିଡିଓ ଅଫିସ୍ ଲାପଟପ୍‌ରେ ସେଭ୍ କରିବା ଭଲ ନୁହେଁ।
- ଅନଲାଇନ୍ ସପିଂ, ମନୋରଞ୍ଜନ ସମ୍ବନ୍ଧିତ ୱେବ୍‌ସାଇଟର ଉପଯୋଗ ସୀମିତ କରିବା ଉଚିତ। ଏହା ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରିପାରେ। କିଛି କମ୍ପାନିର ନୀତି ବି ଉଲ୍ଲଙ୍ଘନ ହୋଇପାରେ।
- ସେହିପରି ଚାକିରି ଛାଡ଼ିବା ସମୟରେ ଲାପଟପ୍ ଫେରାଇବା ବେଳେ ଏଥିରେ ଥିବା ବ୍ୟକ୍ତିଗତ ତଥ୍ୟ ଅନ୍ୟ ସାମ୍ନାକୁ ଆସିପାରେ। ତେଣୁ ବ୍ୟକ୍ତିଗତ ଓ ବୃତ୍ତିଗତ କାର୍ଯ୍ୟକୁ ଅଲଗା ରଖିବା ଉଚିତ। ଏଣୁ ଅଫିସ୍ ଲାପ୍‌ଟପ୍‌କୁ କେବଳ କାର୍ଯ୍ୟ ସମ୍ବନ୍ଧିତ ଉଦ୍ଦେଶ୍ୟକୁ ଉପଯୋଗ କରିବା ସୁରକ୍ଷା ଦୃଷ୍ଟିରୁ ଜରୁରି।

ଗୁଗଲ୍‌ର ନୂଆ ଟୁଲ୍

ଗୁଗଲ ଭାରତରେ ତା'ର ସବୁଠୁ ଆଡଭାନ୍ସ ତଥା ଏଆଇ ଟୁଲ୍ ଜେମିନି ଓମିନିକୁ ଲଞ୍ଚ କରିଛି। ଏହା ହେଉଛି ଗୁଗଲ୍‌ର ଏକ ଏଡିଟିଂ ଟୁଲ୍। ଏହାର ବିଶେଷତ୍ୱ ହେଉଛି ଭିଡିଓ କ୍ଲିପ୍‌କୁ ଟ୍ରିମ୍ କରିବା, ଇଫେକ୍ଟ ବ୍ୟବହାର କରିବା ଲାଗି କୌଣସି ଭିଡିଓ ଏଡିଟିଂ ଆପ୍ ତଥା ସଫ୍ଟୱେୟାର୍‌ର ଆବଶ୍ୟକତା ନାହିଁ। ଏବେ ଏହି ଟୁଲ୍ ମାଧ୍ୟମରେ ଟେକ୍ସଟ୍ ମେସେଜ ବା ପ୍ରମ୍ପ୍ଟ ପ୍ରଦାନ କରି ଭିଡିଓ ଏଡିଟିଂ କରାଯାଇପାରିବ।

କମ୍ପାନି ଅନୁସାରେ, ଏହି ଟୁଲ୍ ମଡେଲ ଇମେଜ୍, ଅଡିଓ, ଭିଡିଓ ଏବଂ ଟେକ୍ସଟ୍‌କୁ ଏକୀକୃତ କରି ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରେ। ତା'ସହ ସୁନ୍ଦର ଭିଡିଓ ଆଉଟପୁଟ୍ ଜେନ୍‌ରେଟ୍ କରେ। ଏହି ଟୁଲ୍‌କୁ ବ୍ୟବହାର କରିବା ବି ଖୁବ୍ ସହଜ। ଏବେ ଏହା ମାଧ୍ୟମରେ ବ୍ୟବହାରକାରୀ କେବଳ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଭିଡିଓ ଏଡିଟ୍ କରିପାରିବେ। ଆଗାମି ଦିନରେ ଏହାର ସମୟସୀମାକୁ ବୃଦ୍ଧି କରାଯିବ। ଏବେ ଏହି ଫିଚର୍ ପେଡ୍ ଗୁଗଲ ଏଆଇ ସବ୍‌ସ୍କ୍ରାଇବର ଭଳି ଗୁଗଲ ଏଆଇ ପ୍ଲସ୍, ପ୍ରୋ ବା ଅଲଟ୍ରା ପ୍ଲାନ୍ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ଅଛି।

କଣ୍ଟିଲୋକୁ ଆସୁନି ସରକାରୀ ରାଉରକେଲା ବସ୍

କଣ୍ଟିଲୋ,୨।୬(ସମିସ): ନୟାଗଡ଼ରୁ କଣ୍ଟିଲୋ ଦେଇ ରାଉରକେଲା ଯା' ଆସ କରୁଥିବା ସରକାରୀ ବସ୍ ପରମିଟ୍ ଥାଇ ମଧ କଣ୍ଟିଲୋ ଆସୁନଥିବାରୁ ଯାତ୍ରୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ନୟାଗଡ଼ରୁ ରାଉରକେଲା ପ୍ରତ୍ୟହ ୨ଟି ବସ୍ ଯିବା, ଆସିବା କରିଥାନ୍ତି। ନୟାଗଡ଼ରୁ ଆସୁଥିବା ବସ୍ ଅପରାହ୍ଣ ୪ଟାରେ ପହଞ୍ଚିଥାଏ ଏବଂ ରାଉରକେଲାରୁ ଆସୁଥିବା ବସ୍ ସକାଳ ସାଢ଼େ ୭ଟା ରେ କଣ୍ଟିଲୋ ଅତିକ୍ରମ କରିଥାଏ। ମାତ୍ର ଏବେ କିଛି ମାସ ପ୍ରାୟ ୩, ୪ମାସ ହେଲା ଉଭୟ ବସ୍ କଣ୍ଟିଲୋ ଆସୁନାହାନ୍ତି। ନିକଟସ୍ଥ ୩ କିମି ଦୂର ବାଣପୁର ଛକରେ ଯାତ୍ରୀ ମାନଙ୍କୁ ଓଲ୍ହାଇ ଦେଉଛନ୍ତି ସମ୍ପୃକ୍ତ ବସ୍ କର୍ମଚାରୀ। କଣ୍ଟିଲୋ ଟିକେଟ କରିଥିଲେ ମଧ ବାଧ ହୋଇ ଯାତ୍ରୀ ମାନେ ନାଚାର ହୋଇ ବିକଳ୍ପ ବ୍ୟବସ୍ଥା ଅଟୋ, ଅନ୍ୟାନ୍ୟ ଭଡ଼ା ଗାଡ଼ି କରିବାକୁ ବାଧ ହେଉଛନ୍ତି। ପୂର୍ବରୁ ଏ ସମ୍ପର୍କରେ କଣ୍ଟିଲୋ ମୋଟର କର୍ମଚାରୀ ସଂଘ ତରଫରୁ ଜିଲ୍ଲାପାଳ ଓ ଆରଟିଓଙ୍କୁ ଅଭିଯୋଗ କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ କିଛି ଦିନ କଣ୍ଟିଲୋ ଦେଇ ଚାଲିବା ପରେ ବର୍ତ୍ତମାନ ୩ ମାସ ହେଲା ଆଉ କଣ୍ଟିଲୋ ଆସୁନାହାନ୍ତି। ଏ ଦିଗରେ ଜିଲ୍ଲା ପରିବହନ ବିଭାଗ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

ପିଇଓଙ୍କୁ ବିଜେପି କର୍ମୀଙ୍କ ମାଡ଼ ଓ ହତ୍ୟା ଧମକ

ଚାରିଦିନ ପରେ ବି ରୁଜୁ ହୋଇନି ମାମଲା

ଭାପୁର,୨।୬(ସମିସ)

ପ୍ରଶାସନିକ ଅଧିକାରୀଙ୍କୁ ଧମକ ଚମକ ଦେଇ ବେନିୟମ କାମ କରାଇବା ଓ କାମ ନହେଲେ ମାଡ଼ ମାରିବା ବିଜେପି କର୍ମୀ ଓ ନେତାଙ୍କ ଏବେ ଅଭ୍ୟାସ ହୋଇଗଲାଣି। ବର୍ତ୍ତମାନ ଶାସକ ଦଳ ନିକଟରେ ପ୍ରଶାସନ ଯେପରି ଅସହାୟ ଅବସ୍ଥାରେ ଅଛି ଓଡ଼ିଶାରେ ପୂର୍ବରୁ ଏପରି କେବେ ହୋଇ ନ ଥିଲା। ନେତା ତ ନେତା କର୍ମୀ ମଧ ଆଇନକୁ ହାତକୁ ନେବା ଓ ପ୍ରଶାସନିକ କର୍ମଚାରୀଙ୍କୁ ମାଡ଼ ମାରିବା, ଧମକ ଦେବାକୁ ପଛାଉ ନାହାନ୍ତି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ। ଭାପୁର ବ୍ଲକ୍ ଗୋଲାପୋଖରୀ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ କୁମାର ଦାସଙ୍କୁ ଜଣେ ଯୁବକ ଅଫିସ ମଧ୍ୟରେ ପଶି ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସାମନାରେ ମାଡ଼ ମାରିଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ମାଡ଼ ମାରିଥିବା ଯୁବକଙ୍କ ନାମ ସନ୍ତୋଷ କୁମାର ସାହୁ ଓ ତାଙ୍କ ଘର ଗୋଲାପୋଖରୀ ପଞ୍ଚାୟତ ତରବାଲୋ ଗ୍ରାମରେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ସନ୍ତୋଷଙ୍କୁ ଘର କାହିଁକି ମିଳିଲା ନାହିଁ ବୋଲି ଏହି ଆକ୍ରମଣ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କହିବା କଥା ହେଲା ମୁଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ବ୍ଲକ୍ ପ୍ରଶାସନକୁ ଦେଇଛି। ଯେଉଁ ତାଲିକାରେ ସନ୍ତୋଷଙ୍କ ପରିବାରର ନାମ ରହିଛି। ମାତ୍ର ବିଡିଓ କେତେ ଜଣଙ୍କୁ ଓ କାହାକୁ ଘର ଦେବେ ସେଇଟା ତାଙ୍କ ଉପରେ ନିର୍ଭର କରୁଛି। ୨୦ ଦିନ ପୂର୍ବରୁ ସନ୍ତୋଷ ସାହୁ ବିଜେପିରେ ଯୋଗ ଦେଇଥିଲେ। ଏହାକୁ ନେଇ ବିଜେପି ନେତାମାନେ ଫେସ୍‌ବୁକ୍‌ରେ ଫଟୋ ସେୟାର କରି ବାହାବା ନେଇ ଥିଲେ। ମାତ୍ର ସେହି ଯୁବକ ବର୍ତ୍ତମାନ ବିଜେପି ପାଇଁ ବଦନାମ ଆଣିଛି। ଗତ ସପ୍ତାହରେ ଗୋଲାପୋଖରୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ପ୍ରତିନିଧି ଅନୀଲ କୁମାର ବୈରିଗଞ୍ଜନ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ଜଣେ ୱାର୍ଡସଭ୍ୟଙ୍କ ସହ କିଛି ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଯୁବକ ପଞ୍ଚାୟତ ପିଇଓଙ୍କ ସାର୍ଟ କଲର ଧରି ମାଡ଼ ମାରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ ବୋଲି ଅନୀଲ କୁମାର ଦାସ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଚାରିଦିନ ପରେ ମଧ ମାମଲା ରୁଜୁ ହୋଇନାହିଁ କି ଏ ବିଷୟରେ ଫାଣ୍ଡି ଅଧିକାରୀ ଫତେଗଡ଼ ଥାନା ଅଧିକାରୀଙ୍କୁ ଜଣାଇ ନାହାନ୍ତି। କେଉଁ ମହତ ଉଦ୍ଦେଶ୍ୟ ପାଇଁ ଫାଣ୍ଡି ଅଧିକାରୀ ଜଣେ ସରକାରୀ କର୍ମଚାରୀଙ୍କ ଅଭିଯୋଗକୁ ଚାପି ରଖିଛନ୍ତି ତାହା ତାଙ୍କର ନିରପେକ୍ଷତା ଓ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରବର୍ତ୍ତୀ ସମୟରେ ଏହି ନେତାମାନେ ଓ ବ୍ଲକର କିଛି ବରିଷ୍ଠ ବ୍ୟକ୍ତିମାନେ ଏହାର ଆପୋସ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଏ ନେଇ ଫତେଗଡ଼ ଥାନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ କୁମାର ଦାସ ଗୋଟିଏ ଲିଖିତ ଅଭିଯୋଗ କରିଥିବା ବେଳେ ଅପରପକ୍ଷରେ ଆକ୍ରମଣକାରୀ ସନ୍ତୋଷ ସାହୁଙ୍କ ମାଆ ଆଶାମଣି ସାହୁ ମଧ ଆଉ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅନୀଲ କୁମାର ଦାସ ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘର ସଭାପତି ଅଛନ୍ତି। ସଂଘର ସଭାପତିଙ୍କର ଯଦି ଏପରି ଅବସ୍ଥା ଅନ୍ୟ କର୍ମଚାରୀଙ୍କ ଅବସ୍ଥା କ'ଣ ହେବ? ଶନିବାର ଫତେଗଡ଼ ଥାନାରେ ଅଭିଯୋଗ ହୋଇଥିଲେ ମଧ ଚାରି ଦିନ ପରେ ଥାନା ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଉଛି ତାକୁ ନେଇ ସମସ୍ତଙ୍କ ନଜର ରହିଛି। ଯଦି ଆକ୍ରମଣକାରୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆ ନ ଯାଏ, ତେବେ ବ୍ଲକ୍ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘର ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ଡାକରା ଦେବେ ବୋଲି କହିଛନ୍ତି।

ରାଇପୁର ସମ୍ପାଦକ ଓ ଉପସଭାପତିଙ୍କୁ ଆକ୍ରମଣ ଘଟଣା

ଆନ୍ଦୋଳନ ଚେତାବନୀ ଦେଲା ପ୍ୟାକ୍ସ କର୍ମଚାରୀ ସଂଘ

ନୟାଗଡ଼/ନୂଆଗାଁ,୨।୬(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ରାଇପୁର ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ଓ ସମ୍ପାଦକଙ୍କୁ ଆକ୍ରମଣ ଘଟଣାକୁ ନେଇ ଆଜି ନୟାଗଡ଼ ଜିଲ୍ଲା ନନ କ୍ୟାଡର୍ କର୍ମଚାରୀ ସଂଘ ଆନ୍ଦୋଳନ ଚେତାବନୀ ଦେଇଛି। ଆଇନଅନୁଯାୟୀ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି। ଏନେଇ ସଂଘ ପକ୍ଷରୁ ସମବାୟ ସମିତି ସମୂହ ଉପନିବନ୍ଧକଙ୍କୁ ଦାବିପତ୍ର ଜରିଆରେ ଅବଗତ କରାଯାଇଛି। ରାଇପୁର ପ୍ୟାକ୍ସ କାର୍ଯ୍ୟାଳୟରେ କାର୍ଯ୍ୟରତ ସମ୍ପାଦକ ଓ ଉପସଭାପତିଙ୍କୁ ବାଉଁଶ ଠେଙ୍ଗା ଧରି ମରଣାନ୍ତକ ଆକ୍ରମଣ କରିଛନ୍ତି ପୂର୍ବତନ ସଭାପତି ପ୍ରେମାନନ୍ଦ ବେହେରା। ଆକ୍ରମଣ କରିଥିବା ସମୟର ଭିଜୁଆଲ୍ ସିସିଟିଭିରେ କଏଦ୍ ହୋଇଛି। ଗତକାଲି ପ୍ୟାକ୍ସର କିଛି ପ୍ରଶାସନିକ ଓ ସମବାୟ ସମ୍ବନ୍ଧୀୟ କାର୍ଯ୍ୟ ଚାଲିଥିବାବେଳେ ବହିଷ୍କୃତ ସଭାପତି ପ୍ରେମାନନ୍ଦ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ପ୍ରେମାନନ୍ଦ ଏକ ବାଉଁଶ ଠେଙ୍ଗା ନେଇ ଅଫିସ ଭିତରକୁ ପ୍ରବେଶ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେହି ଠେଙ୍ଗାରେ ଉଭୟ ସମ୍ପାଦକ ମଦନମୋହନ ମହାପାତ୍ର ଏବଂ ଉପସଭାପତି ଗାୟତ୍ରୀ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସମ୍ପାଦକ ଏବଂ ଉପସଭାପତି ଆହତ ହୋଇଛନ୍ତି। ଘଟଣାକୁ ନେଇ ସମ୍ପାଦକ ଏବଂ ଉପସଭାପତି ସଦରଥାନାରେ ଅଭିଯୋଗ କରିଛନ୍ତି। ସଦରଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାଇପୁର ପ୍ୟାକ୍ସରେ ଗତ କିଛି ମାସ ଧରି ଧାନ କ୍ରୟ ପ୍ରକ୍ରିୟାକୁ ନେଇ ଗୁରୁତର ମତଭେଦ ଦେଖା ଦେଇଥିଲା। ବହିଷ୍କୃତ ସଭାପତି ପ୍ରେମାନନ୍ଦ ବେହେରା ଧାନ କିଣାବିକାରେ ଅନିୟମିତତା, ସମବାୟ ନିୟମର ଉଲ୍ଲଂଘନ କରିବା ସହ ପ୍ୟାକ୍ସରୁ ଋଣ ନେଇ ଶୁଝୁନଥିବାରୁ ତାଙ୍କୁ ପରିଚାଳନା ପରିଷଦ ବହିଷ୍କାର କରାଯାଇଛି। ଏହାକୁ ନେଇ ଅନେକ ବାଦ ବିବାଦ ରହିଥିବା ବେଳେ ପ୍ରେମାନନ୍ଦ ପ୍ୟାକ୍ସର କାର୍ଯ୍ୟରେ ବାରମ୍ବାର ହସ୍ତକ୍ଷେପ କରୁଥିଲେ। ପ୍ରେମାନନ୍ଦଙ୍କୁ ବହିଷ୍କାର ପରେ ଉପସଭାପତି ଗାୟତ୍ରୀ ପ୍ରଧାନ ପରିଚାଳନା ପରିଷଦର ସର୍ବସମ୍ମତି ନିଷ୍ପତ୍ତି କ୍ରମେ ସଭାପତି ରୂପେ ଦାୟିତ୍ୱ ତୁଲାଉଛନ୍ତି। ଏହା ଜାଣିପାରି ବହିଷ୍କୃତ ସଭାପତି ଉତ୍କ୍ଷିପ୍ତ ହୋଇ ଆସି ବାଉଁଶଠେଙ୍ଗା ଦ୍ୱାରା ଉପସଭାପତି ଓ ସମ୍ପାଦକଙ୍କୁ ସମିତି ପରିସରରେ ଆକ୍ରମଣ କରିଛନ୍ତି। ଆକ୍ରମଣକୁ ପ୍ୟାକ୍ସ ସମ୍ପାଦକ ସଂଘ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଆର୍‌ସିଏସ୍‌ଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ନଚେତ୍ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସଂଘ ଚେତାବନୀ ଦେଇଛି।

ଭଗବାନଙ୍କ ଭରସାରେ ଜିଲ୍ଲା ସ୍ୱାସ୍ଥ୍ୟସେବା

୪୩୯ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୧୨୭

ନୟାଗଡ଼,୨।୬(ସମିସ): ନୟାଗଡ଼ ଜିଲ୍ଲାରେ ଭଗବାନଙ୍କ ଭରସାରେ ଚାଲୁଛି ସ୍ୱାସ୍ଥ୍ୟସେବା। ଜିଲ୍ଲାରେ ଦୁର୍ବଳ ନେତୃତ୍ୱ ପାଇଁ ନୟାଗଡ଼ରେ ଏବେ ସାଂଘାତିକ ଭାବେ ଡାକ୍ତର ସମସ୍ୟା ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ରହିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ଚିକିତ୍ସାଳୟ ଓ ପ୍ରାଥମିକ ଚିକିତ୍ସାଳୟ ପାଇଁ ୪୩୯ ଡାକ୍ତର ପଦବୀ ରହିଛି। ମାତ୍ର ଜିଲ୍ଲାରେ ୧୮୫ ଜଣ ଡାକ୍ତର ନିଯୁକ୍ତି ଅବସ୍ଥାରେ ରହିଛନ୍ତି। ଜିଲ୍ଲାକୁ ୨ ଜଣ ଡାକ୍ତର ଡେପୁଟେସନ୍‌ରେ ଆସିଥିବା ବେଳେ ତାଙ୍କୁ ମିଶାଇ ସଂଖ୍ୟା ୧୮୭ ବୋଲି ସୂଚନା ମିଳିଛି। ଏହି ୧୮୭ ଜଣଙ୍କ ମଧ୍ୟରୁ ୭ ଜଣ ଦୀର୍ଘଦିନ ହେବ ବିନା ଅନୁମତିରେ ଛୁଟିରେ ରହିଛନ୍ତି। ୫୩ ଜଣ ପିଜି କରିବା ପାଇଁ ଯାଇଛନ୍ତି। ୧୮୭ରୁ ୬୦ ଜଣଙ୍କୁ ବାଦ ଦେଲେ ୧୨୭ ଜଣ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୧୮ ଜଣଙ୍କ ପଦବୀ ରହିଥିବା ବେଳେ ୫୧ ଜଣ ଡାକ୍ତର ନିଯୁକ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣ ପିଜି କରୁଥିବା ଏବଂ ୫ ଜଣ ବିନା ଅନୁମତି

ଛୁଟିରେ ରହିଥିବା ଜଣାପଡ଼ିଛି। ମାତ୍ର ୩୨ ଜଣ ଡାକ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚାଲୁଛି। ସବୁଠାରୁ ସାଂଘାତିକ ସ୍ଥିତି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୃଷ୍ଟି ହୋଇଛି। ଏଠାରେ ୧୫ଟି ପଦବୀ ରହିଥିବା ବେଳେ ସେଠାରେ ୭ଟି ପଦବୀ ଖାଲି ରହିଛି। ୮ ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ୬ ଜଣ ପିଜି କରିବାକୁ ଯାଇଛନ୍ତି। ଜଣେ ଡାକ୍ତରଙ୍କୁ ଅନ୍ୟତ୍ର ଡେପୁଟେସନ୍ ପଠାଯାଇଥିବା ବେଳେ ଜଣେ ମାତ୍ର ଡାକ୍ତରଙ୍କ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲୁଛି। ଚାନ୍ଦପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ଟି ପଦବୀରୁ ୧୪ ଜଣ ନିଯୁକ୍ତି ହୋଇଥିବା ବେଳେ ତାଙ୍କ ମଧ୍ୟରୁ ୩ ଜଣ ପିଜି ପାଇ ଯାଇଛନ୍ତି। ବ?ପଣ୍ଣୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫ ପଦବୀରୁ ୬ ଜଣ ନିଯୁକ୍ତି ପାଇ ୩ ଜଣ ପିଜି କରିବାକୁ ଯାଇଛନ୍ତି। ଖଣ୍ଡପଡ଼ା ସିଏଚ୍‌ସିରେ ୨୦ ପଦବୀ ମଧ୍ୟରୁ ମାତ୍ର ୬ ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ୩ ଜଣ ପିଜି ପାଇ ଯାଇଛନ୍ତି। ୩ ଜଣରେ ଖଣ୍ଡପଡ଼ା ସିଏଚସି ଚାଲୁଥିବା ଅଭିଯୋଗ ହୋଇଛି। ସେହିଭଳି ଭାବେ କାଳିକାପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଲାଠିପଡ଼ା, ଶଙ୍ଖେଇ, ଗଣିଆର ରାସଙ୍ଗ, ଭାପୁରର ପଦ୍ମାବତୀ, ଦଶପଲ୍ଲାର ଚଢ଼େୟାପଲ୍ଲୀ, କଳସଖମଣ ନୂଆଗାଁ, ଟାକେରା, ଖଣ୍ଡପଡ଼ାର କୁମ୍ଭାରପଡ଼ା, ଢୋଳମରା, କଣ୍ଟିଲୋ, ନୂଆଗାଁ, ବାହାଡ଼ାଖୋଲା, ଜଗନ୍ନାଥପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖାଲି ପଡ଼ିଛି। ଜିଲ୍ଲାରେ ଏଭଳି ଅଭାବନୀୟ ପରିସ୍ଥିତିକୁ ନେଇ ଜିଲ୍ଲାବାସୀ ଭେଷଜ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି କରୁଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦୂର ନକଲେ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ଅଭିଯୋଗ ହୋଇଛି।

- ୫୩ ଜଣ ପଢ଼ୁଛନ୍ତି ପିଜି, ୭ ଜଣ ଅନୁପସ୍ଥିତ
- ଜଣେ ଡାକ୍ତରରେ ଚାଲୁଛି ମହୀପୁର ସିଏଚ୍‌ସି
- ଜିଲ୍ଲାର ୧୪ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖାଲି

ବସ୍‌ଷ୍ଟାଣ୍ଡରେ ଏଲ୍‌ଇଡି ଲାଇଟ୍ ଅଚଳ

ଗଣିଆ,୨।୬(ସମିସ): ଗଣିଆ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ବିଭିନ୍ନ ଗ୍ରାମରେ ଲାଗିଥିବା ଲାଇଟ୍‌ଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡ଼ିଥିବା ବେଳେ ଗଣିଆ ବସ୍‌ଷ୍ଟାଣ୍ଡରେ ଫେଲ୍ ମାରିଛି ଆଲୋକୀକରଣ ବ୍ୟବସ୍ଥା। ବସ୍‌ଷ୍ଟାଣ୍ଡ

ବାହାରେ ଲାଗିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଏଲଇଡି ଲାଇଟ୍ ପ୍ରାୟ ଦୁଇ ମାସ ହେବ ଅଚଳ ହୋଇ ପଡ଼ିରହିଛି। ସରକାର ବସଷ୍ଟାଣ୍ଡ ଗୁଡ଼ିକର ଆଲୋକୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗଣିଆ ବସଷ୍ଟାଣ୍ଡରେ ଏଲଇଡି ଲାଇଟ୍ ଅଚଳ ହୋଇ ପଡ଼ିରହିଛି। ଫଳରେ ସନ୍ଧ୍ୟା ହେଲେ ବସଷ୍ଟାଣ୍ଡ କିଟିକିଟି ଅନ୍ଧାର ଦେଖାଯାଉଛି। ବସ୍‌ଷ୍ଟାଣ୍ଡ ପାଖରେ ବସ୍‌କୁ ଅପେକ୍ଷା କରି ରହୁଥିବା ଯାତ୍ରୀ ଅନ୍ଧାରରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏତେଦିନ ଧରି ଏଲ୍‌ଇଡି ଲାଇଟ୍ ଅଚଳ ହୋଇଥିଲେ ମଧ ଏହାର ମରାମତି କରିବାକୁ କେହି ବି ଦୃଷ୍ଟି ଦେଉନାହାନ୍ତି। ତେବେ ବସ୍‌ଷ୍ଟାଣ୍ଡ ଭଳି ଜନଗହଳି ସ୍ଥାନରେ ଏଲ୍‌ଇଡି ବ୍ୟବସ୍ଥା ଫେଲ୍ ମାରିଥିବାବେଳେ ଗାଁ ଗହଳି ଅବସ୍ଥା ନକହିବା ଭଲ। ତୁରନ୍ତ ଅଚଳ ଏଲଇଡି ଲାଇଟ୍ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

କାମରେ ଆସୁନି ମାର୍କେଟ କମ୍ପ୍ଲେକ୍ସ

ଦୁଇବର୍ଷରେ ଆମ ବସଷ୍ଟାଣ୍ଡ କାନ୍ଥ ଫାଟିଲାଣି

ଖଣ୍ଡପଡ଼ା,୨।୬(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଯାତ୍ରୀଙ୍କୁ ସୁବିଧା ଯୋଗାଇଦେବା ନିମନ୍ତେ ରାଜ୍ୟରେ ଏକାଧିକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିଥିଲେ। ସେଥିମଧ୍ୟରୁ ଖଣ୍ଡପଡ଼ା ସହରାଞ୍ଚଳରେ ମଧ ପୁଲିସ ହାଉସିଂ ବୋର୍ଡ ଦ୍ୱାରା ପ୍ରାୟ ୬ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଯେଉଁଥିରେ ଶୀତତାପ ନିୟନ୍ତ୍ରିତ ଯାତ୍ରୀ ବିଶ୍ରାମଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଚାଳକ ବିଶ୍ରାମ ଗୃହ, ମୋବାଇଲ ଚାର୍ଜିଂ ୟୁନିଟ୍, ବସ୍ ସର୍ଭିସ ସେଣ୍ଟର, ମାର୍କେଟ କମ୍ପ୍ଲେକ୍ସ, ବସ୍ ଟର୍ମିନାଲ, କାଫେ ଆଦିର ବ୍ୟବସ୍ଥା ରହିଛି। ଗତ ୨୦୨୪ ଫେବୃଆରୀ ୧୫ରେ ବହୁ ଆଡ଼ମ୍ବର ସହକାରେ ଏହି ବସଷ୍ଟାଣ୍ଡ ଉଦ୍‌ଘାଟନ କରାଯାଇଥିଲା ବେଳେ ପ୍ରାୟ ୨୭ ମାସ ପରେ ବର୍ତ୍ତମାନ

ବସଷ୍ଟାଣ୍ଡର ସ୍ଥିତି ଦୟନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବସଷ୍ଟାଣ୍ଡର ମାର୍କେଟ କମ୍ପ୍ଲେକ୍ସଠାରୁ ଆରମ୍ଭ କରି ବିଶ୍ରାମ ଗୃହ ଏକାଧିକ ସ୍ଥାନରୁ ରଙ୍ଗ ଛାଡ଼ି ଯାଇଥିବା ବେଳେ ଅନେକ ସ୍ଥାନରେ କାନ୍ଥ ଓ ବିମ୍ ତଳେ ଫାଟ ସୃଷ୍ଟି ହୋଇଛି। ସେହିପରି ଚଟାଣରୁ ମାର୍ବଲ ମଧ ଛାଡ଼ି ଗଲାଣି। ଫଳରେ ଏହାର ସ୍ଥାୟିତ୍ୱ ଓ କାମ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀ। ଉଦ୍‌ଘାଟନ ପରଠାରୁ ବସ୍‌ଷ୍ଟାଣ୍ଡ ପରିସର ମଧ୍ୟରେ ଥିବା ଦୋକାନ ଗୃହ ତଥା କାଫେ ଗୁଡ଼ିକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସହରଠାରୁ ଦୂରରେ ଉମାଦେବୀ ସାହି ନିକଟରେ ଏହାକୁ ସ୍ଥାପନ କରାଯାଇଥିବା ବେଳେ ଯାତ୍ରୀଙ୍କ ଭିଡ଼ ଆଦୌ ନଥିବା ଦେଖିବାକୁ ମିଳିଛି। କେବଳ ମୋ ବସ୍ ବ୍ୟତୀତ ଅନ୍ୟ ବସ୍ ଏଠାକୁ ଆସୁନଥିବା ବେଳେ କାହା ସ୍ୱାର୍ଥରେ ଏହାକୁ ନିର୍ମାଣ କରାଯାଇଛି ତାକୁ ନେଇ ଜନପ୍ରତିନିଧି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ମାସ ମାସ ଧରି ରକ୍ଷଣାବେକ୍ଷଣ ଅଭାବ ତଥା ନିମ୍ନମାନର କାମ ଯୋଗୁଁ କିଛି ମାସ ମଧ୍ୟରେ ଏହା ଭୂତକୋଠି ପାଲଟିବ ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଅସୁରକ୍ଷିତ ଭାରତ ସଞ୍ଚାର ନିଗମ କାର୍ଯ୍ୟାଳୟ



ଓଡ଼ଗାଁ,୨।୬(ସମିସ): ନୟାଗଡ଼ ଜିଲ୍ଲାର ଓଡ଼ଗାଁ କଲେଜ ରୋଡ଼ସ୍ଥିତ ଭାରତ ସଞ୍ଚାର ନିଗମ (ବିଏସ୍‌ଏନ୍‌ଏଲ୍) କାର୍ଯ୍ୟାଳୟ ବର୍ତ୍ତମାନ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। କାର୍ଯ୍ୟାଳୟର ଦକ୍ଷିଣ-ପୂର୍ବ କୋଣରେ ଥିବା ସୁରକ୍ଷା ପ୍ରାଚୀରର ପ୍ରାୟ ୩୦ ଫୁଟ ଅଂଶ ମୂଳରୁ ଭୁଶୁଡ଼ି ପଡ଼ିଥିବାରୁ ସମଗ୍ର ପରିସର ଖୋଲା ଏବଂ ଅସୁରକ୍ଷିତ ହୋଇପଡ଼ିଛି। ଏହି କାର୍ଯ୍ୟାଳୟ ପୂର୍ବ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଟେଲିକମ୍ ସଂଯୋଗର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ପରିସର ମଧ୍ୟରେ ଏକ ଟାୱାର ସହିତ ଓଡ଼ଗାଁ ଅଞ୍ଚଳର ଅପ୍ଟିକାଲ ଫାଇବର ନେଟ୍‌ୱର୍କ ଏବଂ ପୂର୍ବ-ଦକ୍ଷିଣ ଓଡ଼ିଶାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଅପ୍ଟିକାଲ ଫାଇବର ପଏଣ୍ଟ ରହିଛି। ଏହାସହ ବହୁ ମୂଲ୍ୟବାନ ଯନ୍ତ୍ରପାତି ମଧ ଏଠାରେ ସ୍ଥାପିତ ହୋଇଛି। ଦୁଃଖର ବିଷୟ ଯେ, ଏତେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ସ୍ଥାୟୀ ଭାବେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ନିଯୁକ୍ତ ନଥିବାରୁ ଏହା ପ୍ରାୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏପରି ସ୍ଥିତିରେ ସୁରକ୍ଷା ପ୍ରାଚୀର ଭାଙ୍ଗିଯିବା ଘଟଣା କାର୍ଯ୍ୟାଳୟର ସୁରକ୍ଷାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ସୃଷ୍ଟି କରିଛି।

ପରିସରରେ ଥିବା ମୂଲ୍ୟବାନ ଯନ୍ତ୍ରାଂଶ ଓ ଟେଲିକମ୍ ଉପକରଣ ଚୋରି କିମ୍ବା କ୍ଷତିଗ୍ରସ୍ତ ହେଲେ ପୂର୍ବ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇପାରେ। ସମ୍ପୃକ୍ତ ବିଭାଗ ତୁରନ୍ତ ଏହି କାର୍ଯ୍ୟାଳୟର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ସହ ଭାଙ୍ଗିପଡ଼ିଥିବା ପ୍ରାଚୀରର ମରାମତି ଓ ନିୟମିତ ତଦାରଖ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଦୁର୍ଘଟଣା ନେଉଛି ସର୍ବାଧିକ ଜୀବନ

ପାଞ୍ଚ ମାସରେ ୫୬ ଜଣଙ୍କ ମୃତ୍ୟୁ

ନୟାଗଡ଼,୨।୬(ସମିସ)

ପରିବହନ ବିଭାଗ ସଚେତନତା ନାଁରେ ଅର୍ଥ ଶ୍ରାଦ୍ଧ କରୁଥିବା ବେଳେ ବାସ୍ତବତା ଭିନ୍ନ ବୋଲି ଜଣାପଡ଼ିଛି। ୨୦୨୬ ମସିହା ଜାନୁଆରୀ ମାସରୁ ମେ ମାସ ମଧ୍ୟରେ ନୟାଗଡ଼ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୫୬ ଜଣଙ୍କ ମୃତ୍ୟୁ ହୋଇଛି। ବାଣିଗୋଛା ଥାନା ଅଧୀନରେ ୨, ଚାନ୍ଦପୁର ୩, ଦଶପଲ୍ଲା ୧୦, ଫତେଗ? ୮, ଗଣିଆ ୩, ଇଟାମାଟି ୮, ଖଣ୍ଡପଡ଼ା ୫, ନୟାଗଡ଼ ୨, ନୂଆଗାଁ ୧, ଓଡ଼ଗାଁ ୪, ରଣପୁର ୫, ସଦର ୪, ଶରଣକୁଳ ଥାନା ଅଧୀନରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ଜନିତ ମୃତ୍ୟୁ ଅନେକ ପରିବାର ଉଜାଡ଼ି ଦେଉଥିବା ବେଳେ ଦୁର୍ଘଟଣା ଏଡ଼ାଇବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମୁଖ୍ୟତଃ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ନିକଟସ୍ଥ ଥାନା ଗୁଡ଼ିକରେ ସର୍ବାଧିକ ମୃତ୍ୟୁ ହେଉଥିବା ସୂଚନାରୁ ଜଣାପଡ଼ିଛି। ଆଞ୍ଚଳିକ ପରିବହନ ବିଭାଗ ତଥ୍ୟ ଅନୁସାରେ, ୨୦୨୨ ମସିହାରେ ୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୬୯ ଜଣ ଗୁରୁତର ହୋଇଥିବା ବେଳେ ୭୨ ଜଣ ସାମାନ୍ୟ ଆହାତ ହୋଇଥିଲେ। ଏହି ବର୍ଷ ଦଶପଲ୍ଲା ଥାନା ଅଧୀନରେ ୧୫ ଜଣ, ଇଟାମାଟି

୧୨ ଜଣ, ନୟାଗଡ଼ ୫ ଜଣ, ନୂଆଗାଁ ୧୧ ଜଣ, ସଦର ଥାନା ୪ ଜଣ, ବାଣିଗୋଛା ଥାନା ଅଧିନରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଭାବେ ୨୦୨୩ ମସିହାରେ ମୃତ୍ୟୁ ସଂଖ୍ୟା ୧୧୪କୁ ବୃଦ୍ଧି ପାଇଥିଲା। ୧୭୬ ଜଣ ଗୁରୁତର, ୧୨୧ ଜଣ ସାମାନ୍ୟ ଆହାତ ହୋଇଥିଲେ। ଜାତୀୟ ରାଜପଥ ପାଖର୍ ଥାନା ଭାବେ ବାଣିଗୋଛା ଥାନା ଅଧୀନରେ ୪ ଜଣ, ଦଶପଲ୍ଲା ୧୯ ଜଣ, ନୂଆଗାଁ ୯ ଜଣ, ନୟାଗଡ଼ ସଦରଥାନା ୩ ଜଣ, ନୟାଗଡ଼ ଟାଉନଥାନା ୧୦, ଇଟାମାଟି ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ବର୍ଷ ଶରଣକୁଳ ଥାନା ଅଧୀନରେ ୧୧, ଖଣ୍ଡପଡ଼ା, ଶରଣକୁଳ ଓ ଓଡ଼ଗାଁ ଥାନା ଅଧୀନରେ ୧୧ ଜଣ ଲେଖାଏଁ, ଚାନ୍ଦପୁର ଥାନା ଅଧୀନରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୪ ମସିହାରେ ମୃତ୍ୟୁ ସଂଖ୍ୟା ୧୧୨, ଗୁରୁତର ୧୮୬, ସାମାନ୍ୟ ଆହତ ୬୦ ଜଣ ହୋଇଥିଲେ। ଏହି ବର୍ଷ ବାଣିଗୋଛା ଥାନା ଅଧୀନରେ ୧୦ ଜଣ, ଚାନ୍ଦପୁର ଥାନା ୧୧, ଦଶପଲ୍ଲା ୧୪ ଜଣ, ଫତେଗଡ଼ ୪, ଗଣିଆ ୬, ଇଟାମାଟି ୭, ଖଣ୍ଡପଡ଼ା ୧୭, ନୟାଗଡ଼ ଟାଉନଥାନା ୭, ନୂଆଗାଁ ୧୦ ଜଣ, ଓଡ଼ଗାଁ ୮, ରଣପୁର ୧୨, ନୟାଗଡ଼ ସଦରଥାନା ୪ ଜଣ, ଶରଣକୁଳ ଥାନା ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୫ ମସିହାରେ ୧୨୬ ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୮୧ ଜଣ ଗୁରୁତର, ୯୬ ଜଣ ସାମାନ୍ୟ ଆହାତ ହୋଇ ଛନ୍ତି। ୨୦୨୫ରେ ବାଣିଗୋଛା ଥାନା ଅଧୀନରେ ୬ ଜଣ, ଚାନ୍ଦପୁର ଥାନା ୬, ଦଶପଲ୍ଲା ୧୪ ଜଣ, ଫତେଗଡ଼ ୯, ଗଣିଆ ୨, ଇଟାମାଟି ୧୨, ଖଣ୍ଡପଡ଼ା ୮, ନୟାଗଡ଼ ଟାଉନଥାନା ୯, ନୂଆଗାଁ ୧୧ ଜଣ, ଓଡ଼ଗାଁ ୨୦, ରଣପୁର ୧୭, ନୟାଗଡ଼ ସଦରଥାନା ୪ ଜଣ, ଶରଣକୁଳ ଥାନା ୮ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଦୁର୍ଘଟଣା କାରଣରୁ ୨୦୨୪ ମସିହାରେ ଗୋଟିଏ ବନ୍ୟପ୍ରାଣୀ ମୃତ୍ୟୁ ଘଟିଥିବା ବେଳେ ୨୦୨୫ ମସିହାରେ ୫ଟି ବନ୍ୟାପ୍ରଣୀ ମୃତ୍ୟୁ ଘଟିଥିବା ୯ଟି ଗୁରୁତର ହୋଇଥିବା ସୂଚନା ମିଳିଛି ବେପରୁଆ ଗାଡ଼ି ଚାଳନା ପାଇଁ ଅନେକ ଦୁର୍ଘଟଣା ଘଟୁଥିବା ବେଳେ ନିଶା ସେବନ କରି ଗାଡ଼ି ଚାଳନା କରାଯିବା ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ ରାଜ୍ୟ ସରକାର ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଜାତୀୟ ରାଜପଥ ଉପରେ ଦୁର୍ଘଟଣା ଅଧିକ ଘଟୁଥିବା ବେଳେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ଏପରିକି ଟ୍ରାଫିକ ନିୟମ ଅନୁସାରେ, ରାସ୍ତାରେ ରେଡିୟମ୍ ଓ ସୂଚନା ଫଳକ ଲଗାଯାଉନାହିଁ।

ବିଧାୟକଙ୍କ ଦ୍ୱାରା ବସ୍‌ଷ୍ଟପ୍ ଉଦ୍‌ଘାଟିତ

ନୟାଗଡ଼,୨।୬(ସମିସ): ନୟାଗଡ଼ ପୌର ପରିଷଦ ପକ୍ଷରୁ ସହର ମଧ୍ୟରେ ନିର୍ମାଣ କରାଯାଇଥିବା ଦୁଇଟି ବସଷ୍ଟପକୁ ଆଜି ବିଧାୟକ ଉଦ୍‌ଘାଟନ କରିଛନ୍ତି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ କରକମଳରେ ଏହା ଉଦ୍‌ଘାଟିତ ହୋଇଛି। ଏହା ସହିତ ସୌନ୍ଦର୍ଯ୍ୟମୟ ଆଲୋକୀକରଣ ବ୍ୟବସ୍ଥାକୁ ଲୋକାର୍ପିତ କରାଯାଇଛି। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହିଥିଲେ।

ଆଉ ୮ ଦିନ

ପ୍ରଥମଥର ୩ଟି ଦେଶରେ ଫିଫା ବିଶ୍ୱକପ୍

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ବିଶ୍ୱ ଫୁଟବଲ୍‌ର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ମାସାଧିକ ସମୟ ଚାଲିବାକୁ ଥିବା ଏହି ଫୁଟବଲ୍ ମହାକୁମ୍ଭକୁ ଏଥର ୩ଟି ଦେଶ ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ଆୟୋଜିତ କରିବେ। ଏହି ୩ଟି ଦେଶର ୧୬ଟି ସହରରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅଂଶଗ୍ରହଣକାରୀ ୪୮ଟି ଦେଶକୁ ୧୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି।

କିଂବଦନ୍ତୀ ଖେଳାଳି ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ୨୦୨୨ ସଂସ୍କରଣ ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ଆର୍ଜେଣ୍ଟିନା ଦ୍ୱିତୀୟଥର ଲାଗି ବିଶ୍ୱମୁକୁଟ ପିନ୍ଧିଥିଲା। ସେହିଭଳି ନେମାରଙ୍କ ବ୍ରାଜିଲ ରେକର୍ଡ ୬ଷ୍ଠଥର ଲାଗି ଟାଇଟଲ୍ ଜିତିବା ଲକ୍ଷ୍ୟରେ ବିଶ୍ୱକପ୍‌ରେ ପାଦ ଥାପିଛି। ଅପରପକ୍ଷରେ ଅନ୍ୟତମ ପାୱାରହାଉସ ଜର୍ମାନୀ ପଞ୍ଚମଥର ଚାମ୍ପିଅନ ହୋଇ ବ୍ରାଜିଲ ସହ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛି। ତେବେ ବିଶ୍ୱକପ୍‌ର ଏହି ସଂସ୍କରଣରେ ଏକାଧିକ ଘଟଣା ପ୍ରଥମଥର ଘଟିବାକୁ ଯାଉଛି।

ପ୍ରଥମଥର ୩ଟି ଆୟୋଜକ ଦେଶ:

ଇତିହାସରେ ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଏକାଥରକେ ମିଳିତ ଭାବେ ୩ଟି ଦେଶରେ ଖେଳାଯିବ। ୧୯୩୦ରେ ଆୟୋଜିତ ପ୍ରଥମ ସଂସ୍କରଣ ଗୋଟିଏ ଦେଶ ଉରୁଗୁଏରେ ଆୟୋଜିତ ହୋଇଥିଲା। ଏହାର ୭୨ ବର୍ଷ ପରେ ଆୟୋଜିତ ୨୦୦୨ ସଂସ୍କରଣକୁ ଦୁଇଟି ଦେଶ ଜାପାନ ଓ ଦକ୍ଷିଣ କୋରିଆ ମିଳିତ ଭାବେ ଆୟୋଜନ କରିଥିଲେ। କିନ୍ତୁ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ୩ଟି ଦେଶକୁ ଏଥର ଆୟୋଜନ ଅଧିକାର ମିଳିଛି। ଯଦିଓ ୧୯୯୪ ମସିହା ପରି ଏକାକୀ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଲାଗି ଆମେରିକା ନିକଟରେ ପ୍ରଚୁର ଭିତ୍ତିଭୂମି ରହିଥିଲା, କିନ୍ତୁ କନ୍‌କାଫାଫ (କନଫେଡେରେସନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକା ଓ କାରବିୟାନ ଫୁଟବଲ ସଂଘ) ୨୦୧୬ରେ କାନାଡା ଓ ମେକ୍ସିକୋ ସହିତ ଏକ ମିଳିତ ବିଡ୍ ଦାଖଲ କରିଥିଲା। ୨୦୧୮ ଫିଫା କଂଗ୍ରେସରେ ମରକ୍କୋକୁ ପଛରେ ପକାଇ ଏହି ୩ଟି ଦେଶର ମିଳିତ ବିଡ୍ ବାଜିମାତ୍ କରିନେଇଥିଲା। ମେକ୍ସିକୋରେ ତୃତୀୟଥର ଲାଗି ଫିଫା ବିଶ୍ୱକପ୍ ଖେଳାଯିବ। ୧୯୭୦ ଓ ୧୯୮୬ରେ ଏହି ଦେଶ ଫିଫା ବିଶ୍ୱକପ୍ ଆୟୋଜନ କରିଥିଲା। କିନ୍ତୁ କାନାଡା ପ୍ରଥମଥର ଲାଗି ଫୁଟବଲର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଆୟୋଜନ ଅଧିକାର ହାସଲ କରିଛି।

ଭାଗନେବେ ସର୍ବାଧିକ ୪୮ ଦଳ:

ଆଗାମୀ ଫିଫା ବିଶ୍ୱକପ୍ ମଧ୍ୟ ସର୍ବାଧିକ ଅଂଶଗ୍ରହଣକାରୀ ଦଳ ଭାବେ ଆଉ ଏକ ରେକର୍ଡ କରିବାକୁ ଯାଉଛି। ଫିଫା ବିଶ୍ୱକପ୍‌ର ୯୬ ବର୍ଷ ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ୪୮ଟି ଦେଶକୁ ନେଇ ଏହି ମହାକୁମ୍ଭ ଆୟୋଜିତ ହେବ। ୨୦୨୨ରେ କତାରରେ ଖେଳାଯାଇଥିବା ଅନ୍ତିମ ସଂସ୍କରଣରେ ୩୨ଟି ଦଳ ଭାଗନେଇଥିଲେ। ସେହିଭଳି ୧୯୯୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ଦୁଇଗୁଣା ଅଧିକ ଦଳ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ୧୯୩୦ରେ ମାତ୍ର ୧୩ଟି ଦେଶକୁ ନେଇ ପ୍ରଥମ ବିଶ୍ୱକପ୍ ଖେଳାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ବଢ଼ି ବଢ଼ି ୧୯୮୨ରେ ୨୪ ଦଳକୁ ପହଞ୍ଚିଥିଲା। ଏଥର ଅଂଶଗ୍ରହଣକାରୀ ଦେଶଙ୍କ ମଧ୍ୟରେ ଜୋର୍ଡାନ, ଉଜବେକିସ୍ତାନ, କ୍ୟୁରସାଓ ଓ କେପ୍ ଭର୍ଡ ପ୍ରଥମଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। କାରିବୀୟାନ ଦେଶ ହାଇତି ୧୯୭୪ ପରେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଛି। ଅଧିକ ଦଳ ହେଲେ ଫିଫା ପାଇଁ ଅଧିକ ଖେଳ ଏବଂ ଟଙ୍କା ମିଳିବ। ତେଣୁ ୪୮ ଦଳର ବିଶ୍ୱକପ୍ ଆୟୋଜନ ଲାଗି ସର୍ବୋଚ୍ଚ ସଂସ୍ଥା ଫିଫା ନିଷ୍ପତ୍ତି ନେଇଥିଲା।

ଅଧିକ ନକ୍‌ଆଉଟ୍ ରାଉଣ୍ଡ:

୩୨ ଦଳ ଫର୍ମାଟ୍‌ରେ ନକ୍‌ଆଉଟ ରାଇଣ୍ଡରେ ପ୍ରବେଶ କରିବା ପ୍ରକ୍ରିୟା ବହୁତ ସହଜ ଓ ସରଳ ଥିଲା। ଏଥିରେ ୪ଟି ଦଳକୁ ନେଇ ଗୋଟିଏ ଗ୍ରୁପ୍ କରାଯାଉଥିଲା। ମୋଟ୍ ଆଠଟି ଗ୍ରୁପ୍ ହୋଇ ମ୍ୟାଚ୍ ଖେଳାଯାଉଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳ ଅର୍ଥାତ ମୋଟ୍ ୧୬ଟି ଦଳ ନକ୍‌ଆଉଟ୍ (ପ୍ରି-କ୍ୱାର୍ଟର)କୁ ଯୋଗ୍ୟତା ଅର୍ଜନ କରୁଥିଲେ। ଏଥର ବିଶ୍ୱକପ୍‌ରେ ଅଧିକ ୧୬ଟି ଦଳ ଯୋଡ଼ି ହେବା ଫଳରେ ନକଆଉଟ୍‌ର ଆକାର ଦ୍ୱିଗୁଣିତ ହୋଇ ୩୨ ହୋଇଛି। ଅର୍ଥାତ୍ ୩୨ଟି ଦଳ ନକଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ ବିଶ୍ୱକପ୍‌ରେ ମୋଟ୍ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ୨୦୨୨ ସଂସ୍କରଣଠାରୁ ୩୮ ଅଧିକ।

ଅଧିକ ବିରତି: ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ୧୮୦ ସେକେଣ୍ଡର ବ୍ରେକ୍

ଏଥର ବିଶ୍ୱକପ୍ ମଧ୍ୟ ବିରତି ଦୃଷ୍ଟିରୁ ଭିନ୍ନ ହେବାକୁ ଯାଉଛି। ସାଧାରଣତଃ ୯୦ ମିନିଟ୍ ଅବଧିର ଫୁଟ୍‌ବଲ ମ୍ୟାଚ ଦୁଇଟି ହାଫ୍‌ରେ ଖେଳାଯାଇଥାଏ। ପ୍ରଥମାର୍ଦ୍ଧ ଅର୍ଥାତ୍ ୪୫ ମିନିଟ୍ ପରେ ଖେଳାଳିଙ୍କୁ ୧୫ ମିନିଟ୍‌ର ବ୍ରେକ୍ ମିଳିଥାଏ। ଏଥର ବିଶ୍ୱକପ୍‌ରେ କିନ୍ତୁ ଏକ ନୂଆ ନିୟମ ହୋଇଛି। "ଖେଳାଳି କଲ୍ୟାଣକୁ ପ୍ରାଥମିକତା ଦେବା' ପାଇଁ ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ୩ ମିନିଟ୍ (୧୮୦ ସେକେଣ୍ଡ)ର ବିରତି ରହିବ। ଯେହେତୁ ଆଗାମୀ ବିଶ୍ୱକପ୍ ଗ୍ରୀଷ୍ମଋତୁରେ ଖେଳାଯାଉଛି ତେଣୁ ଫିଫା ଗତ ଡିସେମ୍ବରରେ ଏହି ୩ ମିନିଟ୍ ଅବଧି ବିଶିଷ୍ଟ 'ହାଇଡ୍ରେସନ ବ୍ରେକ୍' ଘୋଷଣା କରିଥିଲା।

ଫଳରେ ଖେଳାଳିମାନେ ଏହି ବିଶ୍ୱକପ୍‌ର ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ବ୍ରେକ୍ ପାଇବେ। ଫିଫାର ଏହି ନିଷ୍ପତ୍ତି ପ୍ରସାରଣକାରୀ ଅଂଶୀଦାରମାନଙ୍କୁ ଅଧିକ ବିଜ୍ଞାପନ ଚଲାଇବାର ସୁଯୋଗ ମଧ୍ୟ ଦେଇଛି।

ଅଧିକ ଭିଏଆର:

ଏଥର ଫିଫା ବିଶ୍ୱକପ୍‌ରେ ଅଧିକ ଭିଡିଓ ଆସିଷ୍ଟ ରିପ୍ଲେ (ଭିଏଆର)ର ମଧ୍ୟ ବ୍ୟବସ୍ଥା ହୋଇଛି। ଚାରିବର୍ଷ ପୂର୍ବେ ସମ୍ଭାବ୍ୟ ହ୍ୟାଣ୍ଡବଲ, ପେନାଲ୍ଟି କିକ୍ ଆଦିକୁ ନେଇ ରେଫରୀ ଭିଏଆର୍ ଆବେଦନ କରୁଥିଲେ। ୨୦୨୬ ବିଶ୍ୱକପରେ ଖେଳର ସମୀକ୍ଷାକୁ ଆହୁରି ଅଧିକଥର ପୁନଃପ୍ଲେ କରିବାର କ୍ଷମତା ରେଫରିଙ୍କୁ ଦିଆଯାଇଛି। ଅର୍ଥାତ୍ ଏଥର ହ୍ୟାଣ୍ଡବଲ୍ ଓ ପେନାଲ୍ଟି କିକ୍ ବ୍ୟତୀତ ରିପ୍ଲେ ଅଧିକାରୀମାନେ କର୍ଣ୍ଣର କିମ୍ବା ଗୋଲ କିକ୍ ପାଇଁ ଡାକ ସଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିପାରିବେ।

ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍

ଚଣ୍ଡିଗଡ,୨।୬(ଏଜେନ୍ସି): ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଦ୍ୱିତୀୟଥର ଲାଗି ଭାରତୀୟ କ୍ରିକେଟ ଦଳର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ମୁଲାନପୁରରେ ଆଫଗାନିସ୍ତାନ ସହ ଜୁନ୍ ୬ରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ସେ ଭାରତୀୟ ଦଳ ସହ ଯୋଗଦେବେ। ପୂର୍ବରୁ ରାହୁଲ ଦ୍ରାବିଡ୍ ହେଡ୍ କୋଚ୍ ଥିଲାବେଳେ ବାହୁତୁଲେଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ମିଳିଥିଲା। ପୂର୍ବରୁ ସେ ଏକାଧିକ ରାଜ୍ୟ ଦଳର ହେଡ୍ କୋଚ୍, ଭାରତ-ଏ' ଦଳର କୋଚ୍ ଦାୟିତ୍ୱ ତୁଲାଇବା ପରେ ନିକଟରେ ପଞ୍ଜାବ କିଙ୍ଗସରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାମ କରିଥିଲେ। ୫୩ବର୍ଷୀୟ ବାହୁତୁଲେଙ୍କର କ୍ରିକେଟ ଖେଳ ଉପରେ ୨୦ ବର୍ଷର ଅଭିଜ୍ଞତା ରହିଛି।

ବେଙ୍ଗାଲୁରୁରେ ହାର୍ଦ୍ଦିକ ପାଣ୍ଡ୍ୟା

ଚଣ୍ଡିଗଡ,୨।୬(ଏଜେନ୍ସି): ଆଫଗାନିସ୍ତାନ ସହ ଭାରତ ଜୁନ ୧୩, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ଭାରତୀୟ ଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଓପନର ରୋହିତ ଶର୍ମାଙ୍କୁ ସ୍ଥାନ ଦିଆଯାଇଛି। ମନୋନୟନକାରୀଙ୍କ ଅନୁଯାୟୀ ଏମାନେ ମ୍ୟାଚ୍ ଫିଟ୍ ନାହାନ୍ତି। ଏଥିଲାଗି ସେମାନଙ୍କୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ହେବା ଲାଗି ପରାମର୍ଶ ଦିଆଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଆଜି ଏଠାରେ ଯୋଗଦେଇଛନ୍ତି। କିନ୍ତୁ ରୋହିତ ଶର୍ମା କେବେ ଆସିବେ ତାହା ଜଣାପଡ଼ିନାହିଁ। ଏମାନେ ଫିଟ୍ ଘୋଷିତ ହେଲେ ଦିନିକିଆ ମ୍ୟାଚ୍‌ରେ ଖେଳିବେ।

ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ (ୱିକେଟକିପର), ଇଶାନ କିଶାନ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର ବ୍ରାର ଓ ହର୍ଷ ଦୁବେ।

ଆଇପିଏଲ୍-୨୦ର ପ୍ରଥମ ମ୍ୟାଚରୁ ଟିମ୍ ଡେଭିଡ୍ ବାସନ୍ଦ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଇପିଏଲ୍ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟର ଟିମ୍ ଡେଭିଡଙ୍କୁ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଗାମୀ ସିଜନ ଅର୍ଥାତ୍ ୨୦ତମ ସଂସ୍କରଣରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର୍‌ଙ୍କୁ ପ୍ରଥମ ମ୍ୟାଚରୁ ବାସନ୍ଦ କରାଯାଇଛି। ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡେଭିଡ୍ ଅମ୍ପାୟରଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଫାଇନାଲ ମ୍ୟାଚରେ ଗୁଜରାଟ ଇନିଂସର ୧୦ମ ଓଭରରେ ଏକ ଅଘଟଣ ଘଟିଥିଲା। ଯେଉଁଥିରେ ଡେଭିଡ୍ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଫିଙ୍ଗିଥିଲେ। ଏଥିଲାଗି ଆଇପିଏଲ୍ ପକ୍ଷରୁ ତାଙ୍କୁ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ହୋଇଛି। ଏଥିସହ ଦୁଇଟି ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି। ଯେଉଁଠାରେ ସେ "ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଫିଙ୍ଗିଥିଲେ। ଗତ ଆଇପିଏଲ୍‌ରେ ଏହା ଡେଭିଡଙ୍କ ତୃତୀୟ ଲେଭଲ୍-୧ ଅପରାଧ ଥିଲା। ପୂର୍ବରୁ କରିଥିବା ଭୁଲ ଲାଗି ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ମିଳିଥିଲା। ଫଳରେ ଆଇପିଏଲ୍‌ରେ ଏଥର ଡେଭିଡ୍‌ଙ୍କ ମୋଟ୍ ଡିମେରିଟ୍ ପଏଣ୍ଟ ୫ରେ ପହଞ୍ଚିଛି। ଯାହା ଫଳରେ ନିୟମ ଅନୁଯାୟୀ ସେ ସ୍ୱତଃ ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଏଥର ଆଇପିଏଲ୍ ଶେଷ ହୋଇଯାଇଥିବାରୁ ପରବର୍ତ୍ତୀ ସଂସ୍କରଣରେ ଡେଭିଡ ଖେଳିବାକୁ ଥିବା ପ୍ରଥମ ମ୍ୟାଚରୁ ବାସନ୍ଦ ହୋଇଛନ୍ତି।

ଖୋର୍ଦ୍ଧାରେ ଚାଲିଥିବା ଜାତୀୟ ଜୁନିଅର କିକ୍‌ବକ୍ସିଂ ଚାମ୍ପିଅନ୍‌ସିପ୍‌ର ଉତ୍କଣ୍ଠାପୂର୍ଣ୍ଣ ଲଢ଼େଇ

ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ୬ରୁ | ଭାରତୀୟ ଦଳର ଅଭ୍ୟାସ

ଚଣ୍ଡିଗଡ,୨।୬(ଏଜେନ୍ସି)

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମୁକାବିଲା ମୁଲାନପୁରର ହାଇସ୍କୋରିଂ ପିଚ୍‌ରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ଏହି ଟେଷ୍ଟ ଲାଗି ଉଭୟ ଭାରତ ଓ ଆଫଗାନିସ୍ତାନ ଦଳର କିଛି ଖେଳାଳି ମୁଲାନପୁରରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ସେମାନଙ୍କ ମଧ୍ୟରେ ଋଷଭ ପନ୍ତ ଅନ୍ୟତମ। ଏଠାରେ ସେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ। ଆସନ୍ତାକାଲି ସକାଳ ୯ଟା ୩୦ରୁ ୧୨ଟା ୩୦ ଯାଏ ଆଫଗାନିସ୍ତାନ ଓ ଅପରାହ୍ଣ ୧ଟା୩୦ରୁ ୪ଟା ୩୦ ଯାଏ ଭାରତୀୟ ଦଳ ଅଭ୍ୟାସ କରିବ। ଆସନ୍ତାକାଲି ସୁଦ୍ଧା ଏହି ଟେଷ୍ଟ ଲାଗି ମନୋନୀତ ସମସ୍ତ ଭାରତୀୟ ଖେଳାଳି ପହଞ୍ଚିବେ। ଆଫଗାନିସ୍ତାନ ଦଳର ସମସ୍ତ ଖେଳାଳି ପହଞ୍ଚିସାରିଛନ୍ତି।

ନବି, ପ୍ରିନ୍ସ ନେଟ ବୋଲର

ଏହି ଟେଷ୍ଟ ଲାଗି ଅଭ୍ୟାସ କରିବା ଲାଗି ୬ଜଣ ଖେଳାଳିଙ୍କୁ ବିସିସିଆଇ ନେଟ୍ ବୋଲର ଭାବେ ନିଯୁକ୍ତ କରିଛି। ସେମାନେ ହେଲେ ଗୁରଜାନପ୍ରୀତ୍ ସିଂହ, ଆକ୍ୱିବ୍ ନବି, ପ୍ରିନ୍ସ ଯାଦବ, ସାଂଶ ଜୈନ, ଜୀଶାନ ଆନସାରୀ ଓ ଶିବାଙ୍ଗ କୁମାର। ଭାରତୀୟ ବ୍ୟାଟରଙ୍କୁ ଟେଷ୍ଟ ପ୍ରସ୍ତୁତିରେ ଏମାନେ ସହାୟତା କରିବେ।

ଟେଷ୍ଟ ଦଳ: ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ଲୋକେଶ ରାହୁଲ (ଉପଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ (ୱିକେଟକିପର), ଦେବଦତ୍ତ ପାଡ଼ିକଲ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ଗୁରନୁର ବ୍ରାର, ହର୍ଷ ଦୁବେ, ଧ୍ରୁବ ଜୁରେଲ।

ଓଡ଼ିଶା ମହିଳା ଲିଗ୍ ଫୁଟବଲ

ଓଡ଼ିଶା ପୁଲିସ, କିଟ୍/କିସ୍‌ର ବିଜୟ

ଭୁବନେଶ୍ୱର,୨।୬(ସମିସ): ଆଜି ଏଠାରେ ଅନୁଷ୍ଠିତ ଓଡ଼ିଶା ମହିଳା ଲିଗ୍ ଫୁଟବଲ୍‌ରେ ୨ଟି ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୪-୦ ଗୋଲରେ ଯୋଡାର ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ୨-୧ ଗୋଲରେ ୟଙ୍ଗ ଆସୋସିଏସନ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ପକ୍ଷରୁ ମାଳତୀ ମୁଣ୍ଡା ୨ଟି, ସସ୍ମିତା ତନ୍ତୀ ଓ ସଙ୍ଗୀତା ଖାଡିଆ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କ୍ୟାପିଟାଲ ଫୁଟବଲ ଆରେନାରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ସୁଦ୍ଧା ପୁଲିସ୍ ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପରାଜିତ ଦଳ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ପକ୍ଷରୁ ଅଙ୍କିତା ନାୟକ ଓ ଜ୍ୟୋତ୍ସ୍ନା ମୁଣ୍ଡାରୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପରାଜିତ ୟଙ୍ଗ ଆସୋସିଏସନ ପକ୍ଷରୁ ପୁଷ୍ପା କିଶାନ ଗୋଟିଏ ଗୋଲ ଶୁଝାଇଥିଲେ।

ଫିଫା ବିଶ୍ୱକପ୍ ଖେଳିବେ ୨ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ବିଶ୍ୱର ସବୁଠାରୁ ପ୍ରତିଯୋଗିତାମୂଳକ ଖେଳ ଫୁଟବଲର ଫିଫା ବିଶ୍ୱକପ୍‌ରେ ଭାରତ ଅଂଶଗ୍ରହଣ କେବେ କରିବ ତାହା କହିବା ସମ୍ଭବ ନୁହେଁ। କିନ୍ତୁ ଏଥର ଆମେରିକା, ମେକ୍ସିକୋ ଓ କାନାଡାରେ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ସିନିଅର ପୁରୁଷ ଫିଫା ବିଶ୍ୱକପ୍‌ରେ ୨ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଜଣେ ହେଉଛନ୍ତି କତାର ଟିମ୍‌ରେ ସ୍ଥାନ ପାଇଥିବା କେରଳ ରାଜ୍ୟ କନ୍ନୁରର ତହସିନ ମହମ୍ମଦ୍ ଜାମ୍‌ସିଦ୍ ଓ ଅନ୍ୟ ଜଣେ ହେଉଛନ୍ତି ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ତାମିଲନାଡୁର ନିଶାନ ଭେଲପିଲେ। ଉଭୟ ଖେଳାଳି ନିଜ ଦେଶ ପକ୍ଷରୁ ନ ଖେଳିଲେ ମଧ୍ୟ ଭାରତକୁ ଗର୍ବିତ କରିଛନ୍ତି। ପୂର୍ବରୁ ୨୦୦୬ ବିଶ୍ୱକପ୍‌ରେ ଫ୍ରାନ୍ସ ଦଳ ପକ୍ଷରୁ ବିକାଶ ଧୁରାସୁ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଫିଫା ବିଶ୍ୱକପ୍ ଖେଳି ରନର୍ସଅପ୍ ହୋଇଥିଲେ। ବିକାଶଙ୍କ ପରିବାର ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରେ ରହୁଥିଲେ। ଏବେ ବିଶ୍ୱକପ୍‌ରେ ୪୮ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ୨ଜଣ ଭାରତୀୟ ବଂଶୋଦ୍ଭବ ସେମାନଙ୍କ ପ୍ରତିଭା ବଳରେ କତାର ଓ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି।



ତହସିନ ଜାମ୍‌ସିଦ୍



ନିଶାନ ଭେଲପିଲେ

■ **ନେସନ୍ସ କପ୍ ମହିଳା ହକି**

ଓଡ଼ିଶାରୁ ସୁନେଲିତା ସାମିଲ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଗାମୀ ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ସେହିଭଳି ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ମଧ୍ୟଭାଗ ଖେଳାଳି ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଦଳରେ ଦୁଇଜଣ ଗୋଲ୍‌ରକ୍ଷକ ସବିତା ଓ ବିଚ୍ଛୁଦେବୀଙ୍କୁ ନିଆଯାଇଛି। ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ସହରରେ ଏଫ୍‌ଆଇଏଚ୍ ନେସନ୍ସ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଜାପାନ, ଆମେରିକା ଓ ଉରୁଗୁଏ ସହ ସ୍ଥାନ ପାଇଛି। ସେହିଭଳି ପୁଲ୍-ବି'ରେ ଆୟୋଜକ ନ୍ୟୁଜିଲାଣ୍ଡ ସହ ଚିଲି, କୋରିଆ ଓ ଫ୍ରାନ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତୀୟ ମହିଳା ହକି ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ଜୁନ ୧୬ରେ ଜାପାନ ଓ ୧୮ରେ ଉରୁଗୁଏକୁ ଭେଟିବ ଭାରତ। ନେସନ୍ସ କପ୍ ପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଯେଉଁଠାରେ ଘରୋଇ ଦଳ ସହ ଏକ ୪ ମ୍ୟାଚ୍‌ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଫ୍ରେଞ୍ଚ୍ ଓପନରୁ ଭିଟୋଲିନା ବିଦା; ସେମିରେ ଆନ୍ଦ୍ରିଭା-କୋସ୍ତ୍ୟୁକ୍

ପ୍ୟାରିସ୍,୨।୬(ଏଜେନ୍ସି)

ବିଶ୍ୱର ଅନ୍ୟତମ ଖାତନାମା ଖେଳାଳି ତଥା ୭ମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ଏଠାରେ ଚାଲିଥିବା ଫ୍ରେଞ୍ଚଓପନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସେ ୧୫ତମ ସିଡ୍ ତଥା ନିଜ ଦେଶର ମାର୍ତ୍ତା କୋସ୍ତ୍ୟୁକଙ୍କଠାରୁ ୩-୬, ୬-୨, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରୁଷିଆର ମାରିଆ ଆନ୍ଦ୍ରିଭା ଫର୍ମରେ ଥିବା ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ ୬-୦, ୬-୩ରେ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ୮ମ ସିଡ୍ ଆନ୍ଦ୍ରିଭାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକଘଣ୍ଟାରୁ କମ୍ ସମୟ ଲାଗିଥିଲା। ଏହି ବିଜୟ ଫଳରେ ମହିଳା ଏକକ ପ୍ରଥମ ସେମିଫାଇନାଲ୍‌ରେ ୮ମ ସିଡ୍ ଆନ୍ଦ୍ରିଭାଙ୍କ ସହ ୭ମ ସିଡ୍ ୟୁକ୍ରେନର କୋସ୍ତ୍ୟୁକଙ୍କର ମୁକାବିଲା ହେବ। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଲାଗିଥିଲାବେଳେ ଏହି ମୁକାବିଲା ଉପରେ ସମସ୍ତଙ୍କ ନଜର ରହିବ।

ଅନ୍ୟପକ୍ଷରେ ଆସନ୍ତାକାଲି ଖେଳାଯିବାକୁ ଥିବା ମହିଳା ଏକକର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କ ସହ ରୁଷିଆର ଡାଏନା ସାଣ୍ଡରଙ୍କର ଏବଂ ଫ୍ରାନ୍ସୀ ମାଜା ଚାୱଲନିସ୍କାଙ୍କ ସହ ଆନ୍ନା କାଲିନସ୍କାୟାଙ୍କର ମୁକାବିଲା ହେବ।

ସେମିରେ ଜ୍ୱେରେଭ

ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ୩-୦ ସେଟ୍‌ରେ ୨୭ ନମ୍ବର ସିଡ୍ ସ୍ପେନ୍‌ର ରାଫେଲ ଜୋଡରଙ୍କୁ ହରାଇ ପୁରୁଷ ବିଭାଗ ଏକକ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭-୬, ୭-୧, ୭-୩ ସେଟ୍‌ରେ ଜୋଡରଙ୍କୁ ପରାସ୍ତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟରରେ ଜ୍ୟାକବ ମେନ୍‌ସିକ୍‌ଙ୍କ ସହ ବ୍ରାଜିଲ୍‌ର ଜୋଆଓ ଫୋନସେକାଙ୍କୁ ଭେଟିବେ। ଏହି ମ୍ୟାଚ୍‌ର ବିଜେତା ସହ ଜ୍ୱେରେଭ ପ୍ରଥମ ସେମିରେ ଖେଳିବେ। ପୁରୁଷ ଯୁଗଳ ବିଭାଗରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଓ ମାର୍ସେଲୋ ଡେମୋଲିନ୍‌ଙ୍କ ଯୋଡି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS